ବୋମ

ଏମାର୍ କେଆର୍

Digitized by srujanika@gmail.com

ଢୋଲ

ଏମାର୍ କେଆର୍

ପ୍ରକାଶକ ଏବଂ ପ୍ରସାରକ

ସୁଲଭ ପ୍ରକାଶନୀ

ବଳଗଣ୍ଡି, ପୁରୀ-୧

Digitized by srujanika@gmail.com

ଢୋଲ

DHOLA

(ହାସ୍ୟ ଗଳ୍ପ ସଂକଳନ)

(A.Humerous Story Collecton)

ଶବ୍ଦ ସଂଯୋଜନା :—
ଏମାର୍ କେଆର୍
ଲକ୍ଷ୍ମୀ ଭବନ, କୁଣ୍ଢେଇବେଣ୍ଟ ସାହି
ପୁରୀ-୧

●

ଜୀବନ ସଂଯୋଜନା :—
ଶ୍ରୀମତୀ ସ୍ୱପ୍ନା ଦଳାଇ
ସୁଲଭ ପ୍ରକାଶନୀ
ବଳଗଣ୍ଡି, ପୁରୀ-୧

●

ଅକ୍ଷର ସଂଯୋଜନା :—
ସିଂହାସିନୀ ପ୍ରିଣ୍ଟର୍ସ
ହରଚଣ୍ଡୀ ସାହି, ପୁରୀ-୧

●

ସର୍ବ ସତ୍ତ୍ୱ :—
ଶ୍ରୀ ନିମେଇଚରଣ ବଡ଼ଜେନା
ବାଲିପଡ଼ା, ଓଲ୍ହାଣ-ପୁରୀ

●

ପ୍ରକାଶ କାଳ :—
ଦୋଳ ପୂର୍ଣ୍ଣିମା
୧୯୯୩

●

ମୂଲ୍ୟ :-
ଚାଲୁ ଟ. ୧୪-୯୦ ପ
ସ୍ପେଶାଲ୍ ଟ. ୧୯-୯୦ ପ

●

Author :—
Emar Care
Laxmi Bhawan,
Kundheibent Sahi, Puri-1

●

Publisher :—
Smt. Swapna Dalai
Sulava Prakashanee
Balagandi, Puri-1

●

Printers :—
Singhasinee Printers
Harachandi Sahi, Puri-1

●

Copy Rights :—
Sri Nimei Charan Badajena
Balipada, Olhana, Puri

●

Publication Time :—
Dola Purnima
1993

●

Price :—
Chalu Rs. 14-90 p.
Special Rs. 19-90 p.

●

Digitized by srujanika@gmail.com

ନିଜ କଥା

ମୋର ଶତାଧିକ ହାସ୍ୟଧର୍ମୀ ଗଳ୍ପ, କବିତା ଆଦି ଓଡ଼ିଶାର ନାନା ପତ୍ର ପତ୍ରିକାରେ ଦୁଇ ଦଶନ୍ଧି ଧରି ପ୍ରକାଶିତ ହୋଇଥିବା ପରେ ନିଜର ଟିକିଏ ବହି ଜାତ ହୋଇଥିଲା । ମନରେ ଭାବଥିଲି କଟକ ବାଙ୍କାବଜାରର ଶୁଭ ଦୃଷ୍ଟି ମୋ' ଉପରେ ଆପଣା ଛୁଏଁ ପଡ଼ିବ······। ଏମିତି ଭାବି ମୁଁ ମୋର ଦାଣରେ ବସିରହିଥାଏ ।

ଇତି ମଧ୍ୟରେ ମୋ ସହରର ସାହିତ୍ୟିକ ଯୁବ ବନ୍ଧୁ ଶ୍ରଦ୍ଧେୟ ବିପିନ ବିହାରୀ ଦଳାଇ, ଆଡ଼୍‌ଭୋକେଟ, ତାଙ୍କର ସ୍ୱର୍ଗତା ଜନନୀଙ୍କ ନାମରେ ପ୍ରକାଶନ ସଂସ୍ଥାଟିଏ ସ୍ଥାପନ କରି ଏହାର ପ୍ରଥମ ଅବଦାନ ରୂପେ ମୋର **'ଢୋଲ'** ନାମକ ଗଳ୍ପ ସଂକଳନଟି ପ୍ରକାଶ କରିବାର ନିଷ୍ପତ୍ତି ନେଲେ ! ଫଳରେ ଏକ ଅବହେଳିତ ଦୀନ ଲେଖକଟିର ମନସ୍କାମନା କେବଳ ପୂରଣ ହେଲାନାହିଁ, ତାହାର ଲେଖାକୁ ଆଦର କରୁଥିବା ପାଠକ ପାଠିକାମାନଙ୍କ ପାଖରେ ଫୁଲତୋଡ଼ାଟି ପହଞ୍ଚାଇବାର ସୁଯୋଗ ସେ ପାଇଲା ।

ବହି ଛପାଇବାରେ ଏତେ ଝଟା ? ପ୍ରୁଫ୍ ସଂଶୋଧନ କରିବା ପରେ ମଧ୍ୟ ମୋର ନିଜ ଗଲ୍‌ତିରୁ ତଥା ଯାନ୍ତ୍ରିକ ଦୋଷରୁ ଅନେକ ମୁଦ୍ରା ପ୍ରମାଦ ରହିଗଲା । ସୁଧୀ ପାଠକମାନଙ୍କ ପାଖରୁ କ୍ଷମାଭିକ୍ଷା କରିବାଠାରୁ ଆଉ ସହଜତର ଉପାୟ ମୋ ପାଖରେ କଅଣ ରହିଲା ?

ଏମିତି ଛପା ଚାଲିଥିବାବେଳେ ଦିନେ ବିପିନ ବାବୁ ବହିର ନାମ କଅଣ ଦେବା ବୋଲି ପଚାରି ବସିଲେ । ଅନେକ ନାମ ବଚ୍ଛା କରି ପରେ ସେ ହିଁ ଢୋଲ ନାମ ପ୍ରସ୍ତାବ ଦେଲେ । ଏ ଯାବତ୍ ଅପ୍ରକାଶିତ ରହି ମୋ ଘରି ସଡ଼ୁଥିବା ଲେଖକ ଢୋଲ ପିଟିବାକୁ ସ୍ୱତଃ ଆଗ୍ରହୀ ହୋଇ ଉଠିଲା । ତେଣୁ ଆଉ ମୁଣ୍ଡ ନ ଖେଳାଇ ଏହି ଢୋଲ ନାମକୁ ଏକ, ଦୁଇ, ତିନି କରିଦେଲି । ଏ ଯୁଗ ମଧ୍ୟ ଢୋଲ ପିଟା ଯୁଗ । ପାଟିତୁଣ୍ଡ କରି ହୋହାଲ୍ଲା କରି ଆଗକୁ ନ ବାହାରିଲେ, ମଶାଣିକୁ ବୁହାହେବା ପର୍ଯ୍ୟନ୍ତ ସେହିପରି ପଡ଼ି ରହିବା ସାର ହେବ ।

Digitized by srujanika@gmail.com

ଗଳ୍ପ ଗୁଡ଼ିକ ନିର୍ବାଚନ କରିବାରେ ବନ୍ଧୁ ଅଧ୍ୟାପକ ସୁନିର୍ମଳ ରଥ ବିଶେଷ ମଦତ୍ କଲେ । ତାଙ୍କ ଘରେ ଚାହା ବିସ୍କୁଟ୍ ଖୁଆଇ, ନିଜ ଗବେଷଣା କାମରେ ଥୁକୁଲ୍ ପକାଇ ଅନେକରୁ ଏକକୁ ବାଛିବାରେ ଦିପହରଟା ସାରା ମୋ' ପାଇଁ ବ୍ୟୟ କରିଦେଲେ ତାଙ୍କୁ ଧନ୍ୟବାଦ ନ ଦେଲେ ମୁଁ ଅକୃତଜ୍ଞ ରହିଥାନ୍ତି ।

ଏହି ସଂକଳନରେ ସ୍ଥାନିତ ଅଧିକାଂଶ ଗଳ୍ପ ପୂର୍ବରୁ ସୌରଭ, ଡଗର, ବନ୍ଧୁ ଓ ସିନ୍ଧୁ, ଫଲ୍‌ଗୁ ଏବଂ ଦୈନିକ ସମ୍ବାଦ ଆଦି ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିବାରୁ ମୁଁ ସେହି ସମ୍ପାଦକମାନଙ୍କ ନିକଟରେ କୃତଜ୍ଞ ।

ପରିଶେଷରେ ସଂକଳନଟିର ପାଠକପ୍ରିୟ ଆଦୃତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କର ଆଶୀଷ ଭିକ୍ଷା କରି ରହୁଅଛି ।

ଲେଖକ

Digitized by srujanika@gmail.com

❊ ସୂଚୀପତ୍ରିକା ❊

କ୍ର: ନଂ:	ବିଷୟ	ପୃଷ୍ଠା ନଂ
୧ ।	ଆମମାଣ ଛଅଗୁଣ୍ଠ	୧
୨ ।	ଆଲ୍ଲାଙ୍କ ଛପର ଫଡ଼ା	୧୧
୩ ।	ମାଛ ମୁଣ୍ଡ	୧୮
୪ ।	ବୁମେରାଂ	୨୭
୫ ।	ମିଛରୁ ମିଛ	୩୫
୬ ।	ରେସିଡେନ୍‌ସିଆଲ ଫୋନ୍	୪୨
୭ ।	ପାଖରେ ଶୁଏ କାନରେ କୁହେ	୫୧
୮ ।	କଣ୍ଟକ ବଦଳି	୬୧
୯ ।	ଖଣ୍ଟା ପ୍ରେମ	୭୯

Digitized by srujanika@gmail.com

ଆଠମାଣ-ଛଅଗୁଣ୍ଠ

ଉନେଇଶି ଶହ ବାଉନ୍ ମସିହାରେ ଲୋକସଭାରେ ଯେତେବେଳେ 'ପଞ୍ଚାୟତ ରାଜ' ବିଲ୍ ଉପସ୍ଥାପିତ କରାଗଲା, ପ୍ରବୀଣ ଲୋକସଭା ସଦସ୍ୟ ଆଚାର୍ଯ୍ୟ ଜେ. ବି. କୃପାଳନୀ ଏହି ବିଲ୍ ଉପରେ ମନ୍ତବ୍ୟ ଦେଇଥିଲେ ଯେ ଏହାଦ୍ୱାରା ଦୁର୍ନୀତିକୁ ବିକେନ୍ଦ୍ରୀକରଣ କରାଗଲା । ଏହି ମନ୍ତବ୍ୟର ସତ୍ୟତା ଦେଶରେ ଆଜି ଯେଉଁଠି ଫଳୁ ନ ଫଳୁ, ଆମ ଅଞ୍ଚଳରେ ଶତକଡ଼ା ଶହେ ଅଂଶରେ ଫଳିଲା ।

ଆମର ସେପଟେ ଆଠ ଦଶ ଖଣ୍ଡ ମୌଜାରେ, ପାଠ ଦି' ଅକ୍ଷର ଯିଏ ପଢ଼ିଲା, ସେ କଟକ, ବାରଙ୍ଗ, ଭୁବନେଶ୍ୱର ଆଦି ସହର ଗୁଡ଼ାକରେ କିଛି ନା କିଛି ଚାକିରିରେ ପଶିଗଲା । ଗାଁରେ ରହିଲେ ନିରକ୍ଷର ଚାଷୀ, ମୂଲିଆ । ଯାହା ଅଳ୍ପସ୍ୱଳ୍ପ ଶିକ୍ଷିତ ପିଲାଏ ରହିଲେ, ସେମାନେ ବେପାର ବଣିଜ କରି ଟାଉଟରି ଆରମ୍ଭ କରିଦେଲେ । ଆମେ ଯେ ଥୋକାକ ଜନ୍ମ ମାଟି ଛାଡ଼ିଲୁଁ, କଟକ, ଭୁବନେଶ୍ୱର ମାଟି କି ମାୟା ଲଗାଇଲା କେଜାଣି, ଗାଁରେ ଦିନକରୁ ଦି'ଦିନ ରହିଲେ କୁଣିଆ ଲାଜ ମନରେ ପଶିଲା । ଗାଁର ଭଲ ମନ୍ଦ, ହାନି ଲାଭ, କୋଉଥିରେ ଆମେ ମୁଣ୍ଡ ପୂରାଇଲୁ ନାହିଁ । ଫଳରେ "ଅଳ୍ପ ବିଦ୍ୟା ଭୟଙ୍କରୀ" ଗାଁରେ ସତ୍ୟ ପ୍ରକଟ ହେଲା । ସବୁ ଦେଖି ଶୁଣି ଆମେ କୁଣିଆ-ଘର ମାମଲାରେ ମୁଣ୍ଡ ନ ଖେଳାଇଲା ପରି ନିର୍ଲିପ୍ତ ରହିଲୁଁ ।

ଆମ ଗାଁର ମଙ୍ଗୁରାମ ପ୍ରହରାଜ ଜଣେ ଦରପାଠୁଆ । ଗାନ୍ଧିଜୀ ଯୁବଙ୍କୁ ପଢ଼ା ଛାଡ଼ିବା ପାଇଁ ପ୍ରତ୍ୟକ୍ଷ ଭାବରେ ଡାକ ନ ଥିଲେ । ଗାନ୍ଧିଜୀଙ୍କ ଡାକରା ଅପେକ୍ଷା ଷଷ୍ଠ ଶ୍ରେଣୀର ଦଶମିକ ଭଗ୍ନାଂଶ ତଥା ଜ୍ୟାମିତିର ରୈଖିକ ଇନ୍ଦ୍ରଜାଲକୁ ପ୍ରହରାଜେ ଦେଶର ଡାକରା ବୋଲି ଧରିନେଲେ । ପଢ଼ିଲେ ପଢ଼ିଲେ ସ୍କୁଲ ଯିବା ବନ୍ଦ କରିଦେଲେ । ତା ପରେ ଆଜି କଅଣ କରିବାକୁ ହେବ ଜାଣି ନ ଥିବାରୁ ବାଡ଼ି ଗଡ଼ିଆରେ ଚେଙ୍ଗ, କଉ ଅଣ୍ଡାଳିବାଠାରୁ ଗାଁଆ

Digitized by srujanika@gmail.com

ଡେଓଳର ପାଗଳୁଡ଼ାଙ୍କୁ ବାଟ୍‌ଲିଖଡ଼ାରେ ନିଶାଣ ଲଗାଇବା ଚେଷ୍ଟା କଲେ । ଦୁଇଟିଯାକ କର୍ମ ବ୍ରାହ୍ମଣ ଧର୍ମ ବାହାର ହୋଇଥିବାରୁ ନନ.ଙ୍କ ପ୍ରସ୍ତାବିତ ଉଗ୍ର ସାହୁ କଣ୍ଟ୍ରୋଲ ଦୋକାନରେ ହିସାବରକ୍ଷକ ପଦରେ ବାହାଲ ହେଲେ । ଉଗ୍ର ସାହୁଙ୍କୁ ସାଗୁଦାନାଟିରେ ଟେକାଠେଙ୍କେ ଚଣେ କରିବାକୁ ପ୍ରହରାଜଙ୍କୁ ବେଶୀ ବେଳ ଲାଗି ନ ଥିଲା । ତାଙ୍କର ସୁଚାରୁରୂପେ ହିସାବ ରକ୍ଷା ପ୍ରଣାଳୀ ଯୋଗୁଁ ଉଗ୍ର ସାହୁ ଥରେ ହାଜତରୁ ଜାମିନ୍‌ରେ ଆସିବା ପର୍ଯ୍ୟନ୍ତ କଥା ଯାଇଥିଲା ଏବଂ କଣ୍ଟ୍ରୋଲ ଡିଲର୍ ସିପ୍‌ରୁ ନାମ କଟିଯାଇଥିଲା । ଗୃହସ୍ଥ ଜୀବନରେ ଦୋକାନ କାମ ସମାନ୍ତରେ ପ୍ରହରାଜେ ପଟ୍ଟାଇ ଅଫିସରେ ସମସ୍ତଙ୍କର ପରିଚିତ ଥିଲେ । ତେଣୁ କଣ୍ଟ୍ରୋଲ ଡିଲର୍ ସିପ୍‌ଟା ହାସଲ କରିବାକୁ ତାଙ୍କୁ ବେଜାଏ ସମୟ ବା ଅର୍ଥ ଲଗାଣ କରିବାକୁ ପଡ଼ି ନ ଥିଲା ।

ହୁ ଦେଖି ଦେଶ ସ୍ୱାଧୀନ ହୋଇଗଲା । ନିର୍ବାଚନ ଗୋଟାଏ ଅଧେ ହୋଇଗଲା । ଆମ ଅଞ୍ଚଳର ବିଧାନସଭା ପ୍ରାର୍ଥୀ ପ୍ରହରାଜଙ୍କ ଉପଦେଶ ଅନୁସାରେ ସେ କଂଗ୍ରେସଯୁକ୍ତ ହେଲେ । ଖାଲି ତାଙ୍କର ପ୍ରରୋଚନାରେ ପଡ଼ି ସେ ପ୍ରହରାଜେ ଖଦଡ଼ ପିନ୍ଧିଲେ ।

ଗ୍ରାମପଞ୍ଚାୟତ ରାଜ ଆରମ୍ଭ ହେବାରୁ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେଲା । ଆମ ମଙ୍ଗୁରାମ ପ୍ରହରାଜେ ସେଥିରେ ପ୍ରାର୍ଥୀ ହେବାକୁ ଇଚ୍ଛା କରି ଭୁବନେଶ୍ୱର, କଟକ ଧାଁ ଦଉଡ଼ କଲେ । ଗାଁ ଲୋକଙ୍କ ଘରେ ଭୋଜନର ବରାଦ ଦେଇ ସେ ମନ୍ତ୍ରୀ, ଏମ୍. ଏଲ୍. ଏ.ଙ୍କ ପିଛା ଧରିଲେ । ସେଠାରୁ ସେ କି ଇଲମ ଧରି ଗାଁକୁ ଫେରିଲେ କେଜାଣି ଦୁଇ ମାସ ପରେ ଦେଖିଲା-ବେଳକୁ ସେ ଆମ ଗ୍ରାମପଞ୍ଚାୟତର ଅବୈତନିକ ସରପଞ୍ଚ ହୋଇ ବସିଛନ୍ତି ।

ଧନ, ଜନ, ଗୋପଲକ୍ଷ୍ମୀ ହମହମ ବଢ଼ିବାରେ ଲାଗିଲେ । ଯାନବାହନ, ଲୁଗାପଟାରେ ପ୍ରଥମେ ପରିବର୍ତ୍ତନ ହେଲା ବାସଗୃହର ସେତେବେଳେ ଭୂସୁଦୀ ପରିବର୍ତ୍ତନ ହେଲା, ଲୋକେ ଅବୈତନିକ ସରପଞ୍ଚଙ୍କର ସର୍ବାଙ୍ଗବୈଷ୍ଣବ ପଣିଆ ଲକ୍ଷ୍ୟକରି ଫୁସ୍‌ଫାସ୍ ଆରମ୍ଭ କଲେ । ହେଲେ କହିଲେଇ ବେକରେ କୋଉ ମୁଣ୍ଡ ବସିବ ? ହାକମ-ହୁକୁମାଙ୍କର ଚଳ ଆଇଲା, ପୁଣ୍ୟ ପର୍ବ, ଦାନ ଲାଭ ସବୁତ ସରପଞ୍ଚେ ଲୁଟୁଛନ୍ତି । ନାହିଁ, ଅସହଣୀ ଲୋକମାନଙ୍କୁ ଦେଖ ! କନ୍ଟ୍ରୋଲ ମହଜୁଦମାନଙ୍କରେ ଅଧଲାଏ ଚାନ୍ଦା ନ ଦେଇ ଜବର ଟଙ୍କା ପାଶ

Digitized by srujanika@gmail.com

ଟେଣ୍ଡର ମାରୁଛନ୍ତି, ପକେଟରେ ନେଉଛନ୍ତି—ଖାଉଛନ୍ତି—ଘରରେ ମାଟେର ହଉଛନ୍ତି । ପ୍ରଧାନଙ୍କେ ଏହାକୁ ମୁହଁ ବୁଲାଇଦେଲେ, ବଡ଼ବାବୁ ବାଟଭେଙ୍କର ମୌନବ୍ରତ ଧାରଣ କରୁଛନ୍ତି ମେଣ୍ଢା ଗୁଡ଼ିଏ ବ ! ସରପଞ୍ଚଙ୍କର ଦୋଷ କଅଣ ଯେ ? ପଞ୍ଚାୟତ ପ୍ରତିଷ୍ଠା ହେବାର ତିନି ବର୍ଷ ପର୍ଯ୍ୟନ୍ତ ହିସାବ ଦେଖି ହେଲାନାହିଁ । ଚାଲ ଆସିଲା ହାକିମମାନେ କ୍ୟାମ୍ପ ଦଳ ଢଙ୍ଗରେ ଟଙ୍କା ମିଳାଇ ନେଲେ କର୍ତ୍ତବ୍ୟ ଶେଷ ହୋଇ ବୁଝର କଲେ । ସବୁ ହିସାବ ପତ୍ର ପତ୍ର ଉଡ଼ିଗଲା ବୋଲି ପ୍ରଧାନଙ୍କ ବାହୁ ବାଡ଼େଇ ପ୍ରଚାର କରନ୍ତି ।

ଆସିଗଲା ଆଉଥରେ ପଞ୍ଚାୟତ ନିର୍ବାଚନ । ପ୍ରଧାନଙ୍କେ ଦଳବଳେ ନିର୍ବାଚନ ଜିଣିଲେ । ହାକିମମାନେ ଗସ୍ତରେ ଆସି ଡାକବଙ୍ଗଳାରେ ବେଡ଼ାଇ ଶାଳରୁ ଗ୍ରାମପଞ୍ଚାୟତରେ ଅଗ୍ରଗତି କଳି ନଅନ୍ତି । ମୁଣ୍ଡା ମୁଣ୍ଡା ବେଳି ଖଟୁଡ଼ିର ପଞ୍ଚାୟତ ମାଛ ପୋଖରର ପ୍ରଗତି ହ୍ୟାଚେରି କୁକୁଡ଼ାରେ ଡବଲ ବେଷ୍ଟରୁ କୁକ୍କୁଟ ପାଳନର ଉନ୍ନତି ଆଉ ପଲ ଉପରେ ବ୍ୟବସ୍ଥିତ ସବୁ ଗଉଳରୁ କୃଷିକର୍ମାଣିର ସଦ୍‌ଗତି ପତରାଳ ନିଅନ୍ତି । ଗ୍ରାମସେବକ ବିଚରା ଲୋକଙ୍କୁ ଜଦାର ମୁଣ୍ଡିଆ ମାର ହାତରୁ ସୁଜଳା ଜଳିଶି ଯୋଗାଇ, ଜପ୍ ରାସ୍ତାକଡ଼ କଆଳଗୁଡ଼ିକରେ ଧାଡ଼ି ଧରି ଧାନ କରାଇଦେଲେ ଜାପାନୀ ପ୍ରଣାଳୀରେ ଧାନ ବୃଷର ବାଡ଼ୁଳତା ସରକାରୀ ନଥିପତ୍ରରେ ଦରଜ ହୋଇଯାଏ । ଗ୍ରାମସେବକର ମଧ୍ୟ ଛୁଟି ।

ହଁ ଥରୁ ପାଞ୍ଚ ନାଏବ ସରପଞ୍ଚ ହୋଇଥାଏ ଆମ ଗାଁ ଦାମୁ ଭଣ୍ଡାରୀ । ଆଜିକାଲି ତା' ଘରେ ଆଉ ମୁଠେ ଖୋଜିଲେ ମିଳିବ ନାହିଁ । ଏବେକୁ ସେ ଶ୍ରୀ ପାନଦଙ୍କ ବାରିକ, ନା. ସ. । ପାଳନ ନଂଙ୍କର ବର୍କି ହୁଅନ୍ତୁ ଅବା ନାହିଁ, ଆମ ପ୍ରଧାନଙ୍କ ସେ ନଦର ବନ୍ଧୁ । ଘରୁ ଶୁଭ କର୍ମରେ ଦୁହେଁ ଭଣ୍ଡାରୀ ଯୋଡ଼ି ରହନ୍ତି । ଗ୍ରାମପଞ୍ଚାୟତ ଅବ ଶୁଭଦ ପୂଜା ଅନୁଷ୍ଠାନରେ ଭଲା ସେ ଯୋଡ଼ି କମିତ ଭାଙ୍ଗନ୍ତା ? ପ୍ରଧାନଙ୍କର ସବୁ କାମରେ ସେ ଶକୁନି ମନ୍ତ୍ରୀ । ଅନ୍ୟାନ୍ୟ ଓ୍ୱାର୍ଡ଼ ମେମ୍ବରଙ୍କୁ ରାସ୍ତାଘାଟର କଣ୍ଟ୍ରାକ୍ଟ ଖଣ୍ଡ ଅଧେ ଦେଇ ହଜାରେ ଦି' ହଜାରର ମଧା ଦେଖାଇଦେଲେ ସେମାନେ ଚୁପ । ସଭାକୁ ନଆସି ଅନୁପସ୍ଥିତ ସଭାରେ ଗୃହୀତ ପ୍ରସ୍ତାବ ମଧ୍ୟରେ ସଇ କରି ଦେବାକୁ ମଧ୍ୟ ଅନେକ ମେମ୍ବର ଆଗଭର ହୋଇ ପଡ଼ନ୍ତି । ବଢ଼ାବାଢ଼ି ବା ଅନାସ୍ଥା

Digitized by srujanika@gmail.com

ପ୍ରସ୍ତାବ ଆସିବାର ଆଦୌ ଆଶଙ୍କା ନାହିଁ । ବାହାରକୁ ଦେଖିବାରେ ପଞ୍ଚାୟତ କାମ ବେଶ୍ ସୁନ୍ଦର ଚାଲିଛି । ମାସକ ହାକିମ ହୁକୁମା ଆସିଲେ ଉଣା ଅଧିକେ ସବୁ ମେମ୍ବର ଡାକ ବଙ୍ଗଳା ହତାରେ ପଇଁତରା ମାରନ୍ତି । କେତେ-ବେଳେ କ.ହାକୁ ଅବା ଖୋଜା ପଡ଼ବ । ମୂଳ କଥା ତା ନୁହେଁ । ମସ୍ତ ସୂଚୀ ଜଣା ହେବାରେ ସାହ ଗାଁ ଖୋଜାଖୋଜ ହୋଇ ଆସିଥିବା ଖାସି ପିଲାର ପାଞ୍ଚଜନ୍ୟ ଶଙ୍ଖଧ୍ୱନି ସବୁ ମେମ୍ବରମାନଙ୍କୁ ନିମନ୍ତ୍ରଣର ବାଣୀ ଶୁଣାଇଥାଏ । ଡାକବଙ୍ଗଳାରେ ପହଞ୍ଚି କୁକୁଡ଼ାଗୁଡ଼ାଙ୍କର କଳରବ ଅବା ସଦ୍ୟଧୃତ ରୋହି ଘାଲୁଡ଼ଙ୍କ ବଙ୍ଗଳା ବାରଣ୍ଡାରେ ଡ଼ିଗ୍‌ବାଜ କସରତ ସେହି ନିମନ୍ତ୍ରଣକୁ ମଜଭୁତ କରି ଦେଉଥାଏ ।

ଏଇ ସମୟରେ ଭୂଦାନର ହାଓ୍ୱା ଆସି ପହଞ୍ଚିଲା । ଆମ ପଞ୍ଚାୟତରେ ସରପଞ୍ଚ ମହାଶୟଙ୍କ ସକ୍ରିୟ ସହଯୋଗରେ ଭୂଦାନ କର୍ମୀମାନେ ପ୍ରାୟ ତିଶ ଶହେ ଏକର ଜମି ଭୂଦାନ ପାଇଲେ । ସରପଞ୍ଚଙ୍କୁ ବଧେଇ ଦେଇ ଉକ୍ତ ଜମିଗୁଡ଼ିକ ଭୂମିହୀନ ହରିଜନମାନଙ୍କୁ ପଟ୍ଟା ପାଉତିସହ ବିତରଣ କରାହେଲା । ଏହି ଜମିଗୁଡ଼ିକ କବି ଯଦୁମଣିଙ୍କ ଭାଷାରେ 'ବାଛି ବାଛି କରି ଦେଲେ ପଡ଼ିଆ, ଶ୍ରାବଣ ମାସରେ ଘାଙ୍ଗେ ନଡ଼ିଆ' ପ୍ରକାରର । ବଡ ବଡ଼ ଜମି-ବାଲାମାନେ ଦାନ ଦେଲେ । ତା' ବୋଲି କଅଣ ସେମାନଙ୍କର ଅଉଲ ଜମି, କେନାଲ୍‌କୂଳଆ ଦୋ ଫସଲିଟିକ ଦେଇ ଦେଇଥାନ୍ତେ ? ଆମେ ଏବେ ଯୋଗୀ ଭିକାରୀଙ୍କୁ ପଇସେ ବି' ପଇସା ବା ଚାଉଳ ମୁଠାଏ ଦାନ କରୁଛେ ସିନା, ଘରୁ ସୁନ ରୂପା ନେଇ ଦେଇ ପକାଉଛେ ? ସେଇପରି ଜମି ଦାତାଗଣ ଯୋଉ ଜମିଗୁଡ଼ାକ ମିଛକୁ ଥାଇ ପରିମାଣ ବଢ଼ାଉଛନ୍ତି, ଚାଲୁଣା ବୁଣିଲେ ଉଠେଇ ନାହିଁ ସେଇଥିରୁ ଏକରେ ଦି' ଏକର ଦେଇ ପକାଇ, ଦାନୀ ତାଲିକାରେ ଜବର ସ୍ଥାନ ଦଖଲ କରିଗଲେ ।

ଏହିମତେ ପୋଲ୍‌ରେ ପାଇଥିବା ଜମିଗୁଡ଼ାକୁ ନେଇ ଥୋକାଏ ଚେର ଧନ ହଣାମରା କରି କୃଷି କସରତ୍ କରିବାରେ ଲାଗିଲେ । ହେଲେ ବିଶେଷ ଅଗ୍ରଗତି କରି ପାରିଲେ ନାହିଁ । ଅର୍ଥବଳ ଥିଲେ ସିନା କିଛି କରନ୍ତେ ଅନ୍ତା । ଶୁଖିଲା ପେଟରେ ଆଉ କେତେ ବାଡ଼େଇ କଚଡ଼ା ହେବେ ? ଦକ୍ଷିଆ ପାଟ ବୁଳରେ ରେଙ୍ଗୁନ୍ ଫେରନ୍ତା ପାଣ୍ଡୁ ସାମଲ ଉଇହୁଙ୍କା ବାଲୁ

Digitized by srujanika@gmail.com

ବାଲୁ ଡିହ ଜମିରୁ ତିନ ଏକର ପାଇଥିଲା । ଯୁଦ୍ଧବେଳେ ପ୍ରାଣ ନେଇ ପଳାଇ ଆସିଥିଲା । ଜମି ମିଳିଲା ବେଳକୁ ସେ ଗୋଟାଏ ରେଙ୍ଗୁନ ଫେରନ୍ତା ଟଙ୍କା ସରକାରରୁ ପାଇସିବାରୁ ସେଇ ଏକା ମିଳିଥିବା ପୋଲ ଜମିକୁ ସାଧି କଲା । ଡଳୁଆ ପାଟଟା ଏଯାଏଁ ଅପଳନ୍ତବରେ କାହାର ଦୃଷ୍ଟି ଆକର୍ଷଣ କରୁ ନଥିଲା । ନ' ନୂଆଣି ଉପରେ ଗାଈ ଗୋରୁ ମଧ ସିଆଡ଼େ ଯାଉନଥିଲେ । ମିଳିଥିବା ଜମିରୁ ଆବାଦ ଯୋଗ୍ୟ ଯୋଜ ବଗିରୁଟି ପାଣ୍ଡୁ ସାମଲ ବାହାର କରି କଣ୍ଟାଝଣ୍ଟାରେ ବାଡ଼ାବନ୍ଦୀ କଲା । ଅମୀନ ମାପରେ ତାହା ଆମ ଦେଶୀପୁ ଆଠମାଣ ଛଅଗୁଣ୍ଠ ଜାଗା । ପାଣ୍ଡୁ ଆସ୍ତେ ଆସ୍ତେ ଫଳ ଫୁଲରେ ଉଗ୍ରିଲା । ଡଳୁଆ ପାଟକୁ ହୁଡ଼ା ଦେଇ ଦଳ ବାହାର କରି ମାଛ ଚୁଷ କଲା । ଗାଈ ଗୋରୁ ଦ' ଗୁର ହଳ ରଖିଲା । ପୋଖରି ହୁଡ଼ାରେ ଇଟା ଘର ଦ'ବଖରା କରି ପକାଇଲା । ହେଲେ ଗାଁ ଭିତରୁ ଜାତଭାଇଙ୍କ ମେଳରୁ, ଉଟାମାଟି ଛାଡ଼ି ବଗିରୁରେ ମିଲିକବଲା ନେଇ ରହିବାକୁ ତା'ର ଆତ୍ମା ଡାକୁ ନ ଥାଏ । ଅପର ପକ୍ଷରେ ବାରମାସିଆ ହଇଟାଙ୍କୁ ଭରସା ପାଉ ନଥାଏ । ଧାନ ମୁଗ ଯାବତୀୟ ଫସଲ ସେଇ ଅମାର ଘରେ । କୁକୁଡ଼ା ପଲ, ଗାଈ ଗୋଠ ସବୁ ତାଙ୍କର ଜମା । ନଜେ କୁକୁଡ଼ା ମାରି ଖାଇ ଦୋଷ ସକାଳକୁ ବିଲୁଆ ମୁଣ୍ଡରେ ବୋଳିଲେ ମଧ କିଛି କହିବାକୁ ନାହିଁ ।

ବଗିରୁଟା ଠିକ ପୂର୍ଣ୍ଣ ସ୍ଥବରେ ଉଚ୍ଛୁଳି ଆସୁଥିବା ବେଳେ ହଠାତ୍ ଦିନେ ଦିନେ ସେଠାରେ ଭୂତ ଉପଦ୍ରବ ଆରମ୍ଭ ହେଲା । ପ୍ରଥମେ ବାଡ଼ରୁ ଫସଲ ଚୋରି ହେଲା । ବାରମାସିଆ ଭରଥିଆ ଆଉ ବାସୁ ଜେନା ଟିକିଏ ଜାଗ-ତିଆରି ରହିଲେ । ଦିନେ ରାତିରେ ମଲ୍ଲୀଫୁଲ ପରି ଜହ୍ନ ପଡ଼ିଛି, ବାଡ଼ରେ ଖସ୍‌ଖାସ୍ ଶୁଣି ବାସୁ ଭରଥିଆକୁ ଉଠାଇ ବାଡ଼କୁ ଗଲେ । ଦେଖିଲାବେଳକୁ ଯୋଡ଼ାଏ ଧଳା ଭୂତ ବାଇଗଣ ବାଡ଼ରେ ପଶିଛନ୍ତି । ହୁଡ଼ମୁଷିଆ ଭରଥିଆ ଆଗକୁ ଥିଲା, ଭେଟଣା ପାଇ ଉକତ ବାନ୍ତ କରି ସେଇଠି ପଡ଼ିଗଲା, ବାସୁ ଜେନା ଜୀବନ ବିକଳରେ ଗାଁକୁ ଦଉଡ଼୍ ଦଉଡ଼୍ ହାଡ଼ ଖୁଣ୍ଟି କ୍ଷେତ ମଝିରେ ବେହୋସ ହୋଇ ପଡ଼ିଲା । ସକାଳୁ କ୍ଷେତ ଖମଣାକୁ ଯିବା ଲୋକେ ବାସୁ ଜେନାକୁ ଦେଖି ସାଷ୍ଟମ କରିବାରେ ସେ ଖାଲି ଭୂ-ଭୂତ ବୋଲି ଆଖି ତରାଟି ଚିତ୍କାର କଲା । ପଛରେ ଏତେଗୁଡ଼ାଏ ଲୋକ ତଥା ହବାଲୋକ ଦେଖି ସେ ସମ୍ବିତ ଫେରି ପାଇଲା । ବଗିରୁରେ ଦେଖିଲା ବେଳକୁ ଭରଥିଆ ମରି

Digitized by srujanika@gmail.com

ପଡ଼ିଛି । ଥାନାକୁ ଖବର ଗଲା । କପାଳସ ଆସି ବାସୁ ଜେନାଙ୍କୁ ଭୂତ ଯାହା ନ ଡରାଇଥିଲା, ତାହା ଡରାଇଲା । ସେ କାଳେ ଭରଥିଆକୁ ମାରିଛନ୍ତି । ତେବେ ତା କପାଳକୁ ଲାଶ ମାଇନା ପରେ 'ଅତ୍ୟଧିକ ଭୟରେ ହୃଦଯନ୍ତ୍ରକ୍ରିୟା ବନ୍ଦ' ବୋଲି ଡାକ୍ତରି ରିପୋର୍ଟ ମିଳିବାରୁ ପୁଲିସ ଭୂତ ତା ଉପରୁ ଓହ୍ଲାଇଲା । ବାସୁ ଜେନା କଥାରୁ ଜଣାପଡ଼ିଲା ଯେ, ଭୂତ ଘୋଡ଼ାକ ଶିକାର କରୁଥିଲେ । ବାଇଚଣ ଶିକାର ଯାଉଥିବାର ମଧ୍ୟ ଜଣାପଡ଼ିଲା । ଭୂତ ଶିକାର କରିବା ନୂଆ କଥା । ଅବଶ୍ୟ ବ୍ରଜରାଜ ଶ୍ରୀକୃଷ୍ଣଙ୍କ ଭୂତଖେଳ ଉପାଖ୍ୟାନ ଆମ୍ଭେମାନେ ଜାଣୁ । ଭୂତମାନେ ଢେଲା ପଥର ଫିଙ୍ଗନ୍ତି ମାତ୍ର ତାହା ପାର୍ଥିବ ମାନବକୁ ସ୍ପର୍ଶ କରେ ନାହିଁ । ପାଣ୍ଡୁ ସାମଲ ବଗିଚା ଭୂତର ଏ ନୂତନ ପ୍ରକାର ଉପଦ୍ରବରେ ବୋକା ପାଲଟିଗଲା । ଭରଥିଆ ମରିବା ଦିନରୁ ବଗିଚାଟା ରାତିରେ ବେୱାରିସ୍ ହୋଇ ପଡ଼ି ରହିଲା । ଦିନ ମୂଲିଆଙ୍କ ଦ୍ୱାରା ବାଡ଼ ବଗିଚା, ଗୋରୁଗାଈଙ୍କ ଧନ୍ଦା ଆଉ କୁକୁଡ଼ାଙ୍କ ଅଣ୍ଡା ଛୁଣ୍ଡାଇ ସଞ୍ଜବେଳକୁ ପାଣ୍ଡୁ ସାମଲ ଗାଁକୁ ଫେରିଯାଏ । ରାତିସାରା ବଗିଚା, ତୋରୁ ଆଉ କୁକୁଡ଼ା ପଲ ଭୂତମାନଙ୍କ ମାଲିକତ୍ୱରେ ରହେ ।

ଗୁଣି ଗାରେଡ଼ିରେ ପାଣ୍ଡୁ ସାମଲ ଢେର ଖର୍ଚ୍ଚ କଲା । ନାନା ସ୍ଥାନରୁ ଗୁଣିଆ ଆସି ଲୁହାକଣ୍ଟା ଗାରରେ ବଗିଚାକୁ କିଲିଦେଇ ନଗଦ ସାନ୍ତ୍ୱନା ଦେବା ବଦଳରେ ବଡ଼ ପାଉଣା ହାସଲକରି ବିଦାୟ ନେଲେ । ମାତ୍ର ଭୂତର ଦୌରାତ୍ମ୍ୟ ବନ୍ଦ ହେଲା ନାହିଁ । ମଙ୍ଗରାମ ପ୍ରଧାନେ ଆଉ ଘନବନ୍ଧୁ ବାରିକ ମିଳି ପାଣ୍ଡୁ ସାମଲକୁ ଉପଦେଶ ଦେଇଥାନ୍ତି ଯେ ଜମି ଖଣ୍ଡିକ ହସ୍ତାନ୍ତର କରିଦେଲେ ସେ ଜଞ୍ଜାଳରୁ ମୁକ୍ତି ପାଇବ । ସମ୍ଭବତଃ ସେଇଟା ଭୂତ ପ୍ରେତଙ୍କର ଆଡ୍‌ଡ୍ରାପ୍ଲଲୀ ଥିଲା, ପାଣ୍ଡୁ ହଣାମରା କରି ବଗିଚା କରିବାରୁ ସେମାନେ ବାସ୍ତୁହରା ହୋଇ ପ୍ରତିହିଂସା ପରାୟଣ ହୋଇ ଉଠିଛନ୍ତି । ମାତ୍ର ଏସବୁ ଜାଣିବା ପରେ ଚାରା ମିଳିବ କୁଆଡ଼ୁ ?

ପାଣ୍ଡୁ ସାମଲ ବଡ଼ ଏକବାଗିଆ ଲୋକ । ଗାଁ ଟୋକାଙ୍କୁ ମେଳେଇ ନିଜେ ଦିନେ ବଗିଚାରେ ଶୋଇବାର ସ୍ଥିର କଲା । ବଗିଚାରେ ଭୋଜିଭାତ କରି, ରାତି ଅନିଦ୍ରା ହେଇ ଭୂତକୁ ଜଗିବା ପ୍ରସ୍ତାବ ଯୁବଗୋଷ୍ଠୀ ଗ୍ରହଣ କରିଥିଲେ । ମାତ୍ର ଖୋଦ ପାଣ୍ଡୁ ସାମଲଙ୍କ ଘରୁ ପ୍ରବଳ ଆପତ୍ତି ଉଠିବା

Digitized by srujanika@gmail.com

ଫଳରେ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ଅବଶେଷରେ ପାଣ୍ଡୁ ସାମଲ ଦର୍ଶନ ଦେଇ ପାଞ୍ଚକୋଶ ଦୂର ଜଟିଆବାବା ମଠର ବାବାଜୀଙ୍କ ଶରଣାପନ୍ନ ହେଲେ । ବାବାଜୀ ତେଢ଼ର ବେଳ ଆଖି ବୁଜି ବସିଲେ । ସେଂଗର ମଦ୍ରମ ପ୍ରା ଅବା ଅବକାଶ ବଇରାଗୀପୁ ଦୟା ଛାଡ଼ା ବାହାରକୁ ଜଣା ପଡ଼ ନ ଥାଏ । କେତେ ବେଳ ଉତ୍ତାରେ ମହାପ୍ରଭୁ ଆଖି ଖୋଲି କହିଲେ ଗ୍ରାମର ଜଣେ ଶ୍ୟାମଳବର୍ଣ୍ଣ ଲୋକର ଚକ୍ରାନ୍ତ । ସେ ସାର ଚେଷ୍ଟି ବଗିଚାକୁ ଛାରଖାର କରୁଛି । ଲୋକର ନାମ ଜିଭ ଅଗରେ ଥିଲେ ମଧ୍ୟ ସେ କହିବେ ନାହିଁ । ବ୍ୟକ୍ତିବିଶେଷଙ୍କର କ୍ଷତି ସାଧନ କରିବାକୁ ଗୁରୁ ମନା କରିଛନ୍ତି । ଏଣେ ଗାଁରେ ଦଶପଣ ଲୋକ ଶ୍ୟାମଳ ବର୍ଣ୍ଣ । ନିରାଶ ହୋଇ ଦର୍ଶନ ଉପରୁ ଦୃଷ୍ଟି ଫେରାଇ ପାଣ୍ଡୁ ସାମଲ ଗାଁ ଲେଉଟାଣି ବାଟରେ ଗୋଡ଼ ବଢ଼ାଇଲା ।

କ୍ରମଶଃ ଭୂତର ଦୌରା ବଢ଼ିଲା । ସଞ୍ଜବେଳର ଗଣତି କୁକୁଡ଼ା ସକାଳୁ ନଅଣ୍ଟ ଧରିଲେ । ଫଳଫୁଲୁଗାର କଷି ମଧ୍ୟ ରହିଲା ନାହିଁ । ଗାଈଗୁଡ଼ାଙ୍କୁ ଦୁହିଁଲେ ଦୁଧ ବାହାରିଲା ନାହିଁ । ଅକ୍ଷତ ଶରୀରରେ ଖୁଣ୍ଟରେ ବନ୍ଧା ହୋଇଥିବା ବାଛୁରୀମାନଙ୍କ ମୁହଁରେ ଫେଣ ସକାଳକୁ ଦେଖାଗଲା । କୁକୁଡ଼ା ପଲ ଆଗ ସଫା ହୋଇଗଲେ । ବିରକ୍ତିରେ ପାଣ୍ଡୁ ସାମଲ ଗାଈ ଗୁଡ଼ାକ ବିକିଦେଲା । ଏଣିକି ଧାନ କଳେଇ ଭୂତ ନେବାକୁ ଆରମ୍ଭ କଲା । କ୍ରମେ ଚୌର୍ଯ୍ୟବସ୍ତୁର ସ୍ୱଳ୍ପତା ଚୋରଙ୍କୁ ଅନସ୍ପୃମିତ କଲା । ହକ୍‌ଦାର ହୋଇ ପାଣ୍ଡୁ ଗରଖ ଯୁଟାଇବାକୁ ଆମର ସରପଞ୍ଚ ଆଉ ନାଏବ ସରପଞ୍ଚଙ୍କୁ ଯଥା ସମୟରେ ଅନୁରୋଧ କଲା । ଶପଦବାଲିବ ଖୋଦ୍ ସରପଞ୍ଚ ମହାଶୟ ଚଗ୍ରାଖ ହେଲେ ଜରସମନର ଅଙ୍କଟା ଶୁଣି ପାଣ୍ଡୁ ସାମଲକୁ ବିକିବା ନ ବିକିବା ସମାନ ଲାଗିଲା । ଦରପୋଡ଼ର କୁଟାଖିଏ ପାଉଛି ହବ ଅବଶେଷରେ ରାଜିହେଲା । ଖାଲି ଟଙ୍କା ଦେଣ ନେଣ ହୋଇ ରେଜେଷ୍ଟ୍ରି ହେବାଟା ବାକୀ ଥାଏ ।

ଅନନ୍ତର ଗୋଟାଏ କାଣ୍ଡ ଘଟିଗଲା ଗାଁରେ । ଆଠମାଣ ଛଅ ଗୁଣ୍ଠ କଥା ଏହିପରି ବାଙ୍କଲୋନ୍‌ର ଝୁଲା ବଗିଚା ଉପରେ ଝୁଲୁଥିବାବେଳେ ଗାଁର ଥୋକାଏ ଟୋକା ସଞ୍ଜବେଳଆ ପୋଖରୀ କୂଳରେ ଗୁଡ଼ାଖୁ ଘଷୁ ଘଷୁ

Digitized by srujanika@gmail.com

ବସ୍ତିର କାଲି ଭୂତ ଡାଉରୁ ଗାଁରେ କଅଣ ସେମାନେ ଶୋଉ ନାହାନ୍ତି ? ତେବେ ପାଣ୍ଠି ସାମଲ ଜମି ଉପରକୁ ନ ଯାଇ, ଗାଁରେ ଜଗି ନିଶ୍ଚିତ କରାଯାଉ ଯେ ଏ ଉପଦ୍ରବ ମଶାଣୀ ଭୂତର କାରବାର ଅବା ମଣିଷ ଭୂତର କାରସାଦି । ପ୍ରସ୍ତାବ ଅନୁଯାୟୀ ସ୍ଥିରହେଲା ଯେ ସମସ୍ତଙ୍କର ଅଲକ୍ଷ୍ୟରେ ପ୍ରତିଦିନ ଦୁଇଜଣ ଲେଖାଏଁ ଯୁବକ ଗାଁମୁଣ୍ଡ ଅପର ପ୍ରାଇମେରୀ ସ୍କୁଲରେ ଶୋଇ ରହି ଅବସ୍ଥାକୁ ପର୍ଯ୍ୟବେକ୍ଷଣ କରିବେ । ଦରକାର ପଡ଼ିଲେ ଅନ୍ୟାନ୍ୟ ସାଥିମାନଙ୍କୁ ଘରୁ ଡକାହେବ । ଆବଶ୍ୟକୀୟ ଟର୍ଚ୍ଚ, ଲାଠି କୁରାଢ଼ି, କଟୁରୀ ଇତ୍ୟାଦି ସଂଗୃହୀତ ହେଲା । ସପ୍ତାହେ କାଳ ଜଗାରଖା ଚାଲୁ ରଖିବା ସ୍ଥିର ହେଲା । କୋଉଦିନ କାହାର ପାଳି ପଡ଼ିବ ଲେଖା ହୋଇ ରହିଲା ।

ତିନି ଚାରି ଦିନ ପରେ ଦିନେ ଦେଖାଗଲା ଯେ ଦୁଇଟା ଧଳା ଧଳା ଭୂତ ଗାଁରୁ ବାହାରି ବରଗଛ ଆଡ଼କୁ ଗଲେ । ଜଗୁଆଳୀମାନେ ଦୁଇ ଭାଗ ହୋଇ ଭାଗେ ନଜର ରଖିଲେ ଆଉ ଭାଗେ ଗାଁର ଅନ୍ୟାନ୍ୟ ବନ୍ଧୁମାନଙ୍କ ନିଦ୍ରା ଭଙ୍ଗ କରିବାରେ ଲାଗିଲେ । ଭୂତମାନେ ଗାଁ ଫେରନ୍ତି ବାଟରେ ହଠାତ୍ ଘେରାଉରେ ପଡ଼ିଗଲେ । ସେଦିନ ଭୂତ ଦୁଇ ଦୁଇଟା ବୋଇତି କଖାରୁ ଚୋରି କରିଥାଆନ୍ତି । ମାଲ୍ ସଙ୍ଗେ ସଙ୍ଗେ ବରାମଦ୍ । ଆଲୁଅରେ ଦେଖିଲାବେଳକୁ ଯୋଡ଼ାଏ ଧଳା କନାର ଆଲଖାଲା । ଛୁଞ୍ଚି ଉପରେ କଳା କନାରେ ମଣିଷ ହାଡ଼ ଆଉ ଖପୁରିର ଚିହ୍ନ । ଆଲଖାଲା ବିମୁକ୍ତ ହେବାରେ ଜଣାଗଲା ଭୂତ ଯୋଡ଼ାକ ମଙ୍ଗୁରାମ ପ୍ରହରାଜ ଆଉ ଧାନକଚୁ ବାରିକ । ପ୍ରହରାଜ ଯୁବଗୋଷ୍ଠୀକୁ ହଜାରେ ଟଙ୍କା ଦେବେ ବୋଲି ସ୍ୱୀକାର କଲେ । ଆଉ ଏ ମନ୍ଦ ବୁଦ୍ଧି କରିବେ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲେ । ବିନିମୟରେ ଖାଲି ଟିକିଏ ଗୋପନୀୟତା ପ୍ରାର୍ଥନା କଲେ । ହେଲେ ପିଲାଏ କଣ୍ଟି ବସ୍ତିର ନକଲି ଚୋର ଦୁଇଟାଙ୍କୁ ବାନ୍ଧି ପକାଇ ଟେକିନେଇ ଥାନାରେ ହାଜର କରିଦେଲେ । ପୋଲିସଙ୍କୁ ଏପରି ଜବର ଚୋର ପାଇ ଖାଲି ଗଦ୍ ଗଦ୍ ଲାଗିଲା । ବରଗଛର ସମ୍ଭାବିତ ବିକ୍ରୟ ବିଷୟ ସାକ୍ଷୀ ପ୍ରମାଣ-ଦ୍ୱାରା ବାହାରି ପଡ଼ିବାରୁ ଚୋରିର ଉଦ୍ଦେଶ୍ୟ ପୋଲିସଙ୍କୁ ଜଳ ଜଳ ହୋଇ ଦିଶିଲା ।

Digitized by srujanika@gmail.com

ବିପଦ ଏକା ଆସେ ନାହିଁ । ସାଙ୍ଗରେ ଘେଇ ବନ୍ଧୁ କୁଟୁମ୍ବଙ୍କୁ ଧରି ଆସେ । ସରପଞ୍ଚ ଓ ନାଏବ୍ ସରପଞ୍ଚ ଗିରଫ ହେବାର ଖବର ସଦର ମହକୁମାରେ ପହଞ୍ଚନ୍ତେ, ବିଭାଗୀୟ ହାକିମ ପଞ୍ଚାୟତର ଜମା ନାମା ନେବାକୁ ଆଉ ହିସାବ ତନଖି କରିବାକୁ ସମୀକ୍ଷକ ନେଇ ଆସି ପହଞ୍ଚିଲେ । ଥାନାରେ ସରପଞ୍ଚଙ୍କୁ ଦେଖାକରି ହାକିମଙ୍କ ଆଗରେ କ୍ୟାସ୍ ବାକ୍ସ ଦେଖିବାରେ ତହବିଲ୍‌ରୁ ସାତ ହଜାର ଛଅଶହ ପଚିଶ ଟଙ୍କା କମ୍ । ହିସାବ ତନଖି କରା-ଯିବାରେ ଜଣା ପଡ଼ିଲାଯେ ଗତ ଚାରି ବର୍ଷରେ ଟଙ୍କା ଅଶୀ ହଜାର ସରିକି ବାଟମାରଣା ହୋଇଛି । ହାଟ, ବାଟ, ଘାଟ, ପାଟ ଇତ୍ୟାଦି ବିଧିମତେ ନିଲାମ ହୋଇଛି, ହେଲେ ପୂରା ଟଙ୍କା କୌଣସି କ୍ଷେତ୍ରରେ ପଇଠ ହୋଇ ନାହିଁ । ଶିକ୍ଷା ବାବଦରେ ବିଦ୍ୟାଳୟଗୁଡ଼ିକୁ ସରକାରୀ ସାହାଯ୍ୟ ଆସିଛି; ମାତ୍ର ପ୍ରଧାନ ଶିକ୍ଷକମାନଙ୍କର ଦସ୍ତଖତ ଜାଲ୍ ହୋଇ ରସିଦ୍ ତିଆରି ହୋଇଛି । ସାର, ସିମେଣ୍ଟ ଆଦି ସୁଷମ ବଣ୍ଟନୀୟ ପଦାର୍ଥମାନଙ୍କର କିଂଗତି ବିଷୟରେ ସମୀକ୍ଷକଦଳ ଧାରଣା କରି ପାରିଲେ ନାହିଁ । ମାଛ ଜାଆଁଳ ଖର୍ଚ୍ଚ ସେହି ଭାଲୁଡ଼ଙ୍କ ବର୍ଦ୍ଧିତ ଲବ୍ଧ ଅଙ୍କକୁ ଉପହାସ କରୁଛି । ପରିଷ୍କାର ପରିଚ୍ଛନ୍ନତା ବିଭାଗରେ ପଞ୍ଚାୟତରେ ନାମ ମାତ୍ର ଖର୍ଚ୍ଚ କରାଯାଇ କର୍ଣ୍ଣିରବ ଅଂଶକୁ କଣ୍ଠସ୍ଥ କରାହୋଇଛି । ଏସବୁ ଦେଖି ବିଭାଗୀୟ ଅଧିକାରୀଙ୍କ ଅକଲ ଗୁଡ଼ୁମ୍ । ଉପରିକଙ୍କ ସହ ପରାମର୍ଶ କରିବା ପାଇଁ ମହକୁମାକୁ ଧାଇଁଲେ । ଡେଣ୍ଟି ସଲ୍‌ହା ସାରି ଫେରି ପୋଲିସରେ ବିଧିବଦ୍ଧ ଭାବରେ ଏତଲା ଦାଏର କଲେ । ପୋଲିସ ଏଥିକୁ ଖବର ପାଇ ଗୋଟା ଚାରି କେଶ୍ ଦୁହିଁଙ୍କୁ ଠୋକି ଦେଲେ ।

ପଇସାର ଯୁଗ । ପଇସା ବଳରେ ଜାମିନ୍‌ରେ ଦୁହେଁ ଆସିଲେ । ଓକିଲ ମୁକ୍ତାର ତେଣିକି ପୋଲୁହ ଖଇଞ୍ଚ ସଜାଡ଼ିଲେ । ସରକାରୀ ବହିଷ୍କାର ଆଦେଶ ଆସିବା ପରେ ପରେ ସେମାନଙ୍କର ଭୂତ ଅଭିନୟ ଉପାଧିରେ ପରିଣତ ହେଲା । ଏବେ ଗାଁରେ ତାଙ୍କୁ ଭୂତ-ସରପଞ୍ଚ, ଭୂତ ନାଏବ୍ ସରପଞ୍ଚ ବୋଲି ଠୋକାଏ ଟିଟିକାରି ମାଇଲେ । ଦିନସାରା ଘରେ ରହିବାକୁ ପଡ଼ିଲା । ବଡ଼ ଦୁର୍ବିସହ ଜୀବନ ।

ମକଦ୍ଦମା ଗଡ଼ି ଚାଲିଥାଏ । ପାଣ୍ଡୁ ସାମଲ ପୁଣି ବଗିଚାରେ ମନଦେଲା । ଏଥର ସେ ଗାଁରେ ନରହରି ବଗିଚାରେ ପିଲ୍ ପିଲା ଧରି ରହିଲା । ମକଦ୍ଦମାର

Digitized by srujanika@gmail.com

ମକଦ୍ଦମାର ସପ୍ତ ସେଉଁଦିନ ବାହାରିଲା ଆମ ଗାଁରୁ ଅନେକ ଲୋକ କଟକ ଆସିଥିଲେ । ଆମ ଘରେତ ଖାଲି ଏଗାର ଜଣଙ୍କ ପଙ୍ଗତ ପଡ଼ୁଥିଲା । ପ୍ରହରାଜ ଅଉ ବାରିକଙ୍କୁ ଶ୍ରେଷ୍ଠ ଦୁଷ୍କର୍ମ, ସରକାରୀ ଅର୍ଥ ତୋଷରୂପାତ, ଡକାୟତି ଆଉ ବିଶ୍ୱାସଭଙ୍ଗ ଅପରାଧରେ ପ୍ରତ୍ୟେକଙ୍କୁ ସାତ ବର୍ଷ ଲେଖାଏଁ ସଜା ଆଉ ଦଶ ହଜାର ଟଙ୍କା ଜୋରିମାନା ହେଲା । ସେଇ ଦିନ ପାଣ୍ଡୁ ସାମଲ ଗାଁର ଯୁବଗୋଷ୍ଠୀଙ୍କୁ ତିନି ଶହ ଟଙ୍କା ଦେଇ ଜବର ଭୋଜିଟାଏ ଖୁଆଇଲା ।

ଉପର କୋର୍ଟରେ ଅପିଲ୍ ହୋଇ ଭୂତ ଯୋଡ଼ାକ ପୁଣି ଜାମିନ୍‌ରେ ଆସିଲେ ଉପର କୋର୍ଟରେ ସଜାଟା ରହିଲା ଜୋରିମାନା ଅଙ୍କଟା କଟିଗଲା । ଭୂତ ଯୋଡ଼ାକ ବାଣୁଭୂତ ମୂର୍ତ୍ତି ପାଲଟିଲେ । ତେବେ ସଖା ପ୍ରେତକୁଳ ଦଳ ପ୍ରବୋଧନା ଦେଇ ଆଉରି ଉପର ଆକାଶରେ ଉଡ଼ିବାକୁ ପରାମର୍ଶ ଦେଲେ ।

ଘରେ ନାକରେ କାନରେ ନମସ୍କାର ଦେଇ ଭୂତ ଦୁଇଟି ଉପର ଆକାଶରେ ଉଡ଼ିଲେ । ଅବଶେଷରେ ସେଠାରେ ନର୍ଦ୍ଦମାରେ ଖଲାସ ହେଲେ । ସେହି ଆନନ୍ଦରେ ଆହୁରି ଉଚ୍ଚ ଆକାଶରେ ଆହୁରି ଗୋଟାଏ ଚକ୍କର ବାଜି ଅଜ୍ଞାତ ଦେଶ ଲୋକ ଭୂଲିଗଲେ । ଖଲାସ ପିନା ଉପରକୁ ହେଲେ; ମାତ୍ର ଏହା ଆଗରୁ ଘରୁ ଟଙ୍କା ପଇସା, ସୁନା ରୁପା, ତାଳ କଂସାମାନଙ୍କ ସହ ସ୍ୱୟଂ ଲକ୍ଷ୍ମୀ ଦେବୀ ଖଲାସ ପାଇ ଯାଇଥିଲେ । ଖାଇବାମାନଙ୍କ ଜମି ଖଣ୍ଡିଏ ଖଣ୍ଡିଏ ଥିବାରୁ ସୁରକ୍ଷିତ ରହିଲା । ହେଲେ ଉଭୟଙ୍କର ଅବଶିଷ୍ଟାଂଶ ଜମିର ପରିମାଣ ଏକତ୍ର ହୋଇ ମଧ୍ୟ ଆଠମାଣ ଛଅଗୁଣ୍ଠରୁ ଊଣା ପଡ଼ିଲା ।

—●—

Digitized by srujanika@gmail.com

ଆମ୍ଭାଙ୍କ ଛପର ଫଂଡ଼ା

ଲକ୍ଷ୍ମୀ ପ୍ରିଣ୍ଟର୍ସର ମାଲିକ ରାଜେନ୍ଦ୍ର ବାବୁ ଫ୍ରୋଣ୍ଟ ଅଫିସ୍‌ଟିରେ ବଡ଼ ଚିନ୍ତାମଗ୍ନ ହୋଇ ବସିଥାନ୍ତି । ଗୁରୁ ଦିନ ତଳେ ରାଜ୍ୟ ଅର୍ଥନିଗମରୁ ଚରମ ପତ୍ରଟିଏ ଆସିଛି । ଲକ୍ଷେ ଟଙ୍କା ଋଣରେ ପ୍ରେସ୍‌ଟାକୁ ସିନା ସ୍ଥାପନ କରିଦେଲେ, କାରବାର ମାନ୍ଦା । ସହରରେ ତାଙ୍କୁ ମିଶାଇ ବୟାଳିଶି ଜଣ ପ୍ରେସ୍ ପକାଇଛନ୍ତି । ପ୍ରତିଯୋଗିତା ବଳେ ବଳେ ହୋଇପାରୁଛି । ଡିମେଇ ପୃଷ୍ଠାଟା ଷବାକ୍ ଦଶ ଟଙ୍କାକୁ ଖସି ଆସିଲାଣି । ଏ ଦେଶର ସମ୍ବିଧାନ କହିବା ମତେ ପାଞ୍ଚ ବର୍ଷରେ ନିର୍ବାଚନ ହେଉଛି । ସେଇ ନିର୍ବାଚନ ବେଳରେ ପ୍ରେସ୍‌ଗୁଡ଼ିକ ଧଡ଼ାଧଡ଼ି ସିନା ଚାଲୁ ରହେ । ବର୍ଷକର ରୋଜଗାରରେ କଅଣ ପାଞ୍ଚ ବର୍ଷ ଚଳିହୁଏ ? ପ୍ୟାଡ୍, ନିମନ୍ତ୍ରଣ ପତ୍ର, କ୍ୟାଶ୍-ମେମୋ, ବହି ଆଉ ସିନେମା ଟିକେଟ ଛପେଇବାକୁ କ'ଣ ଭରସାକରି ଚଳିହୁଏ ? ଥାଆନ୍ତା ହେଲେ ମାସିକ ପତ୍ରିକା ଟାଏ ହାତରେ ! ଅନ୍ତତଃ କମ୍ପୋଜିଟରମାନଙ୍କ ଦରମାଟା ନିୟମିତ ଭାବରେ ଦେଇ ହୁଅନ୍ତା । ବହିପତ୍ର ଛପା କାଁ ଭାଁ ଗୋଟାଏ ଅଧେ ହାତକୁ ଆସୁଛି । ପୁଣି ଅଧିକାଂଶ ପ୍ରକାଶକ ନିଜେ ଲେଖକ । ପ୍ରେସର ଦେୟ ଅନେକ କ୍ଷେତ୍ରରେ ବହି ବିକ୍ରୀ ଉପରେ ନିର୍ଭର କରୁଛି । ଅଧା ନଗଦ ଅଧା ଉଧାରରେ ପ୍ରେସ୍ ଚାଲିଛି ।

ରାଜ୍ୟ ଅର୍ଥନିଗମର ସୁଧ ବଢ଼ି ଚାଲିଛି । କିସ୍ତି ଖିଲାପ କରିବା ଅଭ୍ୟାସଗତ ବ୍ୟାପାର ହୋଇଯାଇଛି । ତାଗିଦା କରିବାକୁ ଆସୁଥିବା ବାବୁମାନଙ୍କ ଖରଆଙ୍ଗ ମୁର୍ଗମସଲମ୍, ଚିକେନ୍ ଫ୍ରାଇ ଆଉ କକ୍‌ଟେଲ୍ ଖର୍ଚ୍ଚ । ଭୁଲେଇ ହେଉ ନାହିଁ । ପନ୍ଦର ଦିନ ତଳେ ଡାଲଗୁଡ଼ଳ ଦୋକାନୀ ଲକ୍ଷ୍ମୀଧରର ହାତ ଓଠ ଧରି ହାତବନ୍ଧା ଘଣ୍ଟାଟା ଥୋଇ ଦେଇ ଦୁଇ ଶହ ଆଣିଥିଲେ ଅର୍ଥନିଗମ ବାବୁଙ୍କର ହେପାଜତ ସେଦିନ ରାତିରେ କରିବାକୁ ନିଅଣ୍ଟ ପଡ଼ିଥିଲା । ରକ୍ଷା ହେଲା ପିଲା ଦିନ ସାଙ୍ଗ ନରେନ୍ଦ୍ରର ହୋଟେଲରେ ଚର୍ଚ୍ଚା ହେଉଥିଲା ବୋଲି । ପୁଡ଼ିଂ ବିଲ୍‌ଟା ଶେଷ ଆଇସ୍କ୍ରିମ୍ ପୁଡ଼ିଂ ପରେ ଦେଖିବାକୁ ଯାଇ ସେ ହ' ଟିଲାପ

Digitized by srujanika@gmail.com

ପାଣି ପିଇ ପକାଇଥିଲା । ନରେନ୍ଦ୍ରଙ୍କୁ କୁହାପୋଛା କରି, ଯୋଉ ସାତ ଦିନ ସମୟ ମଢଲବ ଅଣିଥିଲା ସେଥିରେ ଆଉରି ସାତ ମିଶିଗଲାଣି । ନରେନ୍ଦ୍ରର ଟଙ୍କାଟା ଏଯାଏଁ ଦେଇ ପାରିନାହାନ୍ତି ।

ଡ.କ ପିଅନ ଆସି ଚିଠି କେତୋଟି ଦେଇଗଲା । ପ୍ରେସ ସଂସ୍ଥାନରେ ଜଣ୍ଡିଏ ମାତ୍ର ଚିଠି । ଆଜି ଦୁଇ ତିନ ଜଣ୍ଡି କମ୍ପୋଜିଟର ମାନଙ୍କର । ରାଜେନ୍ଦ୍ରବାବୁ ଅନ୍ୟ ଚିଠି ଗୁଡ଼ିକୁ ଭିତର ଘରକୁ ପଠାଇଦେଇ ତାଙ୍କ ଚିଠିଟା ଖୋଲି ବସିଲେ । ମିଶନାରୀ ପାଦ୍ରୀଙ୍କଠାରୁ ଚିଠିଟା ଆସିଥାଏ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବାଣୀ ଓଡ଼ିଆରେ ଛାପିଦେଲେ କେତେ ଖର୍ଚ୍ଚ ପଡ଼ିବ, ଲକ୍ଷେ ପ୍ରଚାରପତ୍ରର କାଗଜ ଗୁଡ଼ାଟା କେତେ ହେବ ଏବଂ କାଗଜ ଦାମ୍ ଛପେଇ ଖର୍ଚ୍ଚ ସହ ମୋଟ କେତେ ଖର୍ଚ୍ଚ ହେବ, ଅଟକଳ କରିବାକୁ ଅନୁରୋଧ କରାଯାଇଥାଏ । ହାତରେ ବିଶେଷ କାମ ନାହିଁ । ପ୍ରାଥମିକ ବିଦ୍ୟାଳୟ ନିମନ୍ତେ କେତେକ ହାଜରାଖାତା ଫରମାସ ଆସିଥିଲା ଗୋଟାଏ ବହିଦୋକାନୀ ପାଖରୁ । ସେ କାମ ଶେଷ ହେବା ଉପରେ ।

ରାଜେନ୍ଦ୍ର ଆଉ. କାଳ ବିଳମ୍ବ ନକରି ପାଦ୍ରୀ ସାହେବଙ୍କ ଖର୍ଚ୍ଚ ଅଟକଳ କରିବାକୁ ବସିଗଲେ । ମିଶନାରୀମାନେ ବେଶ୍ ପଇସା ଖର୍ଚ୍ଚ କରନ୍ତି । ଦାତବ୍ୟ ଚିକିତ୍ସାଳୟ ତଥା ସାହାଯ୍ୟ ପ୍ରଦାନ ବେଶ୍ ଭଲରୂପେ କରନ୍ତି । ତଥାପି ପ୍ରଭୁ ଯୀଶୁଙ୍କ ବାଣୀ ପ୍ରଚାରିତ ହେବ, ସେ ଖୁବ୍ ଉଦାରତା ସହ ଛପେଇ ଖର୍ଚ୍ଚକୁ ନ୍ୟୂନକରି ଅଟକଳରେ ରଖିଲେ ତେବେ କାଗଜର ମାନ ପାଦ୍ରୀ ସାହେବ ଇଙ୍ଗିତରେ ମଧ୍ୟ ଦେଇ ନାହାନ୍ତି । ଆବଶ୍ୟକ ହେଉଥିବା କାଗଜର ପରିମାଣ ସେ ଗୁଣାଗୁଣି କରି ନିର୍ଣ୍ଣୟ କରି ସାରିଛନ୍ତି । ଖାଲି କାଗଜର ମାନଟା ସ୍ଥିର ହେଇଗଲେ, ଅଟକଳ ସମ୍ପୂର୍ଣ୍ଣ ହୋଇଯିବ । ତପରି ଦିନ ପାଦ୍ରୀ ସାହେବଙ୍କୁ ଦେଖାକରି କାମଟା ହାତକୁ ନେଇ ଆସିବେ ବୋଲି ସ୍ଥିର କଲେ । ଯାହାହେଉ କମ୍ପୋଜିଟରମାନଙ୍କର ବାକିଆ ଦ'ମାସର ଦରମା ଦେଇହେବ, ବିଦ୍ୟୁତ୍ ବିଭାଗର ନାଲିଆ ନୋଟିସ୍‌ର ମୁକାବିଲା କରିହେବ ।

ପୋଷ୍ଟମ୍ୟାନ୍ ରେଜେଷ୍ଟ୍ରି ହୋଇଥିବା ଖଣ୍ଡିଏ ଚିଠି ରାଜେନ୍ଦ୍ରବାବୁଙ୍କୁ ବଢ଼ାଇ ଦେଲା । ପ୍ରାପ୍ତି ସ୍ୱୀକାର କରିବା ନିମନ୍ତେ ଉଦ୍ଦିଷ୍ଟ ସ୍ଥାନଗୁଡ଼ିକରେ

Digitized by srujanika@gmail.com

ଦସ୍ତଖତ ଦେବାକୁ ଆଙ୍ଗୁଠି ଦେଖାଇ ନିର୍ଦ୍ଦେଶ ଦେଲି । ପୋଷ୍ଟମ୍ୟାନ୍ ଯିବା ପରେ ରେଜେଷ୍ଟ୍ରି ଚିଠିର ମୋହର ଦେଖି ସେ ଚମକି ପଡ଼ିଲେ ।

ରାଜ୍ୟ ଅର୍ଥ ନିଗମର ଟଙ୍କାରେ ଓ ପ୍ରେସ୍ ପାଇଁ ମେସିନ୍ କିଣା-ଯାଇଥିଲା । ଘରଭଡ଼ା ନେବାପାଇଁ ସନ୍ନ୍ୟାସୀଙ୍କ ବୋଉର ଗହଣାବନ୍ଧା ରଖି ଚଳାଇଥିଲା ଦୁଇବର୍ଷ ତଳେ । ପ୍ରାୟ ବର୍ଷେ ତଳେ ଭାରତ ସରକାରଙ୍କର ଏକ ଯୋଜନା ତାଙ୍କ ଆଖିରେ ପଡ଼ିଯିବାରୁ ସେହି ଯୋଜନାରୁ କୋଡ଼ିଏ ହଜାର ଟଙ୍କା ସେ ଋଣ ଆଣିଥିଲେ । ଟଙ୍କାଟା ଆଣି ବୋଉଙ୍କ ଗହଣା ବର୍ଷକର ସୁଧ ମିଶାଇ ବନ୍ଧକରୁ ଛଡ଼ାଇଥିଲେ । ଅର୍ଥ ନିଗମର ମଧ୍ୟ ଛମାସିଆ କିସ୍ତି ଭରଣା କରିଥିଲେ । ଯୋଜନାଟି ବିଷୟ ସେ ପ୍ରାୟ ଭୁଲି ଯାଇ-ଥିଲେ । ଯୋଜନାଟି ଝିଅମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଦଶଜଣ ଝିଅଙ୍କୁ ପ୍ରେସ୍ କାମରେ ପ୍ରଶିକ୍ଷଣ ଦେବା ସେ ଯୋଜନାଟିର ମୂଳ ଲକ୍ଷ୍ୟ । କିନ୍ତୁ ରାଜେନ୍ଦ୍ରବାବୁ ପୂରାପୂରି ଲକ୍ଷ୍ୟଭ୍ରଷ୍ଟ ହୋଇଯାଇଥିଲେ ।

କମ୍ପିତ ହୃଦୟରେ ଆଉ ଥରେ ଥରି ହାତରେ ରାଜେନ୍ଦ୍ରବାବୁ ଲଫାଫାଟା ଖୋଲିଲେ । ପଚିଶ ହଜାର ଟଙ୍କାର ବ୍ୟାଙ୍କ ଡ୍ରାଫଟଟା ଆଗ ଜଳଜଳ ହୋଇ ଦିଶିଗଲା । ତା' ପଛକୁ ତାଙ୍କୁ ସମ୍ବୋଧିତ କରାଯାଇଥିବା ଏବଂ ନିଖୁଣ ଭାବରେ ଟାଇପ୍ କରାଯାଇଥିବା ଏକ ଚିଠିସହ ତିନିଗୋଟି ପୃଷ୍ଠାର ପରିଦର୍ଶନ ମନ୍ତବ୍ୟ ଖସଡ଼ାଏ ମଧ୍ୟ ଆସିଥିଲା । କେନ୍ଦ୍ର ପରିଦର୍ଶନ ମନ୍ତବ୍ୟକୁ ପଢ଼ିବାରେ ସେ ମନୋନିବେଶ କଲେ । ଇଂରାଜୀର ଅନୁବାଦ କରିବାରେ ଜଣାଗଲା "ପରିଦର୍ଶନ ବେଳେ ଆମେ ଦେଖିଲୁ ଯେ ଦଶ ପରିବର୍ତ୍ତେ ସତୁରିଜଣ ବାଳିକା ପ୍ରିଣ୍ଟିଂ ବିଷୟରେ ତାଲିମ ନେଉଛନ୍ତି । ନିଶ୍ଚୟ ଏହା ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦ ଦାସଙ୍କର ଐନ୍ଦ୍ରଜାଳିକ କରାମତି । ଏତଦ୍ ଅନୁଷ୍ଠାନକୁ ଗ୍ରାଣ୍ଟ ନିୟମିତ ପରିମାଣରେ ଯୋଗାଇ ଦିଆଯିବାରେ ଅନୁସନ୍ଧାନ କମିଟିର କୌଣସି ଆପତ୍ତି ନାହିଁ । ସାରା ଭାରତରେ ଏତଦ୍ ଅନୁଷ୍ଠାନର ବୈଷୟିକ ଋଣ କାର୍ଯ୍ୟକାରୀ କରିବାରେ ଯେ ଅବହେଳା ଦେଖି ଆସିଲୁଁ, ଶ୍ରୀଯୁକ୍ତ ଦାସଙ୍କର ଅନୁଷ୍ଠାନଟି ଏକମାତ୍ର ବ୍ୟତିକ୍ରମ ବୋଲି ଧରା-ଯାଇପାରେ । ଏଣୁ ଶ୍ରୀଯୁକ୍ତ ଦାସଙ୍କୁ ପ୍ରୋତ୍ସାହନ ନିମନ୍ତେ ଏକଲକ୍ଷ ଟଙ୍କାଯେ

Digitized by srujanika@gmail.com

ନିତାନ୍ତ ଭାବରେ ଏକ ବହୁପ୍ରାର୍ଥିତ ଅଙ୍କ, ଏହା ଅନୁସନ୍ଧାନ କମିଟି ହୃଦ୍‌ବୋଧ କରୁଛନ୍ତି ।

ଏ ପ୍ରକାର ସୁପାରିଶ୍ ନିମନ୍ତେ ଅନୁସନ୍ଧାନ କେବେ, କେଉଁଠାରେ ଏବଂ କିନା ଖର୍ଚ୍ଚରେ ହୋଇଗଲା ବୋଲି ଶ୍ରୀମାନ୍ ରାଜେନ୍ଦ୍ର ପ୍ରସାଦ ଗୋଳକ ଧନ୍ଦାରେ ପଡ଼ିଗଲେ । ଋଣ ଆଣିବା ସମୟରେ ଭାରତ ସରକାରଙ୍କର ଭୁବନେଶ୍ୱରସ୍ଥିତ ପ୍ରତିନିଧି ଓ ଅଫିସ୍ ଷ୍ଟାଫ୍‌ଙ୍କ ବ୍ୟତୀତ ସେ ଆଉ କାହାକୁ ଜାଣିନଥିଲେ । ତା'ପରେ ତାଙ୍କୁ ବ୍ୟକ୍ତିଗତ ଭାବରେ ଲେଖା ଯାଇଥିବା ଚିଠିକୁ ସେ ପଢ଼ିବାକୁ ଆରମ୍ଭ କଲେ । ସେଥିରେ ତାଙ୍କୁ ଭୂରି ଭୂରି ପ୍ରଶଂସା କରିବା ବ୍ୟତୀତ ଆଉ କିଛି ନ ଥିଲା । ତାଙ୍କର ଉଦ୍ୟମ ଯେ ପ୍ରଶଂସନୀୟ ତାହାର ବ୍ୟାଖ୍ୟାରେ ଦୁଇ ଗୋଟିଏ ପାରାଗ୍ରାଫ ନିୟୋଜିତ ହୋଇଥିଲେ । ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତିର ଆଶା ଶେଷ ଭାଗରେ ଲେଖାଯାଇ ଅନୁଦାନ ରୂପେ ଦିଆଯାଇଥିବା ପଚିଶ ହଜାର ଟଙ୍କାର ବ୍ୟାଙ୍କ ଡ୍ରାଫଟ୍‌ର ପ୍ରାପ୍ତି ସ୍ୱୀକାର କରିବାକୁ ଅନୁରୋଧ କରାଯାଇଥିଲା ଚିଠିକୁ ବ୍ୟାଘ୍ରାବଲୋକନ କଲାପରେ ଶ୍ରୀମାନ୍ ରାଜେନ୍ଦ୍ର ପ୍ରସାଦ ପୁନଶ୍ଚ ପରିଦର୍ଶନ ମନ୍ତବ୍ୟକୁ ଆମୂଳଚୂଳ ପଢ଼ିଲେ । ଭାରତ ସରକାରଙ୍କ ଭୁବନେଶ୍ୱରସ୍ଥ ପ୍ରତିନିଧିଙ୍କ ସମେତ ଦିଲ୍ଲୀରୁ ଆସିଥିବା ଶ୍ରୀଯୁକ୍ତ କପୁର, ଶ୍ରୀଯୁକ୍ତ ଭଲ ଆଉ ଶ୍ରୀଯୁକ୍ତ ଚତୁର୍ବେଦୀଙ୍କ ନାମ ପରିଦର୍ଶନ ମନ୍ତବ୍ୟରେ ଉଲ୍ଲେଖିତ ହୋଇଥିଲା । ଦିଲ୍ଲୀବାଲାଙ୍କର ପଦବୀ ଗୁଡ଼ାକ ପଢ଼ିନେବାପରେ ସେ ହୋଚଟ୍ ଖାଇଗଲେ । ଜଣେ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରଣାଳୟର ଉପ ସଚିବ, ଆଉ ଜଣେ ଶିଳ୍ପ ପୁଞ୍ଜି ଲଗାଣର ମହା ନିର୍ଦ୍ଦେଶକ । ତୃତୀୟ ଜଣକ ରିଜର୍ଭ ବ୍ୟାଂକ୍ ଦିଲ୍ଲୀର ଜଣେ ବରିଷ୍ଠ କର୍ମକର୍ତ୍ତା ।

ଏମାନେ କେବେ ତାଂକ ପ୍ରେସକୁ ଆସିଥିଲେ ତାଂକର ମନେ ପଡ଼ିଲା ନାହିଁ । ଉପସ୍ଥିତ କମ୍ପୋଜିଟରମାନଙ୍କୁ ଏକେଇ କରି ଅନୁସନ୍ଧିତ୍ସୁ ଅଫିସର ମାନଂକର ଆଗମନ ବିଷୟରେ ପ୍ରଶ୍ନ କଲେ । ସମସ୍ତେ ଏହା ସେମାନଂକର ଜ୍ଞାନାତୀତ ବିଷୟ ବୋଲି ବୟାନ ଦେଲେ । ଆଉ ରହିଲା କେବଳ ଯୋଗୀନ୍ଦ୍ର । ନବମ ଶ୍ରେଣୀରୁ ପାଠକୁ ଛାଡ଼ପତ୍ର ଦେଇସାରିଛି । କାଟା ସିନେମା ହଲରେ ଟିକଟକୁ କଳା କରିବାରେ ନିଜକୁ ନିୟୋଜିତ କରିଥିଲା ।

Digitized by srujanika@gmail.com

ରାଜେନ୍ଦ୍ରବାବୁ ପ୍ରେସ ସ୍ଥାପନ କରିବାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବାପାଇଁ ତାଙ୍କୁ ପ୍ରେସକୁ ଆଣିଥିଲେ । ଟୋକାଟାକୁ ଏ ଦୁଇ ରବିନ୍ଦନ ହେବ ଭାଇରାଲ୍ ଫିଭର ହୋଇଥିବାରୁ ଗରହାଜର ଅଛି ।

ପ୍ରେସ୍ ବନ୍ଦ କରିବା ଦାୟିତ୍ୱ ହେଡ୍ କମ୍ପୋଜିଟର ରବୀନ୍ଦ୍ରକୁ ଦେଇ ରାଜେନ୍ଦ୍ର ବାବୁ ସ୍କୁଟର ଛୁଟାଇଲେ ଯୋଗୀନ୍ଦ୍ର ଘରକୁ । ବାଟରେ ଭାବୁଥାନ୍ତି ସମସ୍ତଙ୍କ ଅଜାଣତରେ ଏହା କିପରି ଘଟିଲା ? ଏତେ ବଡ଼ ବଡ଼ କାର୍ଯ୍ୟକର୍ତ୍ତା-ମାନେ କଅଣ ମିଛରେ ଏପରି-ଉଚ୍ଚଦରର ସୁପାରିଶ କରି ପାରନ୍ତି ?

ଯୋଗୀନ୍ଦ୍ର ଘରକୁ ଯିବା ପୂର୍ବରୁ ଫଳ ଦୋକାନରୁ ଅଧକିଲୋ ଆପଲ୍ ଆଉ ଅଡ଼େଇଶହ ଗ୍ରାମର ଅଙ୍ଗୁର କୋଳି କିଣିନେଲେ । ଦୁଇ ତିନି ଦିନ ତଳେ ଯୋଗୀନ୍ଦ୍ରର ସାନ ଭାଇ ଘରକୁ ଆସି ତାଙ୍କୁ ଯୋଗୀନ୍ଦ୍ରର ଦେହବ୍ୟସ୍ତ ତଥା ଅବଶ୍ୟମ୍ଭାବୀ ଅନୁପସ୍ଥିତିର ସୂଚନା ଦେଇ ଯାଇଥିଲା ।

ଯୋଗୀନ୍ଦ୍ରର ରୋଗଶଯ୍ୟା ପାଖରେ ବସି ସେ ପ୍ରଥମେ ରୋଗୀର ଚିକିତ୍ସାର ପ୍ରଣାଳୀ ଏବଂ ଅନ୍ୟାନ୍ୟ ଭଲମନ୍ଦ ବିଷୟ ତାହାର ମାଆଙ୍କୁ ପ୍ରଶ୍ନ କଲେ । ବାବୁ ଘରକୁ ଆସିଛନ୍ତି ଜାଣି ଯୋଗୀନ୍ଦ୍ର ଶଯ୍ୟାରୁ ଉଠି-ବାକୁ ପ୍ରୟାସ କରୁଥିଲା । ରାଜେନ୍ଦ୍ରବାବୁ ତାଙ୍କୁ ବାରଣ କରି ଶୁଆଇ ରଖାଇଲେ । ତାଙ୍କପରି ଅତିଥିଙ୍କୁ ସ୍ୱାଦାପାନ କରାଇବାକୁ ଯୋଗୀନ୍ଦ୍ରର ମାଆ କକ୍ଷ ତ୍ୟାଗ କରନ୍ତେ, ରାଜେନ୍ଦ୍ରବାବୁ ତାହା ଆଗରେ ବିଷୟଟିର ଅବତାରଣା କଲେ । ଯୋଗୀନ୍ଦ୍ର କଥାଟାକୁ ଭାବିବା ପାଇଁ କିଛି ସମୟ ନେବାପରେ କହିଲା, ହଁ ଆଜ୍ଞା ! ଠିକ୍ ଆମ ପ୍ରେସ୍‌କୁ ବିଶ୍ୱକର୍ମା ପୂଜାଦିନ ଦଳେ ସାହେବପରିକା ଲୋକ ମଟରରେ ବସି ଆସିଥିଲେ । ପାଞ୍ଚ ଛଅଜଣ ସଞ୍ଜକ ହେବେ । ଆପଣ ଅନ୍ୟ ପିଲାମାନଙ୍କୁ ନେଇ ପୂଜା ଜିନିଷ କିଣିବାକୁ ବଜାରକୁ ଯାଇଥିଲେ । ଆପଣଙ୍କ ବରାବରତେ ମୁଁ ଏକା ରହି ମେସିନ୍ ସଫା କରୁଥିଲି ସେତେବେଳେ । ଆପଣଙ୍କୁ ଖୋଜିବାରୁ ଆପଣ ପୂଜା ଜିନିଷ କିଣିବାକୁ ବଜାର ଯାଇଛନ୍ତି ବୋଲି ତାଙ୍କୁ କହିଥିଲି । ଜଣେ ବାବୁ ଆମମାନଙ୍କୁ ଇଂଲିସ୍‌ରେ ତାହା ଜଣାଇଦେଲେ । ମଧ୍ୟରେ ଜଣେ ବାବୁ ଲଡ଼୍କୀ, ଟ୍ରେନିଂ ବିଷୟ ପଚାରିବାରୁ ମୁଁ ବୁଝିଲି ସେମାନେ ମହିଳା ପି.ଟି. ସ୍କୁଲ ବିଷୟରେ ପଚାରୁଛନ୍ତି । ଆମ ପ୍ରେସ୍ ପାଖ ଗାର୍ଲ୍ସ ସ୍କୁଲକୁ ସେମାନଙ୍କୁ

Digitized by srujanika@gmail.com

ନେଇଗଲି । ପ୍ରେସ କବାଟରେ ତାଲା ପକାଇବା ବେଳେ ମନେ ପଡ଼ିଗଲା ଆପଣ କହିଥିଲେ ସି.ଟି. ସ୍କୁଲ ହେଡ଼ମିଷ୍ଟ୍ରେସ୍‌ଙ୍କୁ ଆମ ପ୍ରେସରେ ଛପା ହେଉଥିବା ତାଙ୍କ ସ୍କୁଲ ମ୍ୟାଗାଜିନର ଦୁଇ ଫର୍ମା ପ୍ରୁଫ୍ କପି ପଢ଼ିବା ପାଇଁ ନେଇ ଆସିବାକୁ । ବାବୁମାନଙ୍କୁ ସରକାରୀ ବାଳିକା ସ୍କୁଲକୁ ନେଇଗଲି । ସକାଳ ବେଳାଟାତ । ସି.ଟି. ସ୍କୁଲର ଝିଅମାନେ ଥାଆନ୍ତି । ହେଡ୍ ମିଷ୍ଟ୍ରେସ୍‌ଙ୍କୁ ଦେଇ ଆସିଲି । ସେମାନେ ହେଡ଼୍‌ମିଷ୍ଟ୍ରେସ୍‌ଙ୍କୁ କଅଣ ସବୁ ଇଂଲିସ୍‌ରେ ପ୍ରଶ୍ନ ପଚାରୁଥିଲେ । ମୁଁ ପ୍ରେସକୁ ଚାଲି ଆସିଲି । ସେଦିନ ବିଶ୍ୱକର୍ମା ପୂଜା ନହେବାରେ ଆପଣଙ୍କୁ କଥାଟା କହିନଥିଲି, ଭୁଲିଯାଇଥିଲି । ଆପଣ ଆଜି ନ ପଚାରିଥିଲେ ବିଲ୍‌କୁଲ୍ ଭୁଲିଯାଇଥିବା କଥାଟା ଆପଣଙ୍କୁ କହି ପାରି ନଥାନ୍ତି ।

ସାତମତ ଚାହା ଆଉ ଜଳଖିଆ ପରିବେଷଣ କଲେ ଯୋଗୀନ୍ଦ୍ରର ମାଆ । କଥାଟା ସମ୍ପୂର୍ଣ୍ଣ ଭାବେ ପରିସ୍ଫୁଟ ହୋଇଯାଏ । ଜଳଖିଆ ଖାଉ ଖାଉ ରାଜେନ୍ଦ୍ର ଭାବିଲେ ସି.ଟି. ସ୍କୁଲର ହେଡ଼୍‌ମିଷ୍ଟ୍ରେସ୍‌ଙ୍କୁ ଦେଖାକରି ଅନୁସନ୍ଧାନର ଶେଷ ପର୍ବ ସମାପନ କରିବେ ।

ହେଡ଼୍‌ମିଷ୍ଟ୍ରେସ୍‌ଙ୍କ ଘରକୁ ମ୍ୟାଗାଜିନ୍ ଛପେଇ ଅର୍ଡ଼ର ନେବା ପୂର୍ବରୁ ସେ ଥରେ ଦ'ଥର ଯାଇଥିଲେ । ଅତଏବ ଏଥର ଯିବାରେ କିଛି ଅସୁବିଧା ନଥିଲା । ସନ୍ଧ୍ୟା ଆସନ୍ନପ୍ରାୟ । ଭଦ୍ରମହିଳା ଘରେ ଉପସ୍ଥିତ ନିଶ୍ଚୟ ଥିବେ ।

ଯଥା ସମୟରେ ରାଜେନ୍ଦ୍ର ବାବୁ ହେଡ଼୍‌ମିଷ୍ଟ୍ରେସ୍‌ଙ୍କ ଘରେ ପହଞ୍ଚିଲେ । ମନାକରିବା ସତ୍ତ୍ୱେ ଭଦ୍ରମହିଳା ଚାହା ପର୍ବର ଆୟୋଜନ କଲେ । ଦିଲ୍ଲୀବାଲାଙ୍କ ଖବର ବିଶ୍ୱକର୍ମା ପୂଜାକୁ ମନେ ପକାଇଦେଇ ପଚାରିବାରେ ଜଣାଗଲା ଯେ, ହେଡ଼୍‌ମିଷ୍ଟ୍ରେସ୍ ମଧ୍ୟ ବେଶୀ ସମୟ ଆଳାପ କରି ନାହାନ୍ତି । ପ୍ରଥମେ ସେ ଡ଼ି.ପି.ଆଇ. ଅବା ଶିକ୍ଷା ବିଭାଗର ଉଚ୍ଚ କର୍ମକର୍ତ୍ତା ବୋଲି ସେମାନଙ୍କୁ ବିଚାରି ଥିଲେ । ମାତ୍ର ପଦେ ଦୁଇପଦ ପ୍ରଶ୍ନୋତ୍ତରପରେ ଭଦ୍ରବ୍ୟକ୍ତିଗଣ ଫେରିଗଲେ । ସେମାନଙ୍କର ପରିଚୟ ମଧ୍ୟ ସେ ସଂଗ୍ରହ କରି ପାରିନଥିଲେ । ପ୍ରଶ୍ନର ଉତ୍ତର -ରେ ସେ ତାଙ୍କ ସ୍କୁଲର ଛାତ୍ରୀ ସଂଖ୍ୟା ସେମାନଙ୍କୁ କହିଥିଲେ ମାତ୍ର । ସେମାନେ ତାଙ୍କୁ ଇନ୍‌ଷ୍ଟ୍ରକ୍‌ଟ୍ରେସ୍‌ର ସମ୍ବୋଧନ କରିବାରେ ନିଜକୁ ସେ ହେଡ଼୍-

Digitized by srujanika@gmail.com

ମିଷ୍ଟ୍ରେସ୍ ଟ୍ରେନିଂ ସ୍କୁଲର ବୋଲି ଜଣାଇଥିଲେ । ତା'ପରେ ମୁଁ ପଠାଇଥିବା ଗ୍ରୁପ୍ କପିଗୁଡ଼ାକ ଦେଖିବାରେ ମନୋନିବେଶ କରିଥିଲେ ।

ବାସ୍ କଥାଟା ଟିକିଏ ଟିକିଏ ହୋଇ ସଫା ହେଇଗଲା । ପି.ଟି. ସ୍କୁଲଟି ତାଙ୍କୁ ବିପଦରୁ ରକ୍ଷାକରିଦେଲା ବୋଲି ଭାବିଲେ । ଦିଲ୍ଲୀବାଲାଏ ଯାହା ବୁଝିଲେ ତାହାହିଁ ସେମାନଙ୍କୁ ଏ ପ୍ରକାରର ସୁପାରିଶ୍ ଲେଖାଇ ଦେଲା । କେନ୍ଦ୍ରୀୟ ସାହାଯ୍ୟ କେନାଲ୍‌ର ଏଥର ସ୍ଲୁଇସ୍ ମେଲା ହୋଇଗଲା । ଖାଲି ଗୁଡ଼ାଏ ଝିଅ ପିଲାଙ୍କ ନାମ ଏବଂ ଷ୍ଟାଇପେଣ୍ଡ୍ ଖାତାରେ ଜାଲ୍ ହିସାବ ଦେଖାଇ ଦେଲେ ହୋଇଯିବ । ଆସନ୍ତା ବର୍ଷ ଅନୁସନ୍ଧାନ ବେଳକୁ 'ବ୍ୟାଚ୍‌ର ତାଲିମ୍ ଶେଷ ହୋଇ ନୂଆ ବ୍ୟାଚ ପାଇଁ ବାଜେଟ ଦିଆଯାଇଛି ବୋଲି ଦର୍ଶାଇଦେଲେ ଚଳିବ । ମିଷ୍ଟ୍ରେସ୍‌ର ନାମକରଣ ଏତେ ଦିନକେ ସାର୍ଥକ ହେଲା । ଏ ଟଙ୍କାଟାର ମୋଟା ଆକାରରେ ଓଡ଼ିଶା ରାଜ୍ୟ ଅର୍ଥ ନିଗମକୁ ଋଣ ପରିଶୋଧ କରିଦେଲେ ସେପଟରୁ ଆଉ ଆନନ୍ଦଙ୍କର ଆଶଙ୍କା ରହିବ ନାହିଁ ବୋଲି ମନେ ମନେ କୁରୁଳି ଉଠିଲେ ।

ମନରେ ଗୋଟିଏ ଚିନ୍ତା । ରାତି ପାହିଲେ କମିଟି ବ୍ୟାଙ୍କକୁ ଯାଇ ଡ୍ରାଫ୍ଟଟାକୁ ଭଙ୍ଗାଇଦେଇ ନିଜ ଆକାଉଣ୍ଟରେ ଟଙ୍କାଟା ଜମା କରିଦେବେ । ସେପ୍ରଖ୍ ସ୍ଥାପନାର ପ୍ରାୟ ଦୁଇ ବର୍ଷ ପରେ ଯାଇ ନିଖାଜାତାଲ ଅଲକ୍ଷ୍ମୀଙ୍କୁ ସମୟ ହେଲା ତାଙ୍କ ଘରର ଛପର ଫାଡ଼ିବାକୁ ।

Digitized by srujanika@gmail.com

ମାଛ ମୁଣ୍ଡ

ଧନୀ, ନିହାତ ଧନୀ, ତାଙ୍କ ଧନୀ ପରିବାରର ପିଲାମାନଙ୍କର ହୋଟେଲ୍‌ରେ ଖାଇବା ଆବଶ୍ୟକ ନଥାଏ । ଯଦିବା ସେମାନେ ହୋଟେଲରେ ଖାଆନ୍ତି ତେବେ ସଉକ ନିମିତ୍ତ । ଆଭିଜାତ୍ୟପୂର୍ଣ୍ଣ ହୋଟେଲରେ ସେମାନେ ପଇସା ବିଞ୍ଚି ଦିଅନ୍ତି । କିନ୍ତୁ ଗରିବ-ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ପରିବାରର ପିଲାଗୁଡ଼ାକ କପାଳରେ ବହୁ କଷ୍ଟକାଳ ହୋଟେଲ, ମେସ୍ ହଷ୍ଟେଲରେ ଖାଇବାପାଇଁ ଲେଖିଥାନ୍ତି । ସହରୀ ପିଲାମାନେ ସିନା ଘରେ ଶାଗ ଭାତ ଖାଇ ବି.ଏ, ଏମ୍.ଏ, ଡାକ୍ତରୀ, ଇଞ୍ଜିନିୟରିଂ ଆଦି ପାଠ ପଢ଼ିବାକୁ ସମର୍ଥ ହୁଅନ୍ତି ମଫସଲରୁ ଆସିଲେ, ଆଳୁ ବାଇଗଣ ବୋଇତି କଖାରୁ ଡାଲିରେ କଷ୍ଟକାଳ କଟାଇବାକୁ ହୁଏ ।

ପାଠପଢ଼ା ସରିଲେ ନିଜେ ସ୍ୱାବଲମ୍ବୀ ନହେବା ପର୍ଯ୍ୟନ୍ତ ବାପାଙ୍କ ହୋଟେଲ୍‌ରେ ଗରାଖ ହେବାକୁ ପଡ଼େ । ବିଦେଶ ଭୂଇଁରେ ଚାକିରିଟେ ମିଳିଲେ ପୁଣି ହୋଟେଲ ବ୍ୟବସ୍ଥା ଯେ ପର୍ଯ୍ୟନ୍ତ ପତ୍ନୀଟିଏ ଆସି ଚୁଲି ନ ଫୁଙ୍କନ୍ତି । ତାପରେ ଆରମ୍ଭ ହୁଏ ଗୃହିଣୀ-ହୋଟେଲ । ପଡ଼ିଲେ ଲୁଣିଆ ଅଲଣା, ଘରେ ଦେଶୀ ତରକାରୀ ଟିଅଁ ଟିଇଁ ଜୀବନରେ ବଡ଼ ସୁଆଦ ଲାଗେ । ତା'ପରେ ଅଭିଜ୍ଞତାର ପାହାଡ଼ ମୁଣ୍ଡରେ ଲଦି ଗୃହିଣୀ ସୁ-ପାଚିକାରେ ପରିଣତ ହୁଅନ୍ତି ।

ସାରା ଜୀବନ ହୋଟେଲକୁ ଆଶ୍ରା ନକରି ଗୃହିଣୀ ହୋଟେଲରେ ଗରାଖ ହେଲେ ଉପସ୍ଥିତ ସମୟରେ କମ୍ ଖର୍ଚ୍ଚ ସିନା ହୁଏ, କିନ୍ତୁ ମା ଷଠୀଦେବୀଙ୍କ ବାରମ୍ବାର ଆଶୀର୍ବାଦ ଫଳରେ ପରିବାର ବୃକ୍ଷଟି ଫଳଭାରରେ ନୋଇଁପଡ଼େ । ପିଲାଙ୍କ ପାଠପଢ଼ା ଆଉ ଶୁଭକର୍ମରେ ମଣିଷ ନିସ୍ୱାନ୍ତ ହୋଇ ଯାଏ । ଦେବେଳେ ତାକୁ ଝଡ଼ୀକା-ଲଡ଼ୁ ବିଜୀର ହୋଇଯାଏ ଏ ରେକର୍ଡ୍ ଖର୍ଚ୍ଚରେ ।

Digitized by srujanika@gmail.com

ବାପାଙ୍କ ହୋଟେଲ ଛାଡ଼ି ଗୃହିଣୀଙ୍କ ହୋଟେଲରେ ନାମ ରେଜେଷ୍ଟ୍ରି କରିବା ବ୍ୟବଧାନଟା ମୋଟରେ ଛଅବର୍ଷ ସାତ ମାସ—ନଅହଜାର ଦିନ ମୁଁ ହୋଟେଲ ଆଶ୍ରୟ ନେଇଥିଲି । ମୋଟ କାଳରୁ ପ୍ରାୟ ଅଢ଼େଇ ବର୍ଷ ମୁଁ ବାସୁଆନ୍ନା ହୋଟେଲରେ ଗରାଖ ବନିଥିଲି ।

କଟକରେ ଚାକିରି ଖଣ୍ଡିଏ କେନ୍ଦ୍ର ସରକାରଙ୍କ କୌଣସି ଏକ ଦପ୍ତରରେ ପାଇ ମୁଁ ଅଲାଧିକାଆ ଭାବରେ ଗାଁରୁ ଉଡ଼ିଆସିଲି । କଟକ ସହର ସ୍ତ୍ରୀ ମିଳିବ ପଛକେ ଘର ଖଣ୍ଡିଏ ମିଳିବା ମୁସ୍କିଲ । ସରଳକ୍ ହୋମସୀପ୍ସ କାଇଦାରେ ଅନୁସନ୍ଧାନ କରି ଅବଶେଷରେ ଛଅଫୁଟ ଲମ୍ବା ପାଞ୍ଚଫୁଟ ଚଉଡ଼ା ଆଜ୍‌ବେଷ୍ଟସ୍ ଛାତଥିବା ବଖରାଟିଏ ମିଳିଲା । ଖଟ ପକାଇ ଦେବାରୁ ଗମନାଗମନ ପଥ ଏପରି ସଙ୍କୁଚିତ ହୋଇ ପଡ଼ିଲା ଯେ ଟ୍ରାଫିକ୍ ପୋଲିସ୍‌ଟିଏର ନିତାନ୍ତ ଦରକାର ମନେହେଲା । ଏଥିରେ ଖାନା କେଉଁଠି ହେବ ? ବରଣ୍ଡାଟି ପାଇଖାନାଟି ମାତ୍ର ମୁକ୍ତ ସ୍ଥାନ ଏଥିରେ ।

ହୋଟେଲ ଖୋଜି ଖୋଜି ବାସୁଆନ୍ନାକୁ ପାଇଲି ଛଅମାସ ଗଲେ । ମୁଁ ଚାହୁଁଥିଲି ମାସିକିଆ ଦେୟ ଦେଇ କୌଣସି ହୋଟେଲରେ ଖାଇବାକୁ । କିନ୍ତୁ ସବୁଆଡ଼େ ପ୍ଲେଟ୍ ସିଷ୍ଟମ୍ । ବାସୁଆନ୍ନା ରାଜି ହେଇଗଲେ । ସପ୍ତାହରେ ଥରେ ମାଂସ ଆଉ ଦି ଓଳି ମାଛରେ ମାସକୁ ଦେଢ଼ଶହ ଟଙ୍କା । ସ୍ୱଭାବିକ ପାଉଥିବା ପାଞ୍ଚଶହ ଟଙ୍କାରୁ ଖୋରାକୀ ଦେଢ଼ଶହ, ଜଳପାନ ପଚାଶ ଘରଭଡ଼ା ତିରିଶି ଓ ଅନ୍ୟାନ୍ୟ ଖର୍ଚ୍ଚକୁ ସବୁରି ରଖିଲେ, ବାପାଙ୍କୁ ମାସିକ ଦୁଇଶହ ଟଙ୍କା ସାହାଯ୍ୟ କରିହେବ । ବାସୁଆନ୍ନାର ସମସ୍ତ ସର୍ତ୍ତକୁ ଆଖିବୁଜି ମଞ୍ଜୁର କରିଦେଲି ।

ବାସୁଆନ୍ନା ତାମିଲ ଅଞ୍ଚଳର ଲୋକ । ବକ୍ସିବଜାର ପୋଷ୍ଟଅଫିସ୍ ସାମନାରେ ମାର୍କେଟ୍ ଭିତରେ ପକଖା ପଟାର ଛେଚାକୁ ଟିଣ ଘରର ଯୋଡ଼ାଇ ସେ ତା'ର ଅନଶାଳା ହୋଟେଲ ମେଲିଇଥାଏ । ଗୋଟିଏ ପୁଅଖାଏ ଆଉ ତିନୋଟି ଚାକର ରଖିଥାଏ । ମକୁନ୍ଦା ବୁଢ଼ା ପରିବା କାଟେ ମସଲା ବାଟେ ଆଉ ବାସନ ତେଲ୍‌ଚିଟା ମଜାମଜି କରେ । ଉଦ୍ଧବ ଜୁଆନ ଟୋକା । ପାଣି ବୋହି ଟାଙ୍କିରେ ଭରେ ଆଉ ଗ୍ରାହକମାନଙ୍କୁ ଲୁଣ ଲଙ୍କା ପିଆଜ ସହ ପାଣି ଯୋଗାଇବା ତାହାର କର୍ତ୍ତବ୍ୟର ଅନ୍ତର୍ଭୁକ୍ତ । ଆଉ ଗୋଟାଏ ଟୋକା

Digitized by srujanika@gmail.com

-ଟଙ୍ଗିଆ ଝୋଲା ଆଉ ତା' ନାଆଁ ରତନା । ସେ ମାଲିକ ହାତରେ ଅଥବା ଏକା ଯାଇ ବଜାର ସଉଦା କରେ ଓ ଗ୍ରାହକମାନଙ୍କ ଆବଶ୍ୟକତାମତେ ଚୁହ୍ଲାଘରୁ ଆଣି ପରିବେଷଣ କରେ । ବାପ୍ପାନ୍ନାର କଲିଂବେଲ୍ର ଏକ ମାତ୍ର ଉତ୍ତରଦାତା ସିଏ । ବାପ୍ପାନ୍ନା ହୋଟେଲ ବେଶ୍ ଚଳେ । ସେ ଗାଁରେ କଟି ଆଉ କଣ୍ଠକରେ ସୁନା ଏକୋଇଶରେ କିଣି ବନ୍ଧିଥାଏ । ସବୁ ଧନ କେବଳ ଲୁଣ୍ଠାଣ୍ଠା କୁବେର ନନାର ।

ଦୁଇତିନମାସ ଗଡ଼ିଗଲା । ଦିନେ ମୁଁ ଝାଇଡ଼ାର ପଛଆଡ଼େ ଥିବା ସିଙ୍କ୍ରେ ମୁହଁ ଧୋଉଛି, ଖାଲି ଚୋରୁ ଚୋରୁ କୁବେର ନନା ବାହାରପଡ଼ି ମତେ ଟଙ୍କା ଦଶଟା ମାଗିଲା । କେବେ କେଉଁଠା ମାଗେ ନାହିଁ, ମୁହଁ ଫିଟାଇ ହାତିଲାଣି ଯେତେବେଳେ ଆଗପଛ ବିଚାର ନକରି ପକେଟରୁ ଦଶଟା ଟଙ୍କା କାଢ଼ି ବଢ଼ାଇ ଦେଲି ।

ତହିଁ ଆର ଦିନ ମୋର ନିତ୍ୟମିଷ ଥାଳିରେ ଯେତ ଭାତରେ ମୁଣ୍ଡାଏ ମାଛ ମତେ ଝାଉଁ ଖାଉଁ ଚମକି ମାରିଲା । ମୁଁ ହଡ଼ବଡ଼େଇ ଯାଇ ରତନାର ଦୃଷ୍ଟି ଅନ୍ତରାଳ କରିବାକୁ ତାକୁ ଭିତରେ ଦୌଡ଼ାଇ ପକାଇଲି । ଗୁଣ୍ଡ ଦମ୍ ଦମ୍ ହେଲା । ସାହସ ସଞ୍ଚୟ କରି ସେଥିରୁ ଟିକିଏ ଟିକିଏ ନେଇ ସାଦା ତରକାରୀରେ ମଞ୍ଚ ବଦଳପରି ଚକଟିନେଇ ଖାଇଦେଲି । କଣ୍ଟାଗୁଡ଼ାକ ଦୋଡ଼ ତଳକୁ ନଜାଣିଲାପରି ଖସାଇ ଦେଇ ମୋ ପିଠ୍ ତଳୁ ତଳିରେ ଘୋଷାଡ଼ି ନେଇ ପାଖ ପିଠ୍ ତଳେ ଛୁଡ଼ି ଦେଉଥାଏ ।

ତା ପରଦିନ ଭାତ ଭିତରୁ ମାଛ ମୁଣ୍ଡଟାଏ ବାହାରିଲା । ଖଣ୍ଡ ମାଛକୁ କିନା ପାର୍ କରି ଦେଇଥିଲି ତା' ପୂର୍ବଦିନ । ବଡ଼ ହଇରାଣରେ ପକାଇଲା କୁବେର ନନା । ରତନାଟା ଏପଟ ସେପଟ ହେଉଛି । ଆଉ କିଛି ଉପାୟ ନପାଇ ଡାଲିତକ ଭାତ ଉପରେ ଢାଳିଦେଇ ଖାଲି ଗିନାଟା କୋଳପାଖରେ ଟେବୁଲରେ ରଖିଲି । ମାଛ ମୁଣ୍ଡକୁ ଟିକିଏ ଟିକିଏ ଭାଙ୍ଗି ଟାଳିପି କଣ୍ଟାକୁ କମନ୍ଜୁସ୍ ପ୍ରକାରେ ଗୁଣ୍ଡି ନେଇ ଡାଲି ଗିନାରେ ପକାଉଥାଏ । ମୁଣ୍ଡର ଦେହଟା ମଧ ଠିକ୍ ଭାବରେ ଚୁଡ଼୍ ଚୁଡ଼୍ ଶବ୍ଦ କରି ଖାଇ ହେଲା ନାହିଁ ପଞ୍ଚାଦଆ ଶେଷକ ପରି ।

Digitized by srujanika@gmail.com

ସମ୍ଭବତଃ ମୋର ହାଡ଼ଗଣା ଅବସ୍ଥା କୁବେର ନନାର ଦୃଷ୍ଟି ଆକର୍ଷଣ କରିଥିଲା । ତେଣୁ ମାଛ ଡାଲି ଦିନ ବାହାରିଆ ତରକାରୀ ସଙ୍ଗରେ ପେଟିଏ ମାଛ ଭଜା ପୁରେଇଦେଇ ସେ ମୋତେ ଅନ୍ନ ପରଷୁଥିଲା । ଅନ୍ୟ ଦିନ ମାନଙ୍କରେ ଘିଅ ଭାତରେ କଣ୍ଟାହୀନ ଦୁଇ ପିସ ମାଂସ ଅବା ଲାଲ ଟକ୍ ଟକ୍ ଅଣ୍ଡା ଦୁଇଟା । ଅଣ୍ଡା କରିରୁ ଉଠିଆସି ଜାଗା ମାଡ଼ି ବସୁଥିଲେ । ଏଣିକି ମୁଁ ବରାବର ବାୟୁଆନ୍ନାକୁ ପଛ କରି ବସି ଖାଇଲା । ମୋ ସ୍ୱେଗ ମାଲ୍‌କୁ ମୁଁ ଏପରି କାଇଦାରେ ପାଟି ବାଟ ଦେଇ ପେଟକୁ ଚାଲାଣ କରୁଥାଏ ଯେ, ରନ୍ଧନାଗ ରତନା ତା' ବୋପା ମଧ୍ୟ ଜାଣି ପାରୁନଥାନ୍ତି । ମାତ୍ରାଧିକ ପ୍ରୋଟିନ୍ ଖାଦ୍ୟ ଖାଇ ଖାଇ ମୋର ବାହା ହେବାକୁ ଇଚ୍ଛା ହେଲା । ବନ୍ଧୁମାନଙ୍କ ହାତରେ ବାପା ମାଆଙ୍କୁ ସୁପରାମର୍ଶମାନ ପଠାଇବାକୁ ଲାଗିଲି । କୁବେର ନନା କୁବେରପୁରର ମାଲିକ ଆଉ ମୁଁ ବାୟୁଆନ୍ନା ହୋଟେଲରେ ଇନ୍ଦ୍ରରାଜା ପାଲଟିଥାଏ ।

ଏତାଦୃଶ କାରସାଦି ପାଇଁ ସାମଗ୍ରିକ ସାହାଯ୍ୟ ଭାବରେ ନେଇଥିବା ଦଶ ଟଙ୍କାକୁ ପରେ କୁବେର ନନା ତାହାର ମାସିକଆ ଭତ୍ତାରୂପେ ପରିଣତ କଲା । ବେଳ ଉଣ୍ଡି ସେ ମୋ ପାଖରୁ ତାହାର ପ୍ରାପ୍ୟ ଝାମ୍ପି ନେଉଥିଲା ।

ମୋର ଏ ମୁଖ ସୁଖସାଗରରେ ଜୁଆର ବେଶିଦିନ ରହିଲା ନାହିଁ । ଦୁଇ ବର୍ଷ ଯାଇଛି କି ନାହିଁ, ଭଟ୍ଟା ଆସିଗଲା । ସେଦିନ ଦଶଟା ବେଳେ ବାୟୁଆନ୍ନା ହୋଟେଲରେ ପହଞ୍ଚି ଜାଣିଲି ଯେ କୁବେର ନନା ନାହିଁ । ଗୋଟାଏ ଦକ୍ଷିଣିଆ ନନା ଆସି ରନ୍ଧାବଢ଼ା କରୁଛି । ଶୁଣିଲି ଦରମା ବଢ଼ାଇବାକୁ ଦାବୀକରି କୁବେର ନନା ଚାକିରି ଛାଡ଼ି ଯାଇଛି । ମନରେ ଭାବିଲି ଚଳିତ ଗଲା— ଏତେ ଝିଣ୍ଟିକା ଦେଇ ବଣିଟିକୁ ପୋଷିଥିଲି ତାକୁ ହେଲେ ସାଙ୍ଗରେ ଭଲ ନେଇଥାନ୍ତା ! ଗଲା ଲୋକଗୁଡ଼ାକ ସବୁବେଳେ ଖରାପ । କୁବେର ନନା କେନ୍ତୁ ଖୁବ୍ ଭଲ ରାନ୍ଧୁଥିଲା । ସାଦା ସନ୍ତୁଳାଟା ତା ହାତରେ ଯେପରି ଲାଗେ କଅଣ କହିବି ? ମାଛ, ମାଂସ, ଅଣ୍ଡା କୋଉଥିରେ କିଛି ବାରିବାକୁ ନାହିଁ । ସେ ଗୁଣଗୁଡ଼ାକ ପାଇଁଶିଆ ପଡ଼ିଯାଇ ଦୁର୍ଗୁଣଟିକ ଚର୍ଚ୍ଚା ହେଉଥାଏ । ମାଲିକ ବଜାର ଗଲେ ସେ କୁଆଡ଼େ ନିୟମିତ ଭାବରେ ପଇସା ଚୋରି କରୁଥିଲା । ନିୟମିତ ଭାବରେ ଗଞ୍ଜେଇ ଟାଣୁଥିଲା । ହେବ କେମିତି ମକୁନ୍ଦା ବୁଢ଼ା

Digitized by srujanika@gmail.com

ହାତରେ ମଦ ମଗାଇ ଗ୍ଲସ ଅଧରେ ଖାଉଥିଲା । ହୋଟେଲରୁ ଭଲ ମାଂସ ତା' ନିଜ ପାଇଁ ଲୁଚାଇ ଦେଉଥିଲା............ଇତ୍ୟାଦି ଇତ୍ୟାଦି ।

କୁବେର ନନା ପାଣ୍ଟିରେ ଚଟକ ଲଗାଇ ଦେଇଥିଲା । ଏ ନୂଆ ସୁଖାସଣ୍ଟା ହ୍ୟାପ୍ — ଧର୍ମ ଯୁକେଷ୍ଟିର । ଧରାବନ୍ଧା ଗ୍ରାହକ ଯାହା, ହାବୁଡ଼ା ହାବୁଡ଼ି ଗ୍ରାହକ ମଧ୍ୟ ତାହା । ମାପଚୁପରେ ଭୁଲ ଭ୍ରାନ୍ତି ନାହିଁ । ଶଳାଟାର ବୋପା କମ୍ୟୁନିଷ୍ଟ ଥିଲା ବୋଧହୁଏ । ବାସ୍ନାମତୀ ହୋଟେଲ ମିଲ୍‌ରେ ଆଉ ମଉଜ ରହିଲାନାହିଁ । ଏକେତ ରନ୍ଧନର ସ୍ୱାଦ ଭିନ୍ନ ହୋଇଗଲା ଦ୍ୱିତୀୟରେ ଲୁଚକାଳି ଖେଳଟା ଏବାକ୍ ବନ୍ଦ ହୋଇଗଲା । ମୁଁ ସାଢ଼େତିନି ପାଉଣ୍ଡ କେଇଟା ଦିନରେ ଓଜନ ହରାଇ ବସିଲି । କିନ୍ତୁ ଆଉ ସୁଆଡ଼େ ଗଲେ ସେଇ ପ୍ଲେଟ୍ ହିସାବ । ବାକି ଖାତାରେ ନାମଲେଖି ମଟନ ଯଦି ପୃଥିବୀଟାକୁ ଖାଇବାକୁ କୁହାଯାଏ ମୁଁ ଖାଇଦେଲାବାଲା । ତେଣୁ ସେ ପ୍ଲେଟ୍ ସିଷ୍ଟମ ମଟନ ପୋଷାଉ ନଥାଏ ।

ଦିନେ ଖାଇ ବସିଲାବେଳେ ରତନା ଆସି ଖବର ଦେଲା ଯେ କାଲେ କୁବେର ନନା ଏଇ କଟକରେ ବାଦାମବାଡ଼ିରେ ଗୋଟାଏ ହୋଟେଲରେ କାମ କରୁଛି । ଆଜି ଦି' ପହରେ ଏଠିକି ମାଲିକଙ୍କ ସଙ୍ଗରେ ହିସାବ ନିକାଶ କରିବାକୁ ଆସିଥିଲା । ମାଲିକ ତାକୁ ଏଠି ରହିବାକୁ କହୁଥିଲେ । ସେ ସେକ୍ ଠୋକ୍ ମନା କରିଦେଲା । କାଲେ ସେ ନୂଆ ହୋଟେଲରେ ଏଠା ଅପେକ୍ଷା ଦିଗୁଣା ଦରମା ପାଉଛି । ଶ୍ୱେପାଟାଏତ । ଶଳା ମିଛରେ ଡହରାନ୍ତି ଦେଖାଉଥିଲା ଇତ୍ୟାଦି ।

ମନରେ କହି ଶ୍ୱେପାଟା ତୁ ଜାଣିଛୁ । କୁବେର ନନାକୁ ତ ତୋ ବୋପା ମଧ୍ୟ ରନ୍ଧାରେ ବନେଇ ନିବ ନାହିଁ । ଉପରମନକୁ ହସିଦେଲି ଟିକିଏ ।

ସେଇଦିନୁ ମୋ ସାଇକେଲ ଚଢ଼ି ଛୁଟିଲା ବାଦାମବାଡ଼ି । ଛୁଟିଲା ଗାଡ଼ି ବାଦାମବାଡ଼ି ।

ବାଦାମବାଡ଼ିର ଏପରି ହୋଟେଲ ନାହିଁ ଯେ ମୁଁ ଯେଉଁଠି ନ ଉଣ୍ଡିଛି । କୁବେର ନନା ଏବଭୂତ ମାଖିଦେଇ ଅନ୍ତର୍ଦ୍ଧାନ । ଘଣ୍ଟାରେ ଆଲାର୍ମ ଦେଇ ଖାନ୍‌ନଗର ନନ୍ଦକୁଳରେ ଅପେକ୍ଷା କରି ବସିଲି କାଳେ ନିତ୍ୟକର୍ମ ବଢାଇବାକୁ

Digitized by srujanika@gmail.com

ଆସୁଥିବ ହେଲେ ସେ ଚଣ୍ଡାଳଟା ବୋଧହୁଏ ଗ୍ରାହକଙ୍କ ଟ୍ରେନ୍‌ରେ ତା କାମ ବଢ଼ାଇ ଦେଉଥିଲା । ତାମ୍ବିଲି ଫୁଲ ପରି ଅଦୃଶ୍ୟ ରହିଲା । ହୋଟେଲଗୁଡ଼ାକରେ ରଙ୍ଗଢଙ୍ଗ ପଛପଟରେ ଥାଏ । ଆପଣାର ଲୋକ ନହେଲେ ଯେପରି ଯାତ୍ରାପାର୍ଟି, ଥିଏଟର, ସୁଆଙ୍ଗ ଆଦି ସାଂସ୍କୃତିକ ଅନୁଷ୍ଠାନର ଶାଗୁଆ କୋଠରୀରେ ପଶି ପାରେ ନାହିଁ, ହୋଟେଲ ଗୁଡ଼ିକରେ ସେହିପରି ରୋଷେଇ ଘରକୁ ପ୍ରବେଶ ନିଷିଦ୍ଧ । ଦେଖୁନାହାନ୍ତି ଖୋଦ୍ ବଡ଼ ଦେଉଳରେ ପ୍ରଭୁ ଜଗନ୍ନାଥ ମଧ୍ୟ ସେହି ନୀତି ଧରି ଚାଲୁଛନ୍ତି । ରୋଷଘରେ ହଟଚମଟ ନାଠ ହୁଏକି ନା । ସେଥିପାଇଁ ସର୍ବସାଧାରଣଙ୍କର ରେଡ୍ ପରମିଟ୍ ନାହିଁ । ହୋଟେଲଗୁଡ଼ାକରେ ମୁଁ ଖାଲି ଦୃଷ୍ଟି ପାଇବା ପର୍ଯ୍ୟନ୍ତ ଭିତରକୁ ଅନାଏ । ଦୁଆର ମୁହଁରେ ବସିଥିବା ମାଲିକମାନେ ମତେ ଆଶାପୂର୍ଣ୍ଣ ଦୃଷ୍ଟିରେ ଶ୍ୱଶୁର ଜୋଇଁଙ୍କୁ ବାଟବରଣ କରିବାର ଉତ୍କଣ୍ଠା ନେଇ ଅନେଇ ରହିଥାନ୍ତି । ସେମାନଙ୍କ ଭିତରୁ କେତେକ ଅତି ଅଧୀର ହୋଇ 'ଆସନ୍ତୁ ଭଲ ମିଲ୍ ଅଛି' କହି ଡାକ ମାରନ୍ତି । ମୋ ସାଇକେଲ୍ ହତାଶିଆ ଦୂରତ୍ୱକୁ ଚାଲିଗଲେ ନଜର ଅନ୍ୟଆଡ଼େ ଫେରାନ୍ତି ।

ଥରକର କୁବେର ନନାକୁ ଗୋଟା ହୋଟେଲର ପଛପାଖରୁ ବାହାରି ଆସୁଥିବାର ଦେଖିଲି । ମତେ ତ କୋଟିନିଧି ମିଳିଗଲା । ଦେହରେ ପ୍ରୋଟିନ୍‌ର ଅଭାବ ମୁଁ ସଙ୍ଗେ ସଙ୍ଗେ ଅନୁଭବ କଲି । ସତେ ଯେମିତି ସେ କୁବେର ନନା ନୁହଁ ଅଶୋକ ବନର ଜାନକୀ—ଆଉ ମୁଁ ବୀରପୁଙ୍ଗବ ପବନପୁତ୍ର ହନୁମାନ—ମତେ ସେଇମିତି ଲାଗିଲା । କୁବେର ନନା ହସି ଦେଇ ପଚାରିଲା 'କଅଣ ଭୋଜନ ହେବ ବାବୁଜୀ ?'

'ଆଉ ପଚାରିବାକୁ ଅଛି ?' ମୁଁ ସାଇକେଲରେ ତାଲା ଦେଉଁ ଦେଉଁ କହିଲି । ହାତ ଧୋଇବାକୁ ସିଙ୍କ୍ ପାଖକୁ ଚାଲିଗଲି । ହୋଟେଲ ମାଲିକଟା ବେଶ୍ ମୋଟା ସୋଟା ଲୋକଟାଏ କଳାରଙ୍ଗର । କେଜାଣି କାହିଁକି ତାକୁ ଦେଖି ମୋ ଛାତିଟା ଧିକୁ ଧିକୁ ହେଲା ।

ହାତ ମୁହଁ ଧୋଇ ଖାଇ ବସିଲି । ମାଛ ମୁଣ୍ଡଟାଏ ଗ୍ରାସ ଭିତରେ । ପୂର୍ବ ଫର୍ମୁଲା ଅନୁସାରେ ଡାଲି ଟିନାଟା ଖାଲି ହୋଇଯାଇ ଟେବୁଲରୁ ଖସି କୋଳ ପାଖରେ ତାର ଅସ୍ଥାନ ଜମାଇ ଦେଇ ଗ୍ରାହକଙ୍କର ଉଷ୍ଟବନ୍

Digitized by srujanika@gmail.com

କାମ କରିବାକୁ ତିଆରି ହୋଇଗଲି । ଖାଇ ସାରିବା ପରେ ଚିନ୍ତାକଲି କଣ୍ଟା ଗିନାଟା କୋଉଠି ରଖିବି ? ଇଏ ତ ବାସନ୍ଧୁଆ ହୋଟେଲ ନୁହେଁ ଯେ, ମକୁନ୍ଦା ବୁଢ଼ାର ଗଜଗଜ ଶୁଣି ପାଇଁ ବହୁ ସମୟ ଧରି ଅଇଁଠା ପ୍ଲେଟ୍ ଟେବୁଲ ଉପରେ ପଡ଼ିଥିବ । ମୁଁ ଖାଉଥିବା ଗୁରୁଜଣିଆ ସିଟ୍‌ରେ ଆଉ କେହି ନଥାନ୍ତି । ତେଣୁ ତରକାରି ଥାଳିଆଟାକୁ କଣ୍ଟା ଗିନା ଉପରେ ରଖିଦେଇ ଉଠିପଡ଼ିଲି ।

ହାତ ମୁହଁ ପୋଛି ପୋଛି ହୋଇ କାଉଣ୍ଟରକୁ ଆସିଲି ପଇସା ଦେବାକୁ । କୁବେର ନନା ଗୋଟା ସାଦା ମିଲ୍‌ର ପଇସା ଦଶଙ୍କା ପଚାଶି ମାଗି ବଲ୍ ଡାକିଲା । ମାଲିକଟା କାଉଣ୍ଟରରୁ ଉଠି ଆସି କୁବେର ନନାର ଚୁଟି ଧରି ଗର୍ଜ୍ଜନ କରି କହିଲା, 'ଆଉ ମାଛ ମୁଣ୍ଡଟାର ପଇସା ତୋ ବୋପା ଦେବ ? ଶଳା ବ୍ରାହ୍ମଣ ମୋ ଆଖିରେ ଧୂଳି ଦଉଛୁ' । ତା ପରେ ଚାଲିଲା ଦୁମ୍ ଦାମ୍ ପ୍ରହାର ।

ଆରେ ଆଖିର କୋଉ କଣରେ ଶଳସଟା ଦେଖି ନେଇଛି ମୋ ମଛ ମୁଣ୍ଡ ଖିଆ । ଦୁମ୍ ଦାମ୍ 'ବାପାଲୋ ମାଆଲୋ' ଶବ୍ଦରେ ଆକୃଷ୍ଟ ହୋଇ ଦେଖଣାହାରି ଜମିବାକୁ ଲାଗିଲେଣି । ଛ୍ୟା ଛ୍ୟା—ମନେ କି ଦୁର୍ବୁଦ୍ଧି ଘୋଟିଲା । କୁବେର ନନା ଖାଲି 'ଭୁଲ ହୋଇଗଲା—ଛାଡ଼ି ଦିଅ ବାବୁ—କାକୁଳାରେ କହିଦେଲା ।' ଆଉ କିଛି ପ୍ରହାରଦାତାର ଅନୁକମ୍ପା ଭିକ୍ଷା କରୁଥାଏ । ସେ ହୋଟେଲ ମାଲିକ କୁବେର ନନାକୁ ଛାଡ଼ି ସମବେତ ଜନତାକୁ ପରିସ୍ଥିତିର କାରଣ ସରଳ ଭାଷାରେ ବୁଝାଉଥାଏ । ଲୋକମାନେ ଟେବୁଲ ପାଖରେ ଗଡ଼କି ପଡ଼ି ଧକେଇ ହଉଥିବା କୁବେର ନନାକୁ କେତେ କେତେବେଳେ ଆଉ କେତେବେଳେ ମୋ ଉପରକୁ ନଜର ପକାଉଥାନ୍ତି । ଏତେ ଶୋଧିଲ ବାରରେ ମୁଁ ପଇସା ନ ଦେଇ ଆସୁଛି ବା କିମିତି ? ଖସିବା ଚେଷ୍ଟା କଲେ କୁବେର ନନାର ମାଡ଼ଚକ୍ରାକ କାଳେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁରେ ଉଡ଼ି ଆସି ମୋ ପିଠିରେ ବରଷି ଯିବ । ରହି ହେଉ ନଥାଏ କି ଯାଇ ହେଉ ନଥାଏ ।

କାଉଣ୍ଟରକୁ ସେ କାଳିଆଭୂଆ ଫଁ ଫଁ ଗରଜରେ ହୋଇ ପେଟେଟା ହାତରେ ମୁଁ କମ୍ପିତ କଣ୍ଠରେ ପଚାରିଲି 'କେତେ ହେଲା)'

Digitized by srujanika@gmail.com

ଘାଘଡ଼ା କଣ୍ଠରେ କହିଲା 'ଦଶ ଟଙ୍କା ।'

ମାଛ ମୁଣ୍ଡଟା ବଡ଼ ଯୋର୍ ତିନ ଅବା ଚାରି ଟଙ୍କା ହୋଇଥାନ୍ତା । ଶଳା ରାକ୍ଷସଟା ବର୍ତ୍ତମାନ ମୋବାଇଲ କୋର୍ଟର ମାଜିଷ୍ଟ୍ରେଟ୍ ବନିଛି—ନ ଦେଇ ଯିବ କୁଆଡ଼େ ? ବାପର ସୁପୁତ୍ର ପରି ଦଶଟଙ୍କିଆ ନୋଟ ଖଣ୍ଡେ ବଢ଼ାଇ ଦେଇ ଭିଡ଼ ଠେଲି ସାଇକେଲ ପାଖକୁ ଆସିଲି । ଧଚଡ଼ା ଚାଲିଟା ମଧ୍ୟ ଖୋଲିବା ପାଇଁ ଧୈର୍ଯ୍ୟାଞ୍ଚିତ ସମୟ ନେଲା । ଫିଟି ଯିବାରୁ ଏକା ଝୋପାକେ ସାଇକେଲ ଚଢ଼ି ସେଇଯା ବାଦାମବାଡ଼ି ଛାଡ଼ିଛି ଆଜିଯାଏ ମାଡ଼ି ନାହିଁ । ଘରକୁ ଗଲେ ରେଳ ଗାଡ଼ିରେ ଯାଉଛି । ନହେଲେ ବସ୍ ଚଢ଼ିବାକୁ ହେଲେ ମଧୁପାଟଣା ଥାନାଯାଏ ରିକ୍ସା କରି ଯାଉଛି । ବାଦାମବାଡ଼ି ଆଉଟି ଛାଡ଼ି—ଆଉ ଯିବନାହିଁ ଗାଡ଼ି—ଗଲେ ଖାଇବ ବାଡ଼ି ।

ଜରଦ ମାଡ଼ର ଦରଦ ଦେହରେ ନେଇ କୁବେର ନନା ବୋଧହୁଏ ସେଇଦିନ ବ୍ଲକଣ୍ଠରୁ ଉତ୍ସର୍ଗ ହୋଇ ଯାଇଥିବ ।

—*—

Digitized by srujanika@gmail.com

ବୁମେରାଂ

ଭଗି ମିଶ୍ରେ ଓରଫ୍ ଭଗବାନ ମିଶ୍ରେ ଜଣେ ମାନ୍ୟବର ପୋଲିସ୍ ଅଫିସର । ସତର ବର୍ଷ ଧରି ସେ ବିଭିନ୍ନ ଥାନାରେ କାମ କରି ନିଜର ସମ୍ପତ୍ତି ତଥା ଗଣ୍ଡି ବଢ଼ାଇବା ବ୍ୟତୀତ ଆଉ କିଛି ଆଖିଦୃଶିଆ କାମ କଲେ ନାହିଁ । ବଜାରୁ ଚୋରର ଡକେଇତଗୁଡ଼ାକ ତାଙ୍କ ଥାନାରେ ଏମିତି କାଇଦାରେ ଚୋରି ଡକାଏତି କରନ୍ତି ଯେ, ବିଚରା ଭଗି ମିଶ୍ରେ ତାହାଁର କୂଳକିନାରା ଧରି ପାରନ୍ତି ନାହିଁ । ପ୍ରତ୍ୟେକ ଥାନାରେ ସେ ଆଠ ଦଶଟା ଦାଗୀ ଚିହ୍ନଟ କରି ରଖିଥାନ୍ତି, ସେଇ ମାନଙ୍କୁ ସବୁ ଚୋରି ଡକାଏତି କେଶ୍‌ରେ ଯୋଡ଼ି ଦେଇ ନିଶ୍ଚିନ୍ତ ରହନ୍ତି । ଉପରବାଲା ତଥା ଜନସାଧାରଣ କିନ୍ତୁ ଭାବନ୍ତି ଯେ, ଚୋର ଡକାୟତମାନେ ଥାନା ବାବୁଙ୍କ ସଲାରେ ସବୁ କାମ କରିଥାନ୍ତି । ଖୁନ ମ ମଲା ଗୋଟାଏ ପଡ଼ିଗଲେ ସେ ଦୁଇ ତରଫରୁ ନାକବୁଡ଼ା ଟକାଇ ଦିଅନ୍ତି । ଖରାପ ଗୁଣ ଭିତରେ ଏତିକି ଯେ, ଭଗି ମିଶ୍ରେ ପାଞ୍ଚ ଆଙ୍ଗୁଠିକୁ ନିଜ ପାଟିରେ ପୂରାଇ ଦିଅନ୍ତି । କାଣି ଆଙ୍ଗୁଠିଟାକୁ ମଧ୍ୟ କାହା-ରିକୁ ଚୁଚୁମିବାକୁ ଦିଅନ୍ତି ନାହିଁ ଉପରଠାରୁ ତଳ ପର୍ଯ୍ୟନ୍ତେ ।

ତଳବାଲା ପିନା କମି ଆଦରି ଚୁପ୍ ରହିବେ, ଉପରବାଲା ଆଉ ସମ୍ଭାଳନ୍ତି କେତେକେ ? ଆଦେଶ ଆସିଲା ତୁରନ୍ତରେ ଥାଇ ସେ ପୋଷାକପତ୍ର ଖୋଲିଦେବେ । ଅର୍ଥାତ୍ ତାଙ୍କର ଥାନାରୁ ବଦଳି ହେଲା ଡି. ଆଇ. ବି କୁ ।

ପୋଷାକପତ୍ରଗୁଡ଼ାକୁ ବୁଢ଼ିଆ ମୂଷା ଆଉ ଅସରପାଙ୍କ ମାରଫତରେ ଟ୍ରଙ୍କ ଭିତରେ ଥୋଇଦେଇ ସେ ପନ୍ଦର ମାସଟା ତାଙ୍କ କଲେଜ ପଢ଼ୁଆ ପୁଅର ହାୱାଇ ସାର୍ଟ ଆଉ ତାଙ୍କ ସରକାରୀ ପୋଷାକର ଉଲଟା ବୋଲିଲେ ଖାକି ପେଣ୍ଟଟାରେ କାମ ଚଳାଇ ନେବାକୁ ଭାବିଥିଲେ । ଥାନାରେ ଥିଲାବେଳେ ଦିନର ଅଠର ଘଣ୍ଟା ସରକାରୀ ଖାକି ପୋଷାକରେ ରହୁଥିଲେ । ଘରେ ଲୁଙ୍ଗି ଆଉ ଗେଞ୍ଜି । ପୁଅର ମନୋଜ କୁମାରିଆ ସାର୍ଟ ଚିହ୍ନି ସେ ଏସ୍. ପି.

Digitized by srujanika@gmail.com

ସାହେବଙ୍କ ପାଖକୁ ପ୍ରଥମ ଥର କାର୍ଯ୍ୟ ସଫଳାନ୍ତରେ ଯାଇ ଯୋତ୍ର ଶୋଧନଟାଏ ଖାଇଲେ ସେଡ଼ିକରେ ତାଙ୍କୁ ଥାନା ଅମଳର ସବଟାତ ଢଙ୍ଗ ବ'ଯାର ସିଭିଲ୍ ପୋଷାକ କରି ପକାଇବାକୁ ଆଉ ତର ସହିଲା ନାହିଁ ।

ଥାନା ଫାଣ୍ଡିକୁ ଝୁରି ଝୁରି ଭଗି ମିଶ୍ରେ ନଗି ପରି ଦୁବ୍ଲା ପତ୍ଲା ହୋଇଗଲେ । ଦିନ ଗ୍ଭବନାରେ ଥାନା ଫାଣ୍ଡି ରାତି ସପନରେ ଥାନା ଫାଣ୍ଡି । କଥାରେ ଅଛି ' ଲୁଣ ଖାଏ ହାଣ୍ଡି ଆଉ ଚନ୍ଦା ଖାଏ ଗଣ୍ଡି ।' ମିଶ୍ରଙ୍କ ସ୍ତ୍ରୀ ଟନିକ୍ କିଣି ସ୍ୱାମୀଙ୍କୁ ଖୁଆଇଲେ କଅଣ ହେବ ? ସାଗରରୁ ଅଣି କାନ୍ତାରରେ ପଡ଼ିବା ପରି । ସଦର ମୁକାମର ଥାନା ଫାଣ୍ଡିରେ ଥିବା ସାଙ୍ଗ ସୁଖ ଦିନେ ଅଧେ ପଗ୍ଭରିଲେ । ମିଶ୍ରେତ ଯୋଉ ଦିଆନକାଟା, ସେମାନେ ବାଟ କାଟିଲେ । ତେବେ ମିଶ୍ରେ ପି.ଡବ୍ଲ୍ୟୁ.ଡ଼ି. ଅଫିସ, ଟ୍ରେଜେରି ଅଫିସ୍, ଆର୍.ଟି.ଓ ଅଫିସ୍, ଜେଲ୍ ଟ୍ୟାକ୍ସ, ସବ୍‌ରେଜେଷ୍ଟ୍ରି ଅଫିସ୍ ଆଦି ବୁଲି ନଜର ଗୃହା ଜଳଖିଆଟିକ ଆଦାୟ କରି ନେଉଥିଲେ ।

ଦୁର୍ଭାଗ୍ୟ ସେଡ଼ିକରେ ସରି ନଥିଲା । କାମରେ ମନଯୋଗ ନାହିଁର ଅପବାଦ ନେଇ ସେ ସଦର ମଫସଲୁମାରୁ ବଦଳି ହେଲେ ଗୋଟାଏ ଅଖ୍ୟାତ ତହସିଲ୍ ମୁକାମକୁ । ପିଲାଙ୍କ ପଢ଼ାପଢ଼ି ଦୃଷ୍ଟିରୁ ସ୍ତ୍ରୀ ସଦର ମୁକାମରେ ଘରଟାଏ ଭଡ଼ା ନେଇ ରହିବାକୁ ହେଲା । ଭଗି ମିଶ୍ରେ କପାଳକୁ ଠୁଙ୍କି ସୁଟ୍‌କେଶ୍ ଆଉ ବିଛଣା ପୁଡ଼ାଟାଏ ଧରି ବାହାରି ପଡ଼ିଲେ କାର୍ଯ୍ୟସ୍ଥଳୀକୁ । ଯାଇ ଦେଖିଲେ ତହସିଲଦାର୍‌ଙ୍କ କାର୍ଯ୍ୟାଳୟରେ ଗୋଟିଏ ମାତ୍ର ବଖରାରେ ତାଙ୍କର ଅଫିସ୍ । ଅଧସ୍ତନ ଦୁଇଟିଯାକ କନେଷ୍ଟବଳ ମଧ୍ୟ ବିଦେଶିଆ । ସେମାନେ ପୂର୍ବ ଅଫିସରଙ୍କ ଅନୁମତି କ୍ରମେ ଦିନରେ ବାକ୍ସ ବିଛଣା ଟେବୁଲ୍ ତଳେ ଥୋଇ ରାତିରେ ବେଡ଼ରୁମ୍ କରୁଥିଲେ । ପୂର୍ବ ଅଫିସର୍ ଘରଭଡ଼ା ନେଇ ଗାଁରେ ରହୁଥିଲେ । ହେଲେ ମିଶ୍ରେତ ଘରଭଡ଼ା ନେବାର ଯୋଜନା କରି ନଥିଲେ । ରୁମ୍‌ର ଏ ଉପଯୁକ୍ତ ପ୍ରଜା ଦୁଇଟଙ୍କୁ ବେଦଖଲ୍ କରିବାର ଉପାୟ ନ ଥିବାରୁ ସେ ପରସ୍ପର ସାହାଯ୍ୟକୁ ସମ୍ଭାରେ ସେମାନଙ୍କୁ ବାନ୍ଧି ପକାଇଲେ । କନେଷ୍ଟବଳ ଦୁଇଟା ଅଫିସ୍ ସମୟ ପରେ ସେଇ ବାରଣ୍ଡାରେ କଅଣ ଦୁଇଟା ଘୁଣ୍ଟିଆଣ୍ଟି କରି ଦେଇ ବୃନ୍ଦାବନ ତମ୍ବାଇ

Digitized by srujanika@gmail.com

ନେଉଥିଲେ । ସେମାନେ ଭାବଥିଲେ ଯେ, ବାବୁ ତାଙ୍କର ହୋଟେଲରେ ଭୋଜନ ବ୍ୟବସ୍ଥା କରିବେ ବୋଲି । ଭଗି ମିଶ୍ରେ କିନ୍ତୁ ଖର୍ଚ୍ଚ କାଟ ଯୋଜନାକୁ କଡ଼ାକଡ଼ ଭାବରେ ପାଳନ କରୁଥିବାରୁ ସେମାନଙ୍କ ମେସ୍‌ରେ ଖାଇବାକୁ ବାଧ୍ୟ କଲେ । ଉପର ଅଫିସର୍‌ଙ୍କ ସରଳ ପଣିଆରେ ଅଧସ୍ତନ ଦିଓଟି କୃତକୃତ୍ୟ ହୋଇ ଉଠିଲେ । ଭାବଥିଲେ ବାବୁ ଜଣେ ଜୁଟିଲେଣି, ଆଉଁଷ ଶୁଖୁଆର ଧୂଳା ଉଡ଼ିବ । ମାତ୍ର ଦିନ ଦୁଇଟାରେ ଠଉରେଇ ନେଲେ ଯେ ବାବୁଟା ପୁରା ମକ୍ଷିଚୁଷ୍ । ତେଣିକି ସବୁବେଳେ ଉଜାଡ଼ ହେବା ଫଳରେ ମାନ ସମ୍ମାନ ଆଉ ଜଗି ହେଲା ନାହିଁ । ଏକେଇ ବେଠରେ ସବୁ କାମ ତୁଲେଇବାକୁ ହେଲା ବିଷୟରେ ମଝିରେ ମଝିରେ ଦି ଜଣଙ୍କର ଯୋନ୍ଦ ନଣାପାଣି ହେଉଥିଲା, ତହିଁରେ ଥିକୁଲ୍ ପଡ଼ିଗଲା । ସାତ ଦିନ ଯାଇଛି କି ନାହିଁ, ସେମାନଙ୍କର ବେଖାତିର୍ ଭାବ ପରିସ୍ଫୁଟ ହୋଇ ଉଠିଲା । ସେ ଦୁଇଟା ଦେଖିଲେ ବାବୁଙ୍କୁ ଦି' ବେଳା ଦୁଇଟା ଫୁଟେଇ ଦେଲେ କାମ ଶେଷ । ତେଣୁ ପାଳି ତାଙ୍କ ତାଙ୍କ ଭିତରେ କରି ଦେଇ ଜଣେ ରହିଲେ ଆଉ ଜଣେ ଘରେ । ସେ ଆସିଲେ ଏଇଟା ଚାଲିଯାଏ । ଭଗି ମିଶ୍ରେ କାହାକୁ ଅବା କଣ କହିବେ ? ନିଜେ ତ ମାସରେ ଦଶ ବାର ଦିନ ନାନା ଆଳରେ ସହରରେ ଘରକୁ ଯାଇ କଟାଇଥାନ୍ତି । ତେଣୁ ଅଫିସ୍‌ର ସାମୟିକ ଛୁଟି ହିସାବ ଖାତାଟିରେ ଝଁର ପଡ଼ିଯାଇଥାଏ । ଯେତେ କାଡ଼ିଲେ ମଧ୍ୟ ଶୁଝେନାହିଁ ।

ଅଫିସ୍‌ର ସବୁଠାରୁ ବଡ଼ କାମ ହେଲା ସାପ୍ତାହିକ ରିପୋର୍ଟ ପଠେଇବା । ସେ ରିପୋର୍ଟରେ ସ୍ଥାନୀୟ ବଜାର ଦର, ଶିଶୁ ଖାଦ୍ୟର ମୂଲ୍ୟଭିତା, ରୋଗୀ ଚପାତିର ସଂଖ୍ୟା, ଘରପୋଡ଼ି ବିବରଣୀ, ହରିଜନ ଉତ୍ପୀଡ଼ନ ଘଟଣା ଆଦି ବିଷୟ ସ୍ଥାନ ପାଇଥାଏ । ଭଗି ମିଶ୍ରେ ଘରକୁ ଗଲେ ଫର୍ମ ପୁଳାଏ ସଙ୍ଗରେ ଧରିଥାନ୍ତି । ଖବର କାଗଜରୁ ନିଜ ଇଲାକା ବିଷୟକ ସମ୍ବାଦ ଦେଖି ପଢ଼ି ତାଙ୍କ ରିପୋର୍ଟ ପଠାଇ ଦିଅନ୍ତି । ଡାକ ତ ଡାକ । ପୋଷ୍ଟଅଫିସ୍ ମୋହର କେଉଁ ଅଫିସ୍‌ରେ ଚନଖି ହେଉଥାଏ ? ଏଣେ ବାବୁଙ୍କ ଅବର୍ତ୍ତମାନରେ ଭକ୍ତ ଦୁଇଟି ମଧ୍ୟ ଯେଝା ରାସ୍ତାରେ ଛୁ ମାରିଥାନ୍ତି । ମଫସଲ ଅଞ୍ଚଳ । ବଡ଼ ସାହେବ ବରଷକେ ଥରେ ଆସିଲେ ତାଙ୍କୁ ଧନ୍ୟବାଦ ଦେବ ଫାବେ ।

Digitized by srujanika@gmail.com

ମିଶ୍ରେ ନୂଆରେ ସେ ଜାଗାରେ ଜଏନ୍ କରିବା ପରେ ପରେ ସବୁ ଅମଲା ଅଫିସରମାନଙ୍କୁ ଶ୍ୟେନ ଦୃଷ୍ଟିରେ ଦେଖିନେଇ ଜାଣି ଯାଇଥିଲେ ଯେ, ତହସିଲଦାର୍ ପରମ ଖାଉଆ, ଜୁନିୟର୍ ଇଂଜିନିୟର ମାରଣା, ଅମଲାଗଣ ଲାଞ୍ଚଖୋର, ଥାନାବାଲା ବି' ହାଣ୍ଡିଆ । ସେମାନଙ୍କ ଚଉକିକୁ ପଇସା ଧରେଇ ପଶୁଛନ୍ତି । ଭଗି ମିଶ୍ରଙ୍କୁ କଏ କାହିଁକି ବାସି ପାଣିରେ ପଚାରିବ ? ଦେଖି ଦେଖି ଦେହ ସହେ ନାହିଁ । 'ବଟେ ବନ୍ ସ୍ୱାଦ୍ ଆପ୍ସେ' ଥାନା ବାବୁଟା ଏଇଟି ବୁଲେଟ୍ ମଟର ସାଇକେଲ୍‌ଟେ ନୂଆ କିଣିଛନ୍ତି- ଆଉ ତାଙ୍କ ନିଜ ପୁରୁଣା ରାଜଦୂତଟା ମରାମତି ସାପେକ୍ଷ ହୋଇ ତହିଁରେ ବୁଢ଼ୀଆଣୀ ଜାଲ ବୁଣୁଛନ୍ତି । ଥାନା ଫାଣ୍ଡି ସିନା କଣେଇ ଦିଏ, ତେଲ ଦେଇ ଚଳେଇଦିଏ, ଭାଙ୍ଗିଗଲେ ସଜେଇଦିଏ, ହଜିଗଲେ ଖୋଜେଇ ଦିଏ । ଆଉ ଏ ମହରଗିଆ ଗୃକସରେ ଭଲ କରି ମୁଠାଏ ଖାଇହେବ ନାହିଁ ।

ମନ ବ୍ୟସ୍ତରେ ଭଗିମିଶ୍ରେ ଦିନେ ସ୍ଥାନୀୟ ଅଫିସର ଅମଲାମାନଙ୍କର ଲମ୍ବା ଚଉଡ଼ା ତାଲିକାଟାଏ କରି ପକାଇଲେ । ସମସ୍ତେ ତ ଆଖିମଳା ଗିଳିବାରେ ବ୍ୟସ୍ତ । ସାମାନ୍ୟ ଚେଷ୍ଟାରେ ସେଗୁଡ଼ାଙ୍କୁ ନାଲି ହାତରେ ପକଡ଼ ହେବ । ତାଲିକାରୁ ନାଗବଲ୍କଙ୍କୁ ଅଲଗା କରିଦେଲେ । ଖୁଣ୍ଟିନାଣ୍ଟି ପରୀକ୍ଷା ପରେ ଦେଖିଲେ ଥୋକାଏ କୋପ ବଳରେ ଖସିଯିବେ ତ ଥୋକାଏ ଚାପ ବଳରେ ଖସିବେ । ବାକି ଯୋଉମାନେ ତାଲିକାରେ ରହିଲେ ସେଗୁଡ଼ାକ ଚୁନ୍ନା । ଏଗୁଡ଼ାଙ୍କୁ ମାରି ସେ ନିଜ ହାତ ଗନ୍ଧାଇବାକୁ ଇଚ୍ଛା କଲେନାହିଁ ।

ଭଗିମିଶ୍ରଙ୍କୁ ଗୋଟାଏ ମଉକା ଆସି ସେତିକବେଳକୁ ଜୁଟିଲା । ସରକାରୀ ଡାକ୍ତରମାନଙ୍କୁ ଗୋଟାଏ ଭଉ ଦେଇପକାଇ ସେମାନଙ୍କ ଢଗ୍ରେଇ ଶଳାଗ୍ରାରେ ବନ୍ଧ ବାନ୍ଧିଦେଲେ । ସ୍ଥାନୀୟ ଡାକ୍ତରଟି ଟୋକାଟାଏ, ନୂଆ ବାହା ହୋଇଛି । ଶଶୁର ଦେଇଥିବା ଯେଜଦି ମଟରସାଇକେଲରେ ମାଇପକୁ ବସାଇ କେଡ଼େ ମନ ଉଲ୍ଲାସରେ ଏ ମଫସଲ ରାସ୍ତାରେ ଉଡ଼ିଯାଉଛି । ଏଥିରେ ରୋଗୀଙ୍କଠାରୁ ଟଙ୍କା ପଇସା ଗ୍ରହଣ କଲେ ତାହା ଧର୍ତ୍ତବ୍ୟ ଅପରାଧରେ ଗଣା ହେବ । ଧିବାନ୍ତର ହେଲା, ମଣିଷ ଶରୀର । କେତେବେଳେ କଅଣ ଯେ ହେବ । ଏ ଅପାଳକ ରାଇଜରେ ସେଇ ଡାକ୍ତରଟି ମାତ୍ର ବଜୁଳା । ଆଉ ଗୋଟାଏ କଲିକତା ଫେରନ୍ତା ହୋମିଓପ୍ୟାଥିକ ଡାକ୍ତର କେମ୍ବନ୍‌ଟାଏ ଚକାଇ

Digitized by srujanika@gmail.com

ବସିଛନ୍ତି । ହେଲେ ତା' ଦୋକାନରେ ମଣିଷଙ୍କ ଅପେକ୍ଷା ଶଳ ଶାଗୁଣାଙ୍କ ସଂଖ୍ୟା ଅଧିକ । ଡାକ୍ତରବାବୁଙ୍କ ବେକରୁ କିନ୍ତୁ ଷ୍ଟେଥୋଟା ଜମାକୁ ଓହ୍ଲାଏ ନାହିଁ । ତାଙ୍କ ଉପରେ ମିସ୍ରେ ପୁରା ଭରସା ରଖି ପାରିଲେ ନାହିଁ ।

ମନେ ପଡ଼ିଗଲା—ପିଲାଦିନେ ଜେଜେ ବାପା କହୁଥିଲେ 'ଟିରିମେ ପଗଡ଼ି ପାଓଁମେ ତେଲ୍, ବଇଦ ସଙ୍ଗରେ କରିବ ଟେଲ୍' ଏତିକଥା ତ । ପୋଷାକ ସହିତେ ମୁଣ୍ଡରେ ହଟ୍ ଓ କ୍ୟାପ୍ ଟା ମଧ୍ୟ ସାମୟିକ ଅବସର ଗ୍ରହଣ କରିଛନ୍ତି । ମିସ୍ରେ ତୁରନ୍ତ ଗୋଟାଏ ସାହେବ ଟୋପି ନିଜ ମାପରେ କିଣି ପକାଇଲେ । ସହରରୁ ଗଣେଶମାର୍କା ହୋରିଷ ତେଲ ଡବାଟାଏ କିଣି ଆଣିଲେ । ଭାବିଲେ ସେ ଟୋକା ଡାକ୍ତରଙ୍କୁ ଆଉ ଉତ୍ପ୍ରୋଧ ଦେଖାଇବା ଜରୁରତ୍ ନାହିଁ ।

ଏଣିକି ସେ ଦୂର ଗାଁ ଗଣ୍ଡାକରୁ ଆସି ଡାକ୍ତରଖାନାରେ ଠକପ୍ରିନ ହେଉଥିବା ରୋଗୀ, ସେମାନଙ୍କର ଆତ୍ମୀୟମାନଙ୍କୁ କୁହନ୍ତି ଡାକ୍ତର କେତେ ଟଙ୍କା ନେଲେ କେତେ ଟଙ୍କା ଦାବୀ କରୁଥିଲେ ଇତ୍ୟାଦି ଖବର ସଂଗ୍ରହ କରିବାକୁ ଲାଗିଲେ । ନନ୍ଦୀ ଭୃଙ୍ଗୀ ଦୁଇଟା ମଧ୍ୟ ସେ ମଫସଲ ଲୋକଙ୍କୁ ମନେଇବାରେ ଲାଗିଲେ । ଅନେକ ସରଳିଆ ଗ୍ରାମବାସୀ ଆଦୌ ସହଯୋଗ କଲେନାହିଁ । ଏ ତିନିଜଣ ଦେଖାଗୁଡ଼ା ଖଲୁଗ କହିଲେ କିନ୍ତୁ ନିରସ୍ତ ହେଲେନାହିଁ । ଶେଷରେ ସମ୍ଭବତଃ ଗୋଟାଏ ମଫସଲିଆ ଟାଉଟର୍ ଲୋକ ଏମାନଙ୍କ ଫାନ୍ଦରେ ପଡ଼ିଲା । ତାହାର ବାପ ଅପରେସନ ହେବାକୁ ଆସିଥାଏ । ଡାକ୍ତରବାବୁଙ୍କ ସଙ୍ଗେ ଚୁକ୍ତି ସିନା କରିଦେଲା, ହେଲେ ବେଳକୁ ମନ ସନ୍ଦେହ ହେଲା । ଡାକ୍ତରବାବୁ ଭଲ ଲୋକ । ରୋଗୀର ଯନ୍ତ୍ରଣା ଲାଘବ କରିବାକୁ ରାତିକ ପରି ବାହାରିପଡ଼ି ଅପରେସନ୍ କରିଦେଲେ କିନ୍ତୁ ଚୁକ୍ତି ଟଙ୍କା ପାଇଁ ଲୋକ ପରି ଲୋକ ପଛରେ ଲାଗିଲେ । ଅବଶେଷରେ ଲୋକଟି ଗାଁରୁ ଧାର ଉଧାର ଆଣି ଟଙ୍କା ପଇଠ କରିବାକୁ ବସିଲା । ସେତିକି ବେଳକୁ ହରିମିଶ୍ରଙ୍କ ଗ୍ରୁପ୍ ତାକୁ ଟଙ୍କାଟା ଫେରସ୍ତ ପାଇବାର ଆଶା ଦେଇ ସେହି ଟଙ୍କା ଦେବା ପୂର୍ବରୁ ସେଥିରେ ଗୋଟାଏ ପ୍ରକାରର ଘାଉଡ଼ର ବୋଳାଇଦେଲେ ।

Digitized by srujanika@gmail.com

ଏ ପ୍ରକାର ଧରପଗଡ଼ ବେଳେ ମ୍ୟାଜିଷ୍ଟ୍ରେଟ୍ ରହିବା କଥା । ସ୍ଥାନୀୟ ମ୍ୟାଜିଷ୍ଟ୍ରେଟ୍ ଉପ୍ରରଦ୍ଧନ ସକାଳ ନଅଟା ବେଳକୁ ସମୟ ନିରୁପଣ କଲେ । ମଫସଲ ଟାଉନ୍‌ଟରଟି ରୋଗୀ ବାପାକୁ ନିଜର ପୌଢ଼ି ଦେଖାଇବାକୁ ଯୋଜନାଟିର ଆଶ୍ୱାସ ଦେଇଦେଲା । ବିଚରା ରୋଗୀଟି ଯନ୍ତ୍ରଣାର ଆଶୁଉପଶମ କୃତଜ୍ଞତାରୁ ସୂତ୍ରଧାରଙ୍କେ ଡାକ୍ତରବାବୁଙ୍କୁ ଭେଦଟା ଖୋଲିଦେଲା । ଡାକ୍ତର ବାବୁଟି ସତର୍କ ହୋଇଯାଇ ଟଙ୍କାଟା ଗ୍ରହଣ ନକରିଥିଲେ ପାଇଟି ତ୍ରୁଟି ଯାଇଥାନ୍ତା । ମାତ୍ର ଡାକ୍ତରବାବୁଟି ବିଷ ବୃକ୍ଷଟିକୁ ବିଲ୍‌କୁଲ୍ ଉପାଡ଼ ଫୋପାଡ଼ ଦେବାକୁ ମନସ୍ଥ କଲେ ।

ଉଗିବାବୁଙ୍କ ଘୋଷେଇଁ ବାପାର ବାପା ଭିଜିଲାନ୍‌ସ ବିଭାଗର ଡ଼ି. ଆଇ. ଜି. ସାହେବ । ସମ୍ପର୍କରେ ସେ ଡାକ୍ତର ବାବୁଙ୍କର ଖୋଦ୍ ମଉଳାଶୁର । ଡାକ୍ତରବାବୁ ଦିନ ତିନଟା ବସ୍‌ରେ ସବୁ କଥା ଲେଖି ଚିଠିଟାକୁ ସ୍ତ୍ରୀଙ୍କ ଦ୍ୱାରା କଟକ ମଉଳାଶୁରଙ୍କ ପାଖକୁ ପଠାଇ ଦେଲେ । ପରାମର୍ଶ ନେଇ ଫେରନ୍ତା ବସ୍‌ରେ ଯେପରି ସକାଳ ସାତଟା ସୁଦ୍ଧା ପହଞ୍ଚିବେ ସେଥିପାଇଁ ସ୍ତ୍ରୀଙ୍କୁ ତାଗିଦା କଲେ ।

ନିର୍ଦ୍ଧାରିତ ସମୟର ଘଣ୍ଟାଏ ପୂର୍ବରୁ ସ୍ତ୍ରୀ ମାମୁଁଙ୍କ କାର୍‌ରେ ମୂଲ୍ୟବାନ ପରାମର୍ଶ ଏବଂ ସତର୍କବାଣୀମାନ ନେଇ ରାତି ତିନିଟାରେ ଆସି ପହଞ୍ଚିଗଲେ । କାର୍‌ଟା ଛାଡ଼ିଦେଇ ସଙ୍ଗେ ସଙ୍ଗେ ଲେଉଟି ଗଲା । ରାତିର ଅନ୍ଧାରରେ ଭିତରେ ଏ ଖବରଟା ଲୁଚିଗଲା ।

ଡାକ୍ତରବାବୁଙ୍କୁ ନିର୍ଦ୍ଦେଶ ମିଳିଥିଲା ଯେ, ସେ ଟଙ୍କାଟା ହାତକୁ ଅବା ପକେଟକୁ ନ ନେଇ ଦାତାକୁ କହିବେ ଟେବୁଲ ଉପରେ ରଖି-ଦେବାକୁ । ଧରା ପଡ଼ିଗଲା ପରେ କାକୁତି ମିନତି କରି ଭିଜିଲାନ୍‌ସ ଅଫିସରଙ୍କୁ ଡ଼ି. ଆଇ. ଜି. ସାହେବ ଭିତରେ ଭିତରେ ଦସ୍ତଖତ କରି ପଠାଇଥିବା ଦଶ ଟଙ୍କିଆ ହଜାର ଟଙ୍କିଆ ବଣ୍ଡିଲ୍ ଦୁଇଟା ଧରାଇଦେଇ ନିଜକୁ ମୁକ୍ତ କରି ନେବେ । ଅଭିନୟ ନିଖୁଣ ଭାବରେ କରି ପାରିଲେ ଯାଇ ଯୋଜନା ବୃକ୍ଷରେ ଫୁଲ କଢି ଦେଖା ଦେବ ।

Digitized by srujanika@gmail.com

ଡାକ୍ତରବାବୁ କିନ୍ତୁ ନ ଜାଣିଲା ପରି ଠିକ୍ ଆଠଟା ବେଳକୁ ଜାମାଯୋଡ଼ା ହୋଇ ଡାକ୍ତରଖାନାରେ ନିଜ ଚଉକିରେ ବସି ସେ ମଫସଲି ଲୋକକୁ ଡାକି ଟଙ୍କା ତଲବ କଲେ । ଲୋକଟି କୁନ୍ଥୁ କୁନ୍ଥୁ ହେଲା ଟଙ୍କା ଦେବାକୁ । କାରଣ ସେତେବେଳେ ସରିକି ହାକିମ ଅବା ଭଗିମିଶ୍ରେ ଆସି ନଥାନ୍ତି । ମିଶ୍ରେ ସକାଳ ସାତଟାରୁ ହାକିମଙ୍କ ଦୁଆରେ ଧାରଣା ଦେଉଥାନ୍ତି । ମଫସଲ ଲୋକଟି ହେଇ ଆସୁଛୁ, ହେଇ ଦେଉଛୁ କରିବାରେ ଲାଗିଥାଏ । ଠିକ୍ ନଅଟା ବେଳକୁ ମିଶ୍ରେ ହାକିମଙ୍କୁ ଧରି ଡାକ୍ତରଖାନା ଗେଟ୍‌ରେ ଅପେକ୍ଷା କଲେ । ଜଣେ କନେଷ୍ଟବଳ ହାତରେ ଲୋକଟି ପାଖକୁ ଖବର ପଠାଇ ଦେଲେ ।

ଯୋଜନା ଅନୁସାରେ ମିଶ୍ରବାବୁ ହାକିମଙ୍କ ଗହଣରେ ନିର୍ଦ୍ଧିଷ୍ଟ ପରେ ଯୋତା ମଚ ମଚ କରି ସେହି ବଖରାକୁ ପଶିଆସି ଦେଖିଲେ ଡାକ୍ତର-ବାବୁଙ୍କ ଟେବୁଲ୍ ଉପରେ ପାଉଡ଼ର ମଖା ଟଙ୍କାଗୁଡ଼ାକ ଥୁଆ ହୋଇଛୁ । ଲାଞ୍ଚ ନେଉଥିବା ଅନ୍ୟାନ୍ୟ ଶିକାରଗୁଡ଼ାକ ଯେପରି ଯୋତା ଶବ୍ଦରେ ତରକି ଯାଇ ଟଙ୍କାଗୁଡ଼ାକ ପକେଟ୍‌ରେ ଗଳାଇ ପକାନ୍ତି ଏଠାରେ ତାହାର ବ୍ୟତିକ୍ରମ ଦେଖିଲେ । ଭାବିଲେ ଯେ, ହଉ ପକେଟକୁ ଟଙ୍କା ନ ନେଉ । ହାତରେ ଧରିଥିବ ତ, ପାଣିରେ ହାତ ବୁଡ଼ାଇଦେଲେ ବଳେ କଥାଟା ପ୍ରମାଣିତ ହୋଇଯିବ ।

ଡାକ୍ତରବାବୁ ଖୁବ୍ ଘାବରେଇ ଯିବା ପରି ଅଭିନୟ କଲେ । ଚେୟାରରୁ ଉଠିଯାଇ ବିଲ୍‌କୁଲ୍ ଭଗିମିଶ୍ରଙ୍କ ହାତ ଧରି ପକାଇ କହିଲେ, 'ପେଟ ପାଟଣା କାହାର ନାହିଁ ? ଏ କେସ୍‌ଟା ବର୍ଡ଼ରଲାଇନ୍ କେସ୍ । ଭଲ ଭଲ ଔଷଧ ଆଉ ଦାମିକା ଇଞ୍ଜେକସନ୍ ଦରକାର । ରୋଗୀର ଭଲ ମନ୍ଦ ହେଲେ ଡାକ୍ତରର ଦୋଷ । ଏଣେ ପଇସା ଖର୍ଚ୍ଚ କରିବେ ନାହିଁ ।' ଏତିକି କହି ସେ ମଉକାଣ୍ଡୁର ପଠାଇଥିବା ଚକଚକିଆ ନୋଟ ବଣ୍ଡିଲ୍ ଦୁଇଟା ପକେଟରୁ କାଢ଼ି ଦେଖାଇ ଦେଇ ଟେବୁଲରେ ରଖିଲେ । ନୋଟ୍ ଗୁଡ଼ାକୁ ଦେଖି ଭଗିମିଶ୍ରଙ୍କ ଲାଳ ବୋହିଲା, ହାତ ଖଲ୍‌ଖଲ୍ ହେଲା ଟିକିଏ ଧରି ନେବାକୁ ହାକିମ ଅଛନ୍ତି । ତେବେ ଶେଷ ଚେଷ୍ଟା କରିବାକୁ ସେ

Digitized by srujanika@gmail.com

ହାକିମଙ୍କୁ ବାରଣ୍ଡାକୁ ଡାକି ନେଇ କହିଲେ, 'କଅଣ କରିବା ହଜୁର? ଡାକ୍ତର ସଙ୍ଗରେ ଦୁଷମନି କରିବାକୁ ଡର ଲାଗୁଛି । ଦେହପାଆ ମୋର ଅଛି, ଆପଣଙ୍କର ମଧ୍ୟ ଅଛି' । ହାକିମ ସହଜରେ ରାଜି ହେଉ ନଥିଲେ । ମଫସଲିଆ ଲୋକଟି ସବୁ ଜାଣିଛି । କଥାଟା ଲୁଚିବ ନାହିଁ । ଟଙ୍କା ଲୋଭ ବି ମିଶ୍ରଙ୍କୁ ଲାଗିଛି । ସେ ତୁରନ୍ତ କହିଲେ, 'ଡାକ୍ତର ନେଇଥିବା ଟଙ୍କାଟା ତାଙ୍କୁ ଫେରସ୍ତ ଦେଇ ଦେଲେ ତା ମୁହଁ ବନ୍ଦ । ଏଥିରୁ ଆପଣ ଗୋଟାଏ ବଣ୍ଡିଲ୍ ନିଅନ୍ତୁ । ଆରଟା ମୁଁ ଆଉ ମୋ ଷ୍ଟାଫ୍ ନେଇଯିବୁ । ଏକାନ କଥା ସେ କାନ ଜାଣିବ ନାହିଁ ।' ହାକିମ ରାଜିହୋଇ ତାଙ୍କ ଭାଗ ନେଇ ବସାକୁ ଗଲେ । ମିଶ୍ରେ ଡାକ୍ତର ବାବୁଙ୍କ ଅନୁମତି ନେଇ ଫିସ୍ ଟଙ୍କାଟା ଦାତାଙ୍କୁ ଧରାଇଦେଇ ନିଜ ଅଫିସ୍-କମ୍-ବସାକୁ ଫେରିଲେ । ନନ୍ଦୀ ଭୃକୁଟୀଙ୍କୁ କହିଲେ ସେ ଜାଲରେ ମାଛଟା ପଡ଼ିଲା ନାହିଁ । ଡାକ୍ତର ଚରକା ହୋଇଗଲା ।

ଆନନ୍ଦରେ ସେଦିନ ସେ ପାଏ ମାଂସ ମଗାଇଲେ । ସକାଳବେଳା ରୋଷେଇ ସମୟରେ ତ ସମସ୍ତେ କାର୍ଯ୍ୟ ବ୍ୟସ୍ତ ଥିଲେ, ତେଣୁ ଅଫିସ୍ ପଛପଟେ ଜଣେ ରୋଷେଇ ଆୟୋଜନ କଲା ତ ଅନ୍ୟ ଜଣକ ମାଂସ ପାଇଁ ବଜାରକୁ ଗଲା । ମିଶ୍ରେ ଟିକିଏନାକୁ ଆଙ୍କବଙ୍କା ଗୁଡ଼ାଖୁ ନେଇ ଦାନ୍ତରେ ମାରିଛନ୍ତି କି ନାହିଁ ସର୍ କରି କାର୍ ଗୋଟାଏ ଆସି ଅଫିସ୍ ଭିଡ଼ିଲା ଆଉ ସେ ଗାଡ଼ିରୁ ଓହ୍ଲାଇ ଆସିଲେ ତାଙ୍କ ବସ୍‌ଗର ଏସ୍. ପି. ସାହେବ ଆଉ ପଛରେ ଯେ ବାହାରିଲେ ପନ୍ତିନ୍ତ ସେ କୁଆଡ଼େ ଡ଼.ଆଇ.ଜି ସାହେବ ବୋଲି ମିଶ୍ରେ ଜାଣିଲେ । ଆସିବା ସଙ୍ଗେ ସଙ୍ଗେ ମିଶ୍ର ବାବୁଙ୍କ ସୁଟ୍‌କେସ୍ ତଲାସି ନେଲେ । ଲୁଗା ତଳୁ ସଦ୍ୟ ଆମଦାନୀ ହୋଇଥିବା ନୋଟ୍ ବଣ୍ଡିଲ ବରାମଦ୍ ହେଲା । ଡ଼ି. ଆଇ. ଜି. ତାଙ୍କ ଦସ୍ତଖତ ଏସ୍.ପି କୁ ଦେଖାଇ ମିଶ୍ରଙ୍କୁ କ୍ୟାମ୍ପ୍ ଅର୍ଡ଼ର ଦେଇ ଆଗ ସସ୍‌ପେଣ୍ଡ କରି ଆର ବଣ୍ଡିଲ୍‌ର ସନ୍ଧାନ ନେଲେ । ମିଶ୍ରେ ତ ଭକୁଆ ପାଲଟି ଯାଇଥିଲେ । ସାଙ୍ଗକୁ ଆଉ ଜଣେ ଥାଉ ବୋଲି ହାକିମଙ୍କ କଥା କହିଦେଲେ ।

ଛୋଟିଆ ଜାଗାଟା, ମିଶ୍ରଙ୍କ ଦୁରବସ୍ଥା ପ୍ରଚାର ହୋଇ ଯାଇଥିଲା । ଫଳରେ ହାକିମ ଆଗରୁ ତାଙ୍କ ବାଟ କାଟିଦେଲେ । ଖାନତଲାସିରୁ ଜାଣୁ

Digitized by srujanika@gmail.com

ବାହାରଲା ନାହିଁ , ଓଲଟି ମାନହାନି ମକଦ୍ଦମାଟିଏ ମାତ୍ର ବାହାରଲା ।

ସର୍ବଶେଷ ସମ୍ବାଦରୁ ଜଣାଯାଏ ଯେ, ମିଶ୍ରେ ଗୃହକର୍ମରୁ ଛଡ଼ାଖାଇ ଏବେ ପୈତୃକ ଜମିରେ ମନ ପ୍ରାଣ ଦେଇ ଚାଷ କରୁଛନ୍ତି । ପିଲାମାନେ ମାମୁଁ ଘରେ ରହି ମାମୁଁଙ୍କ ସାହାଯ୍ୟରେ ବାକିଥିବା ପାଠ ଭରଣା କରୁଛନ୍ତି ।

Digitized by srujanika@gmail.com

ମିଛରୁ ମିଛ

ଏବେ ତ ପାପାଚାର, ଭ୍ରଷ୍ଟାଚାର ଆଉ ମିଥ୍ୟାଚାରରେ ଦୁନିଆଟା ଭରିଉଠିଛି । ହେଲେ ପଚାଶ ବର୍ଷ ତଳେ ମିଥ୍ୟାକୁ ପ୍ରାୟତଃ ଘୃଣା କରା-ଯାଉଥିଲା । କାରଣ ସତ୍ୟାନ୍ୱେଷୀ ଲୋକଙ୍କର ସଂଖ୍ୟା ଅଧିକ ଥିଲା । ପିଲାଟି କାଳରୁ ମଧୁସୂଦନ ରାଓଙ୍କର 'ସତ୍ୟ ପଥେ ଧର୍ମ ପଥେ ନେଇଯାଅ ମୋତେ— ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ' ନିତ୍ୟବନ୍ଦନ ପ୍ରାର୍ଥନାକୁ ଗାଇବା ସତ୍ତ୍ୱେ ମୋର କଣ୍ଠୁ କଥା କଥାକେ ମିଛ ବାହାରି ପଡୁଥିଲା । ପଦେ ମାତ୍ର ମିଛ କହିଦେଇ ଯୁଧିଷ୍ଠିରପରି ପ୍ରାଣୀ ନର୍କକୁ ଟୁରିଷ୍ଟ ହିସାବରେ ଯାଇଥିଲେ । ତାଙ୍କ ତୁଳନାରେ ମୋର ଅପର୍ଯ୍ୟାପ୍ତ ମିଛପାଇଁ ମୋତେ ମୃତ୍ୟୁ ବାସିନ୍ଦାନଠାରୁ ନର୍କରେ ସ୍ଥାୟୀ ଭାବରେ ଘରଦ୍ୱାର କରି ରହିବାକୁ ପଡ଼ିବ ବୋଲି ପିଲାଦିନେ ଭାବୁଥିଲି ।

ତାପରେ ବହିରୁ ପଢ଼ିଲି 'ସତ କହିବାକୁ କିଆଁ ଡରିବ ? ସତ କହି ପଛେ ମଲେ ମରିବ ।' ସତ କହି ମରିବା ଦୃଷ୍ଟାନ୍ତ ପାଇଲି ନାହିଁ । ଜର୍ଜ ୱାଶିଂଟନ୍ ସତ କହି ମରି ନଥିଲେ; ବରଂ ବାପା ଅଗଷ୍ଟିନ୍ ୱାଶିଂଟନ୍ ତାଙ୍କୁ ସର୍ବାନ୍ତକରଣରେ କ୍ଷମା କରିଥିଲେ । ବେତ ମାଡ଼ ଦେବା ବଦଳରେ କୋଳାଗ୍ରତ କରିଥିଲେ । ଗୁଡ଼ାଏ ମିଛ କହି ବାପ୍ଆ ମିଛୁଆ ପରିଭବ କେବେ ନ ପାଇବାରୁ ମିଛ ପ୍ରତି ମୋର ମୋହ ତୁଟିଲା ନାହିଁ । ମୁଁ ଭାବିଲି ଅନର୍ଗଳ ମିଛ, ଇଜ୍ ଇକୁଏଲ୍ ଟୁ ସତ । ଏପରି ଡାହା ମିଛ ହରଦମ୍ କହୁଥିବାରୁ ମୋର ସ୍ୱର୍ଗତ ପିତା ମତେ ଓକିଲାତି ପଢ଼ାଇବାକୁ ମନସ୍ଥ କରିଥିଲେ । ନିଜ ଦୋଷରୁ କଲେଜ ପାଠରେ ଖଇଚା କରି ଆଇ.ଏ ଫେଲ୍ ହୋଇ ଗୋଟିଏ ସବ୍ ଜେଲ୍ ରେ କିରାଣି ଚାକିରିଟାରେ ପଶିଗଲି । ପଚାଶ ଦଶକର କଥା । ପଇସାଟାକର ମୂଲ୍ୟ ବହୁତ ବେଶି । ଅଣିଟାଏ ପକାଇଦେଲେ ପତ୍ରର ଠୋଲାରେ ଠୋଲାଏ ପକୋଡ଼ି । ଖାଉଥାଅ ବସି । ସବ୍ ଜେଲ୍ ରେ ସେତେବେଳେ ଡାକ୍ତର ହାକିମ । ଗାର୍ଡ଼ିଂ ଷ୍ଟାଫ୍ ପ୍ରାୟ ନିରକ୍ଷର ଅବା ଅଳ୍ପ ଶିକ୍ଷିତ । ତେଣୁ ଡାକ୍ତରଙ୍କ ତଳକୁ କିରାଣିର ଆସନ ।

Digitized by srujanika@gmail.com

ସ୍ୱଭାବତଃ ମୁଁ ଖେଳଓ୍ୱାଡ଼ । ସ୍କାଉଟ୍ସ ଫୁଟ୍‌ବଲ୍ ଦଳର କ୍ୟାପ୍‌ଟେନ୍ ଥାଏ । କାମରେ ମନ ଲାଗେ ନାହିଁ । ହେଲେ ମୋ ହାକିମଟି ଡାକ୍ତରୀ ବିଦ୍ୟା ଯେତେ ଜାଣି ନଥିଲେ ଷ୍ଟୋର୍‌କ୍ଲର୍କ୍ କାମ ସେତେ ଜାଣିଥିଲେ । ଗୋଟାଏ ଜାଗାରେ ସ୍ଥିର ହୋଇ ବସିବା ପିଲା ମୁଁ ନଥିଲି । ଦୈନିକ ସକାଳେ ଡାକ୍ତରବାବୁ ଜେଲଖାନାକୁ ଆସନ୍ତି । ସେ ଗଲାପରେ ମୁଁ ମୋ ବାଟରେ 'ଛୁ' ମାରେ । ମୋର ଖୋଇ ସେ ଭଲ ଭାବରେ ଜାଣନ୍ତି । ତେଣୁ ଦିନେ ଦିନେ ବେଳକୁ ଅବେଳ କରି ସେ ହାବୁଡ଼ ଆସନ୍ତି । ମୋ ଅନୁପସ୍ଥିତି ପାଇଁ ଫ ଥର ପାଇଁ କସମ କସମ ମିଛର ଆଶ୍ରୟ ନେବାକୁ ପଡ଼େ । ମିଛର ଗୋଦାମ ମୋ ପାଖରେ ଭରପୂର ଥାଏ । ସ୍ନାନ କାଳ ଆଉ ପାଇକୁ ବାହାର କରି ବୁଢ଼ାଙ୍କୁ ଭୁଲେଇ ଦିଏ ।

ଭଗବାନଙ୍କୁ ଲକ୍ଷ ଲକ୍ଷ ଶୁକ୍ରିଆ । ମୋ ପାର୍ଟିରେ ମିଛ କୁହାନ୍ତି ମାନ ମୋତେ ଦଣ୍ଡେ ଘୋଡ଼ାଇ ରଖି ଥାଆନ୍ତି । ମିଛର ରାସ୍ତାରେ କଣ୍ଟାଟିଏ ମଡ଼ାଇ ଦିଅନ୍ତି ନାହିଁ । ତେବେ ଥରେ ଅଧେ ହଇରାଣରେ ନ ପକାଇଛନ୍ତି ବୋଲି କଥା ନାହିଁ । ପାଠକ ପାଠିକା ମାନଙ୍କର ମନୋରଞ୍ଜନ ପାଇଁ ଗୋଟାଏ ଅଧେ ମିଛର କସ୍‌ଧା ପେଶ୍ କରୁଛି ।

କୈଦୀମାନଙ୍କର ବ୍ୟବହାର ନିମନ୍ତେ ଜାଙ୍ଘିଆ କୁର୍ତ୍ତା ବଡ଼ ଜେଲରୁ ଅଣାଯାଏ । ସେଥିପାଇଁ ପ୍ରତି ବର୍ଷ ନିର୍ଦ୍ଦିଷ୍ଟ ତାରିଖରେ ଇଣ୍ଡେଣ୍ଟ ପଠାଇବାକୁ ହୋଇଥାଏ । ଦିନେ ସଂଧ୍ୟାରେ ଡାକ୍ତରବାବୁ ମୋତେ ଖେଳ ପଡ଼ିଆରୁ ଧରି ଆଣି ତାଙ୍କ ବସାରେ ବସାଇ କାମ କରାଉଥାଆନ୍ତି । ନିର୍ଦ୍ଧାରିତ ଫର୍ମ୍ମାନରେ ଇଣ୍ଡେଣ୍ଟଟାର ଖସଡ଼ା ତିଆରି ହୋଇଗଲା । ଡାକ ସେ ଜାଗାରୁ ସକାଳ ନଅଟା ବେଳେ ବସ୍‌ରେ ଯାଉଥାଏ । ଆମ ଛୋଟ ଜେଲଖାନାରୁ କୈଦୀମାନେ ବଡ଼ ଜେଲ୍‌କୁ ସ୍ଥାନାନ୍ତରିତ ହୋଇଥାନ୍ତି । ଡାକ୍ତରବାବୁ ଇଣ୍ଡେଣ୍ଟଟା ସଜାଡ଼ି ଫେୟାର୍ କରିଦେବା ସହିତ ଆମ ସବ୍‌ଜେଲରୁ ବିଗତ ବର୍ଷ ବଡ଼ ଜେଲ୍‌କୁ ସ୍ଥାନାନ୍ତରିତ ହୋଇଥିବା କୈଦୀମାନେ ସଙ୍ଗରେ ନେଇଥିବା ଜାଙ୍ଘିଆ କୁର୍ତ୍ତାର ହିସାବ କରି ଇଣ୍ଡେଣ୍ଟ ସଙ୍ଗରେ ଯୋଡ଼ି ଦେବାକୁ ବରାଦ କଲେ । ସକାଳ ସାତଟା ବେଳକୁ ସେ

Digitized by srujanika@gmail.com

ଦସ୍ତଖତ କରିବେ ବୋଲି ବାରମ୍ବାର କହିଲେ । ସେଦିନ ବୁଧବାର ହୋଇଥାଏ । ସାପ୍ତାହିକ ବିନାକା ଅସ୍ୟାର୍ଥେ ସିବାକା ପ୍ରୋଗ୍ରାମ୍‌ର ଟପ୍ ଗୀତଟା କଅଣ ହେଲା ଜାଣିବାକୁ ମୁଁ ଉତ୍କଣ୍ଠିତ ହୋଇଥାଏ । ହେଲେ ବୁଢ଼ାଙ୍କ କବଳରେ ପଡ଼ିଥାଏ ସଞ୍ଜ ପହରରୁ । ତାଙ୍କ ବସାରୁ ଗୋଟାଏ ଦିଗରେ ଜେଲଖାନା ତ ବିପରୀତ ଦିଗରେ ଆମ ଘର । ମୁଁ ଖସିଲା ବେଳେ ବୁଢ଼ା ଲଣ୍ଠନ ଉପରକୁ ଟେକି ମୋର ଗନ୍ତବ୍ୟପଥକୁ ଏପରି ଭାବରେ ନିରୀକ୍ଷଣ କଲେ ଯେ, ମୁଁ ବାଧ୍ୟ ହୋଇ ଜେଲ୍‌ଖାନା ଦିଗକୁହିଁ ଆସିଲି । ସେ ପଟକୁ କୋଡ଼ିଏ ହାତ ଦୂରେଇ କ୍ଲବଟା ପଡ଼େ । ଘର ରେଡ଼ିଓର ଆଶା ତ୍ୟାଗ କରି କ୍ଲବ୍ ରେଡ଼ିଓରୁ ଫଳାଫଳଟା ଜାଣିନେବାକୁ ମୁଁ ପଶିଗଲି । ଖରା ଦିନ ହୋଇଥିବାରୁ ସଭ୍ୟମାନେ ବାହାରେ ଟେବୁଲ ଚୌକି ଲଗାଇ କ୍ୟାରମ୍ ବା ବ୍ରିଜ୍ ଖେଳୁଥାନ୍ତି । ମୁଁ କ୍ୟାରମ୍ ଖେଳ ପାଖରେ ବେଞ୍ଚ୍‌ରେ ବସିଗଲି । ଦୁଇ ତିନି ମିନିଟ୍ ବସିଛି କି ନାହିଁ ବୁଢ଼ା ଆସି କ୍ଲବରେ ହାଜର ।

ଏତେ ଗୁଡ଼ାଏ ଟଙ୍କା ବୁଢ଼ା ଦରମା ପାଆନ୍ତି ହେଲେ ବଡ଼ ହିସାବୀ । ସେ ବେଳରେ ଦୈନିକ ଖବର କାଗଜର ଦାମ୍ ଥାଏ ଅଣାଏ । ମାସକୁ ଟଙ୍କେ ଚଉଦଣା । ଅନେକ ହାକିମ ତଥା ଅମଲାମାନେ ନିଜ ନିଜର କାଗଜ କିଣନ୍ତି । ବୁଢ଼ା କିନ୍ତୁ ମାସକୁ ଟଙ୍କାଏ ଦେଇ କ୍ଲବ୍ ମେମ୍ବର ହୋଇଥାନ୍ତି । ରାତି ନଅଟା ଦଶଟା ବେଳକୁ କ୍ଲବ୍‌କୁ ଯାଇ କାଗଜଟା କାଖରେ ଧରି ଘରକୁ ପଳାଇ ଆସନ୍ତି । ଘରଟା ପାଖରେ ଥିବାରୁ ପରଦିନ କ୍ଲବ୍ ବସୁ ଯାଇ କାଗଜ ଫେରାଇ ଆଣେ । ବୁଢ଼ା ରାତି ଭୋଜନ ପରେ ଲଣ୍ଠନ ଆଲୁଅରେ ପ୍ରତିଷ୍ଠାତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଠାରୁ ଆରମ୍ଭ କରି ସମ୍ପାଦକଙ୍କ ନାମ ପର୍ଯ୍ୟନ୍ତ ଘୋଷି ପକାନ୍ତି ।

ହାତରେ ତିନି ସେଲିଆ ଟର୍ଚ୍ଚଟାଏ ଧରି ମଟଲ୍‌ବରେ ବୁଢ଼ା ଆସିଥିଲେ । ଷ୍ଟାଣ୍ଡ ଉପରେ ଗୋଟାଏ ମାତ୍ର ପେଟ୍ରୋମାକ୍ସ ଜଳି ସବୁପ୍ରକାର ଖେଳାଳୀଙ୍କୁ ଆଲୋକ ଦାନ କରୁଥାଏ । ବୁଢ଼ାଙ୍କୁ ଦେଖି ମୁଁ କ୍ୟାରମ୍ ବୋର୍ଡ଼ ପାଖରେ ଅନ୍ଧାରିଆ ଜାଗା ଦେଖି ବେଞ୍ଚରୁ ଖସିଯାଇ ଲୁଚିଗଲି ।

Digitized by srujanika@gmail.com

ଯୋଗ ତ ଖରାପ ନହେଲେ ଏତେ ବାଟ ଆଉଁଶୁ ବୁଢ଼ା ମୋ ପାଖ ବାଟ ଦେଇ ଖବରକାଗଜ ଆଣିବାକୁ ଗଲେ । ଟର୍ଚ୍ଚ ଆଲୁଅରେ ମତେ ଦେଖି ପଚାରି 'କହୋ ଅମୁକ ! ଏଠାରେ କଅଣ କରୁଛ ?'

ହଠାତ୍ ମିଛ ପକେଟ ପାଟିରୁ ବାହାରି ପଡ଼ିଲା 'ସାର୍ ଦୋପଇସିଟେ ପଡ଼ିଗଲା ।' ବୁଢ଼ା ଟର୍ଚ୍ଚ ପକାଇ ମୋତେ ଖୋଜିବାରେ ସାହାଯ୍ୟ କଲେ । ମୋ ପକେଟ୍‌ରେ ମଧ୍ୟ ପଇସାଟାଏ ନଥାଏ । ଥିଲେ କୋଉ ବାଟରେ ହାତକୁ ଖସାଇ ଆଣି ହେଇ ମିଳିଗଲା ବୋଲି ଦେଖାଇ ଦେଇଥାନ୍ତି । ତାହା ସମ୍ଭବ ନୁହେଁ । ବୁଢ଼ା ମଧ ନଛୋଡ଼ବନ୍ଧା । କରେ କ'ଣ ? ମିଛଟାରେ ଅଗଣାରୁ ସିମେଣ୍ଟ ଛାଡ଼ି ଯାଇଥିବା ଜାଗାଗୁଡ଼ାକୁ ଅଣ୍ଡାଳୁ ଥାଏ । ଭଗବାନଙ୍କୁ ବସି ଡାକୁଥାଏ—ଏ ଥରକ ଛାଡ଼ିଦିଅ ପ୍ରଭୁ । ମୁଁ ମଧ ମିଛ ଛାଡ଼ିଦେବି । ପ୍ରାୟ ପାଞ୍ଚ ମିନଟ୍ ବୃଥାରେ ଖୋଜିବାପରେ ଦେହ ଝାଡ଼ି ଉଠି ଠିଆ ହୋଇଗଲି ଆଉ ଡାକ୍ତରବାବୁଙ୍କୁ କହିଲି, 'ଛାଡ଼ନ୍ତୁ ସାର୍ । ଦୋ'ପଇସିଟାଏ ତ । ଗଲେ ଗଲା । ତା ପାଇଁ ଗୁର ଅଣାର ବ୍ୟାଟେରୀ ଖର୍ଚ୍ଚ ହୋଇଗଲାଣି ।'

ଅର୍ଥମାତ୍ରର ଏ ପ୍ରକାର ବାସ୍ତବତାକୁ ହୃଦୟଙ୍ଗମ କରି ବୁଢ଼ା ଅବଶେଷରେ ଖୋଜା ବନ୍ଦ କଲେ । ମୁଁ ଆଖି ପିଛୁଳାକେ ଜେଲ୍‌ଖାନା ରାସ୍ତାରେ ସାଇକେଲ୍ ଛୁଟାଇ ଦେଲି । ବାଟରେ ଭାବୁଥାଏ ଯେ ରକ୍ଷା ହୋଇଛି ପାଟିରୁ ମୋର ଦୋପଇସିଟାଏ ବୋଲି ବାହାରି ପଡ଼ିଥିଲା । ନାହିଁ ଯଦି ଟଙ୍କାଟାଏ କିମ୍ବା ଅଧୁଲିଟାଏ ବୋଲି ବାହାରି ଯାଇଥାନ୍ତା ତେବେ ବୁଢ଼ା କ୍ୟାରେମ୍ ଖେଳାଳୀଙ୍କୁ ଉଠାଇ ଆଉ ପେଟ୍ରୋମାକ୍ସ ଲାଇଟ୍‌କୁ ଷ୍ଟାଣ୍ଡରୁ ଖସାଇ ଜବର ଖୋଜାଟାଏ କରେଇ ଥାଆନ୍ତେ ।

ଆଉ ଥରକର କଥା । ବୁଢ଼ା ମତେ ଦିନେ ସବ୍‌ଟ୍ରେଜେରର ଆକାଉଣ୍ଟାଣ୍ଟ-ଙ୍କଠାରୁ ଗୋଟାଏ କଅଣ ସର୍କୁଲାର ଚିଠାଏ ଆଣି ଦେଖି ଫେରାଇ ଦେବା ପାଇଁ କହିଥିଲେ । ସେ ଦିନ ଜବର ଫୁଟବଲ୍ ମ୍ୟାଚ୍ ଥାଏ । ପୂର୍ବ ଖେଳରେ କାଦୁଅ ହୋଇଥିବା ଜର୍ସିଗୁଡ଼ାକ ଧୋଇବାକୁ ଶ୍ରମଦାନ କରିବାକୁ ସବୁ ଟପୁଆଙ୍କୁ ବରାଦ କରିଥାଏ । ବୁଢ଼ାଙ୍କର ଏ ବେଠି କାମ କରିବାକୁ ବେଳ

Digitized by srujanika@gmail.com

କାହିଁ ? ତେବେ ବି ପଦରେ ଖାଇ ସାର୍ ବେଠିଟା ଭୁଲେଇ ଦେବାକୁ ସ୍ଥିର କରିଥାଏ । ଭୁଲ୍ ମନଟା ଖେଳ ନାହସରେ କାମଟା ଭୁଲିଇ ଦେଲି । ତା'ପର ଦିନ ସକାଳେ ବୁଢ଼ା ଜେଲ୍‌ଖାନାକୁ ଆସି ସେ ସର୍କୁଲର୍ କଥା ପଚାରିଲେ । ତତ୍‌କ୍ଷଣାତ୍ ଉତ୍ତର ଦେଲି, 'ସାର୍ ଯାଇଥିଲି ଯେ, ଆକାଉଣ୍ଟାଣ୍ଟ ବାବୁ ନଥିଲେ ।'

'ଅପେକ୍ଷା କଲ ନାହିଁ ?'

'କରିଥିଲେ କ'ଣ ହୋଇଥାନ୍ତା ? ସେ ତ ଛୁଟିରେ ଥିଲେ ।'

'କି ଛୁଟି ? ସି.ଏଲ୍. ନା ଇ.ଏଲ୍. ?' ବୁଢ଼ା ଖୋଳି ତାଡ଼ି ପଚାରିଲେ ।

ପାଟିରେ ମିଛ ପଶିଗଲା, କହିଦେଲି 'ଇ.ଏଲ୍. ସାର୍ । ପନ୍ଦର ଦିନ ପାଇଁ ନେଇଛନ୍ତି । ତେବେ ଆସିଷ୍ଟାଣ୍ଟ ଆକାଉଣ୍ଟାଣ୍ଟ ବାବୁ କଥା ଦେଇଛନ୍ତି ଆଜି ଖୋଜି ସାର୍ ଦେବେ ବୋଲି ।'

ବୁଢ଼ା ତୁନି ପଡ଼ିଲେ । ଦୈନିକ କାମ ଆଉ ରେଜିଷ୍ଟାର୍‌ଗୁଡ଼ିକ ଦସ୍ତଖତ କରିବାରେ ମନୋନିବେଶ କଲେ । ସାମୟିକ ଭାବରେ ରକ୍ଷା ପାଇଯିବାରୁ ଖୁସିଟାଏ ହେଲି । ମନରେ ପ୍ରତିଜ୍ଞା କଲି ଆଜି ଠିକ୍ ସାଢ଼େ ଦଶଟାରେ ଦଶଟାରେ ସବ୍ ଟ୍ରେଜେରୀ ଯାଇ ସର୍କୁଲରଟା ନେଇ ଆସିବି । ଦୁଇ ଅଢ଼େଇ ଘଣ୍ଟା ପରେ ନିଜେ ଭୁଲି ନଯାଇ ମତେ ମନେ ପକାଇ ଦେବାକୁ ପ୍ରଭୁଙ୍କୁ ପ୍ରାର୍ଥନା କଲି । ବୁଢ଼ା ଅଫିସ୍ ଛାଡ଼ିଲେ, ମୁଁ ଆଶ୍ୱସ୍ତ ହେଲି । ହେଡ୍ ଓ୍ୱାର୍ଡର୍ ତଳକୁ ଓହ୍ଲାଇ ଯାଇ ସାହେବଙ୍କୁ ସାଇକେଲ୍‌ଟା ବଢ଼ାଇଦେଇ ଦୁଇ ବୁଟ୍‌କୁ ବାଡ଼େଇ ସଲାମୀ ଦେଲା ବୋଲି ଆବାଜରୁ ଜାଣିଲି ।

ଆକାଉଣ୍ଟାଣ୍ଟବାବୁ ସ୍ଥାମାସ୍କ ଲୋକ । ନିୟମିତ ଭାବରେ ଜମି ଉପରକୁ ଯାଆନ୍ତି । ନଅଟା ବେଳକୁ ଫେରି ଗାଧୁଆ ପାଧୁଆ ଖିଆପିଆ ସାରି ସାଢ଼େ ଦଶଟାରେ କଚେରୀକୁ ଯାଆନ୍ତି । ମୋ ଦୁର୍ଭାଗ୍ୟକୁ ସେଦିନ ସେ ଆଠଟା ବେଳେ ଫେରିଥିଲେ । ସଡ଼କଟା ଜେଲଖାନା ପାଚେରୀକୁ ଲାଗି କରି ଯାଇଥାଏ । ବୁଢ଼ାଙ୍କର ନଜର ପଡ଼ିଗଲା । ବ୍ୟବଧାନ ମାତ୍ର କୋଡ଼ିଏ ହାତ । ପ୍ରାୟ ଏ ଉଚ୍ଚର ଅମରି ବାଡ଼ ଗସ୍ତା ଆଉ ଜେଲଖାନା ହତାକୁ ବି ଘେରି କରୁଥାଏ । ଆମ ବୁଢ଼ା ଡାକ ମାରିଲେ, 'କଅଣ ଆକାଉଣ୍ଟାଣ୍ଟବାବୁ, ସାଇ-କେଲ୍ ଚଢ଼ାରୁ ତ ଆପଣଙ୍କ ଦେହ ଖରାପ ଅଛି ବୋଲି ଜଣା ଯାଉନାହିଁ ।'

Digitized by srujanika@gmail.com

ଅଫିସ୍ ଭିତରେ ଥାଇ ମୁଁ ପ୍ରମାଦ ଗଣୁଥାଏ । ଆକାଉଣ୍ଟାଣ୍ଟବାବୁ ସାଇକେଲ୍‌ରୁ ଓହ୍ଲାଇପଡ଼ି କହିଲେ, 'କୁହାର ଆଜ୍ଞା, ମୋ ଦେହ କାହିଁକି ଖରାପ ହେବ ? ମୁଁ ତ ବେଶ୍ ସୁସ୍ଥ ସବଳ ଅଛି ।'

କଥୋପ କଥନ ନୁହେଁ ତ—ସାକ୍ଷାତ ଘଡ଼ଘଡ଼ି । ଦୁଇ ବୁଢ଼ା ମୁହାଁମୁହିଁ ହୋଇ ଗଲେଣି । ସବୁ ମିଛତକ ଏବେ ଧରା ପଡ଼ିଯିବ । ମିଛଟା ବେବାଗ ଧରିନେଲା । ଆଉ ପ୍ରକାରେ କହିଥିଲେ ହୋଇଥାନ୍ତା । କହିତ ସାରିଛି । କଥାଟାକୁ କେମିତି ବାଗେଇବ ବୋଲି ବୁଦ୍ଧି ବାଟ ଦିଶୁ ନଥାଏ ।

ଏତିକି ବେଳେ ପୁଣି ଡାକ୍ତରବାବୁଙ୍କ ସ୍ୱର ଶୁଭିଲା 'କଅଣ ଫରା ଇ.ଏଲ୍ ପନ୍ଦର ଦିନ ନେଇଛନ୍ତି ?' ନାହିଁତ ଆଜ୍ଞା । କିଏ କହିଲା ଆପଣଙ୍କୁ ? ଆଉ ବୁଢ଼ା ଉତ୍ତର ଦେଲେ ।

'ଯେଉଁଆଡ କଥା । ମୁଁ ଭାବୁଥିଲି ଆମ ଡାକ୍ତରଙ୍କ ଅଜାଣତରେ ଆପଣ ଲମ୍ବା ଛୁଟି କମିତି ନେଲେ ବୋଲି । ତାପରେ ଭାବିଲି ପ୍ରାଇଭେଟ୍ ଗ୍ରାଉଣ୍ଡରେ ଛୁଟି ନେଇଥିବେ ବୋଲି ।'

'ନାହିଁ ଆଜ୍ଞା । ଯିଏ କହୁଛି ମିଛଟାଏ ଆପଣଙ୍କୁ କହୁଛି ।' ଆକାଉଣ୍ଟାଣ୍ଟବାବୁ ଉତ୍ତେଇ ହୋଇ କହିଲେ । ଡାକ୍ତରବାବୁ ମୋ ଇଜ୍ଜତକୁ ରକ୍ଷା କରି କଥାବାର୍ତ୍ତାର ମୋଡ଼ ଘୁରାଇ ଦେଇ ସେ ସର୍କୁଲାର କଥା ଉଠାଇଲେ । ରେଫରେନ୍ସ ପାଇଁ ଦିନକ ପାଇଁ ଦେବାକୁ ଅନୁରୋଧ କଲେ । ବୋଧହୁଏ ମୋ ଉପରୁ ବିଶ୍ୱାସ ଛୁଟାଇ ଦେଲେ । କାରଣ ବାରଟା ବେଳେ ଡାକ୍ତରଖାନା ଯୁଇପଡ଼ୁ ହାତରେ ସର୍କୁଲରଟା ଦେବାକୁ ତାଙ୍କୁ ବାରମ୍ବାର କହିଲେ । ନମସ୍କାର ଆଦାନ ପ୍ରଦାନ ପରେ ଦୁଇ ବୁଢାଙ୍କର ମୁଲାକାତ୍ ଶେଷ ହେଲା । ସାଇକେଲ୍‌ଟା ପୁଣି ଷ୍ଟାଣ୍ଡ ମରାହେବାର ଶବ୍ଦ ଶୁଣାଗଲା । ମନେମନେ ତେତିଶ କୋଟି ଦେବାଦେବୀମାନଙ୍କୁ ଏ ବିପଦ ବେଳେ ବୁଦ୍ଧି ବତାଇ ଦେବାକୁ ଅଳି କରୁଥାଏ । ବୁଢ଼ା ପୁଣି ଅଫିସ୍‌କୁ ପଶିଆସି ମତେ କହିଲେ 'କଣହୋ ଅମୁକ ! ଆକାଉଣ୍ଟାଣ୍ଟବାବୁ ଛୁଟିରେ ଅଛନ୍ତି ବୋଲି ତୁମକୁ କିଏ କହିଲା ?'

Digitized by srujanika@gmail.com

ଉତ୍ତର ଦେଲି 'ମୁଁ କେମିତି ଜାଣିବି ସାର୍ ? କାଲି ଦିନ ତିନିଟା ବେଳକୁ ମୁଁ ସବ୍‌ଟ୍ରେଜେରୀକୁ ସତରେ ଆଙ୍କା ଯାଇଥିଲି । ଆକାଉଣ୍ଟାଣ୍ଟ ବାବୁ ତାଙ୍କ ସିଟ୍‌ରେ ନଥିଲେ । ଆସିଷ୍ଟାଣ୍ଟ ଆକାଉଣ୍ଟାଣ୍ଟବାବୁଙ୍କୁ ପଚାରି-ବାରୁ ପନ୍ଦର ଦିନ ଛୁଟିରେ ବଡ଼ବାବୁ ଅଛନ୍ତି ବୋଲି କହିଲେ । ପନ୍ଦର ଦିନ କଥା କହିବାରୁ ମୁଁ ଧାରଣା କରିନେଲି ଯେ ଇ.ଏଲ୍ ନେଇଛନ୍ତି ।

ଏ ସଫେଇଟା ବୁଢ଼ାଙ୍କ ମନକୁ ପାଇଲା ବୋଧହୁଏ । ସେ ଆଉ ସନ୍ଦେହ କିଛି କଥା ନବଢ଼ାଇ ଅଫିସ୍ ଛାଡ଼ିଲେ । ନିରାପଦ ଦୂରତ୍ୱକୁ ଚାଲିଗଲାରେ ମୁଁ ଆଉ କାଳ ବିଳମ୍ବ ନକରି ଆସିଷ୍ଟାଣ୍ଟ ଆକାଉଣ୍ଟାଣ୍ଟବାବୁଙ୍କ ଘରକୁ ସାଇକେଲ୍ ଛୁଟାଇ ଦେଲି କାରଣ ସବୁଦିନ ଭଦ୍ରଲୋକ ଘରୁ କଟେଇ ଆସିବା ବାଟରେ ଡାକ୍ତରଖାନାରେ ପଶିଯାଇ ହଜମୀ ଔଷଧ ପାନେ ଖାଇ ନେବାର ଅଭ୍ୟାସ ଜାହିର ରଖିଥିଲେ । ଘର ଖାଦ୍ୟକୁ ହଜମ କରାଇ ଦେଇ ଥିଲେ ଦିନା ବାହାରୁ ମିଳୁଥିବା ପୋଲି ଜଳଖିଆ ଖାଇବାକୁ ଯୋଗ୍ୟତା ହାସଲ କରିବେ । ମିଛକୁ ପରିତ୍ୟାଗ କରି ସବୁ କଥାଗୁଡ଼ାକ ଧରି ସତ ବଖାଣି ଦେଇ ତାଙ୍କର ସାହାଯ୍ୟ ଭିକ୍ଷାକଲି । ବୁଢ଼ାଟା ଦେଲେ ତାଙ୍କୁ ଅଣାକରି ପକୋଡ଼ି ଦେବାର ପ୍ରତିଶ୍ରୁତି ମୋ ଠାରୁ ପାଇବାପରେ ସେ ସେ କଥାଟାକୁ ବାଟେଇ ଦେବାର ପ୍ରତିଶ୍ରୁତି ଦେଲେ ।

ପରେ ଖବର ନେଲି ଯେ ଭଦ୍ରଲୋକ ମୋ ମିଛ ଆଉ ତାଙ୍କ ମିଛକୁ ଫେଣ୍ଟା ଫେଣ୍ଟି କରି ଡାକ୍ତରବାବୁଙ୍କୁ ଯେଉଁ ବୟାନ ଦେଲେ ତାହା ହେଲା ଆକାଉଣ୍ଟାଣ୍ଟବାବୁ ଗତ କାଲି ଗୁ ଖାଇବାକୁ ଯାଇଥିବା ବେଳେ ଏବଂ ସେ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ଥିବା ସମୟରେ ମୋର ବାରମ୍ବାର ତେରମ୍ବାର ପ୍ରଶ୍ନକୁ ଏଡ଼ାଇ ଦେବା ପାଇଁ ଏପରି ମିଛ କଥାଟିର ଅବତାରଣା କରିଥିଲେ । ଆଉ ସ୍ୱଭାବତଃ ସରଳ ହୋଇଥିବାରୁ କଥାଟା ତାଙ୍କର କହିବା ମତେ ଗ୍ରହଣ କରି ନେଇଥିଲି ।

ଉପରୋକ୍ତ ପ୍ରକାରରେ ସାକ୍ଷୀ ସାବୁଦ ଦ୍ୱାରା ମୋର କର୍ତ୍ତବ୍ୟ ପଣିଆ ପ୍ରମାଣିତ ହେବାପରେ ଡାକ୍ତରବାବୁଙ୍କ ମୋ ଉପରେ ଧାରଣା ବଦଳି ହୋଇଥିବ କେଜାଣି ମାତ୍ର ମୁଁ ଗୋଟାଏ ଜବର ସଙ୍କଟରୁ ରକ୍ଷା ପାଇଥିବାରୁ ତଥା ସର୍କୁଲର ଆଣି ଯୋଗାଇ ଦେବାର ଅଯଥା ହେଟି କାମରୁ ନିସ୍କୃତି ପାଇ ଯିବାରୁ ବେଶ୍ ଆନନ୍ଦିତ ହୋଇଥିଲି ।

Digitized by srujanika@gmail.com

ରେସିଡେନସିଆଲ୍ ଫୋନ୍

ଡେମି ସରକାରୀ ଚାକିରିଆଟାଏ ମୁଁ । ଖଦି ଏବଂ ଗ୍ରାମଶିଳ୍ପ କମିଶନ୍ ମୋର ନୌକରିଦାତା । ସବୁ ସରକାରୀ ଚାକିରି କଲେ ମଣିଷର ଯାହା ଅବସ୍ଥା ହୁଏ । ସ୍ଥାନାନ୍ତରର ଖେଳ ଲମ୍ବବାଗରେ କାଶ୍ମୀରଠାରୁ କୁମାରିକା ଆଉ ଆଡ଼ ବାଗରେ ପୋର ବନ୍ଦରଠାରୁ ଅଗରତଲା ପର୍ଯ୍ୟନ୍ତ । ନାନା ଘାଟରେ ମୁଁ ପାଣି ପିଇ, ଗାଧୋଇ ଆଉ ଶୌଚସାରି ବର୍ତ୍ତିତ କାଳରେ ଓଡ଼ିଶାରେ ଅବସ୍ଥାପିତ ହୋଇଅଛି ।

ଦିନେ ବମ୍ବେ ହେଡ଼ ଅଫିସରୁ ଚିଠି ଆସିଲା ଯେ, କମିଶନଙ୍କ ଅଧୀନରେ ଚାକିରି କରୁଥିବା ଉଚ୍ଚପଦସ୍ଥ ଅଧିକାରୀମାନେ ଏଣିକି କମିଶନଙ୍କ ଖର୍ଚ୍ଚରେ ଘରେ ଟେଲିଫୋନ୍ ରଖି ପାରିବେ । ଚିଠିଟା ଡାଏରୀରେ ନା ଉଠୁଣୁ ଅଫିସ୍‌ବାଲାମାନେ ମୋଠାରୁ ଏକ ମିନି ଚା ଭୋଜି ଆଦାୟ କରିନେଲେ ।

ହେଡ୍ ଆସିଷ୍ଟାଣ୍ଟ୍ ନରେଶବାବୁ କହିଲେ, 'କ୍ୟୁ ଧରି ସିନେମା ଟିକଟ କାଟିବାରୁ ଆପଣ ଏଣିକି ରକ୍ଷା ପାଇଗଲେ । ଘରୁ ସିନେମା ହାଉସ୍ ମ୍ୟାନେଜରଙ୍କୁ ଫୋନ୍ କରି ଦେଇ ଘାଙ୍କିମିଣ୍ଟ୍ ଥିବ ସ୍ପଟର ଷ୍ଟଟାଇ ଦେବେ ।

ଗୁରୁ ମହାନ୍ତି ଜେଣ୍ଟ ଜ.ଆ.ନ ଆସିଷ୍ଟାଣ୍ଟ୍ । ସେ ନରେଶବାବୁଙ୍କ ମୁହଁରୁ ଯେତେ ଅବା ମାଇକ୍ରୋ ଫୋନ୍‌ଟା ନିଜ ମୁହଁ ପାଖକୁ ଛଡ଼ାଇ ନେବା ପରି କହିଲେ, ଖାଲି ସେତିକି ? ବସ୍‌ରେ ଅବା ଟ୍ରେନ୍‌ରେ କୁଆଡ଼େ ଯିବାର ଥିଲେ ଗାଡ଼ି ଆସିବାର ରାଇଟ୍-ଲେଫଟ୍ ଟାଇମ୍ ଜାଣି ହେବ ଆଉ ତଦନୁଯାଇ ଘରୁ ବାହାରି ହେବ ।'

ନରେଶବାବୁ ତ ଚୁପ୍ ପଡ଼ି ଯାଇଥିଲେ । ଗୁରୁ ମହାନ୍ତି ହାଁ ଧରିବାରୁ ସେ ମାଡ଼ ବସି କହିଲେ, 'ଭଗବାନ୍ ଅବଶ୍ୟ ନ କରନ୍ତୁ, ଘରେ କାହାରି ଦେହ ବଳେଇଗଲେ ଡାକ୍ତରଙ୍କୁ ଘରେ ବସି ଫୋନ୍ କରିଦେବେ । ଦଣ୍ଡ

Digitized by srujanika@gmail.com

ମିନଟ୍ ପରେ ଘରେ କଲିଂବେଲ ବାଜି ଉଠିବ । ଆପଦ ବିପଦ ହେଲ ଘରେ ବସି ପୋଲିସ, ଆମ୍ବୁଲାନ୍‌ସ, ଦମକଳ ଆଦି ବନ୍ଧୁ ବାନ୍ଧବଙ୍କୁ ଡକେଇ ହେବ । ବେମାରିଆ ଦେହରେ ଗାଡ଼ିଧରି ଅଫିସକୁ ଆସି ଛୁଟି ଦରଖାସ୍ତ ଦେବାକୁ ପଡ଼ିବ ନାହିଁ । ଖାଲି ଘରେ ବସି ବସି କାମ ସରିଚେ କରିହେବ । ଟେଲିଫୋନିଆ ଯନ୍ତ୍ର ଖଣ୍ଡେ ସିନା ! କି ସୁବିଧା ନ କରୁଛି ? ଧନ୍ୟ ମହାତ୍ମା ଗ୍ରାହାମ୍‌ବେଲ୍ ସାହେବ ! କି କାରସାଦି ନ ଦେଖାଇଛ ! ଖାଲି ତାରଗୁଡ଼ାଏ ସିନା ଲମ୍ବି ଆସିଛି । କଥାଗୁଡ଼ାକ କପରି ସାଇଁ ସାଇଁ ବୋହି ଆଣୁଛି । ସତେ ଅବା ବକ୍ତା ଆଉ ବଖରାରେ ଅଛି । ଦେଖିଲା ବେଳକୁ ବକ୍ତା ଆଉ ଶ୍ରୋତା ମଧ୍ୟରେ ଯୋଜନ ଯୋଜନ ବ୍ୟବଧାନ । ବିପଦ ଆକସ୍ମିକ ହେଲେ ଉପଶମକୁ ତୁରନ୍ତ କରି ପକାଉଛି ଫୋନ ଯନ୍ତ୍ରଟା ।''

ଗୁରୁ ମହାନ୍ତି ଟିପ୍‌ପଣୀ ଦେଲେ "ତା ଛଡ଼ା ଘରେ ଫୋନ୍‌ଟାଏ ରହିଲେ ମଣିଷରେ ସାହିରେ ଗୋଟାଏ ଅଲଗା ରକମର ପ୍ରେଷ୍ଟିଜ୍ ହୋଇଯାଏ ।''

ଘରେ ଫୋନ୍ ଲାଗିବାର ଉତ୍ସୁକତା ଆଉ ଆନନ୍ଦରେ ଆମେ ସେଦିନ ଫୋନ୍‌ର ଉପକାରିତାଗୁଡ଼ାକ ଆଲୋଚନା କରିଥିଲୁ ଅର୍ଥାତ୍ ଉପମା ଦେଇ କହି ବସିଲେ ଚନ୍ଦ୍ରର ଉଜ୍ଜ୍ୱଳ ପଟଟାକୁ ଦେଖିଥିଲୁ । କଳା ପଟଟା ଉହ୍ୟ ରହିଯାଇଥିଲା । କେଶ୍ଟୁ ଉପସ୍ଥିତ ରଚନାରେ ଚନ୍ଦ୍ରକଳାକୁ ବର୍ଣ୍ଣନା କରୁଛି ।

ବିପଦଟା ପ୍ରଥମେ ଅର୍ଥରୁ ଆରମ୍ଭ କରୁଛି । ଅନର୍ଥକୁ ତ ଶେଷଆଡ଼କୁ ଯିବ । ଅର୍ଥ ବୋଇଲେ ଅର୍ଥାଗମ ନୁହେଁ, ଅର୍ଥନାଶ । ଅଫିସ୍‌ରୁ ବାଧ୍ୟମତେ ଅଢ଼େଇ ହଜାର ଟଙ୍କା ଅଣାଯାଇ ଟେଲିଫୋନ୍ ଏସ୍. ଡ଼ି. ଓ.ଙ୍କ ଦପ୍ତରରେ ପେଠ କରାଗଲା । ହୁକୁମ୍ ହେଲା ସାହେବ୍ ସରଜମିନ୍ ତଦନ୍ତ କରିବେ ।

ସରଜମିନ୍ ବୋଇଲେ ମୁଁ ଭଡ଼ାରେ ରହିଥିବା ମାଉସୀମା ଗଳିରେ ଟ୍ରେଟ ଏକତାଲା କୋଠାଟାଏ । ତିନି ବଖରା କୋଠା ଆଉ ପଛକୁ ଆକ୍‌ବେଷ୍ଟସ୍ ଘୋଡ଼ାଥିବା ଘୋଡ଼େଇ ଘର ଭଣ୍ଡାର ଘର । ଏ ସରଜମିନ୍‌କୁ ଇଞ୍ଜିନିୟର ସାହେବ ଆସିବେ । ଆସିବେ ତ ଆସିବେ ଥଣ୍ଡା ପିଇବେ ନା

Digitized by srujanika@gmail.com

ଗରମ ପିଇବେ ? ଭାରତରେ ପୁଣି କେତେ ବାଗ ଅଛି । ବ୍ରୁ, କଫି,
ବୋର୍ଣ୍ଣଭିଟା, ହର୍ଲିକସ୍ କେତେ କିସମ କିସମ ହଟ୍ ଡ୍ରିଙ୍କ୍ସ୍ ।

ସାହେବଙ୍କ ସ୍ୱାଗତ ପାଇଁ ମତେ ଅରେଞ୍ଜସ୍କ୍ୱାସ୍, ବ୍ରୁ କଫି, ଦାଡିମଜଳ ଭଳି ସବୁର ପୁଞ୍ଜାଏ ଆଉ ବୋର୍ଣ୍ଣଭିଟା, ବ୍ରିଟାନିଆ ଟିନ୍ ଆଦି ସବୁ କିଣିବାରେ ପାଖାପାଖି ଶହେଟି ଟଙ୍କା ଖର୍ଚ୍ଚ କରିବାକୁ ହେଲା । ସାହେବ ଆସିଲେ ସରଜମିନ୍‌ରେ ବସ୍ତୁ ଦେଖି, ବୋର୍ଣ୍ଣଭିଟା ପରେ ରିଜେଣ୍ଟ୍ କିଙ୍ଗ୍ ସିଗାରେଟ୍ ପ୍ୟାକେଟ୍‌ଟା ବଢାଇଲି ସବୁ ପ୍ୟାକେଟ୍‌ରେ ପୂରାଇ ଛଡନ୍ତୁ ସାହେବଙ୍କୁ ଦେଲେ । ଲାଇନ୍ ଆସିନଥିଲା । ବଡନ ଯନ୍ତ୍ରଟାକୁ ଦେଖାଏ ତା'ର ସବୁ ଅଡି ମିସ୍ତ୍ରୀ ଦୁଇଜଣ ଟେଲିଫୋନ୍ ଭବନରୁ ମୋ ଭବନକୁ ଆସିଲେ । ଦଣ୍ଡଘରେ ଆଉ ବସାଇବା ପରେ ଦୁଇଟା ପ୍ଲଗ୍ ପଏଣ୍ଟ ଲଗାଇ ଫୋନ୍ ଲାଇନ୍‌କୁ ଚାଲୁ କରାଇଲେ । ମାନଖିଆ ଦଶଟଙ୍କା କାମ ଶେଷରେ ସେମାନଙ୍କୁ ଦେବାକୁ ହେଲା ।

ତହିଁ ଆରଦିନ 'ମଙ୍ଗଳ ଗତ ବୁଧ ପାହାନ୍ତି' ସୁଯୋଗକୁ ଅଧାରେ ଜୋର୍ ଫୋନ୍ ପାଖରେ ନଡ଼ିଆଟାଏ ଭାଙ୍ଗି, ଫୋନ୍ ଉଠାଇ, ଚେୟାର-ମ୍ୟାନ୍ ସାହେବଙ୍କୁ ସୁଭାଷିତ ଜଣାଇଲି । ତା ପରେ କ୍ରମାନ୍ୱୟରେ ଜେନେରାଲ ମ୍ୟାନେଜର, ସାଂସ୍ଥା ଅଧିକାରୀ, ଯୁଗ୍ମଶାସନିକ ଅଧିକାରୀ, ବଡ଼ ଉପଦେଷ୍ଟା ଆଦି ମାତବରିଆ ଦଳୁଆ ଫୋନ୍ ମାଲିକମାନଙ୍କୁ କାହାକୁ ସୁପ୍ରଭାତ, କାହାକୁ ରାମ୍ ରାମ୍ କରି ଚାଲି । ସମସ୍ତେ ଖୁସି ହେଲେ, ମିଠାରେ ଅଭ୍ୟାଗତରେ ରହିଗଲା ନାଁଟିଏ । ମୋ ଫୋନ୍ ନମ୍ବର ସମସ୍ତେ ନୋଟ୍ କରିନେଲେ । କେହି ଜଣେ କହିଲେ ଏଥର ଅଫିସ୍ ଫେରନ୍ତା ଲୋକଙ୍କୁ ଏଥର ଫୋନ୍‌ରେ ଘରୋଇ କଥାବାର୍ତ୍ତା ହୋଇ ମିଠାଇ ହେବ ।

ଏଥର ଆସିଲା ବିପଦ । ଆଗେ ମଣିଷ ସଞ୍ଜବେଳକୁ ଅଫିସ୍ ଛୁଟିହେଲେ, ଭୋ ଆଉଥରେ ସକାଳ ଦଶଟାବେଳକୁ ଯାଇ ହାଜର ଦେଉଥିଲା । କୁହାଯାଏ ନିଶ୍ଚିନ୍ତଥିଲା । ଏବେ ଜେନେରାଲ ମହୋଦୟ ରାତି ବାରଟାରେ ଫୋନ୍ ଘଣ୍ଟି ବଜାଇ ମତେ ବିଛଣାରୁ ଉଠାଇ ଗୋଟାଏ କୋଉ ଫାଇଲ୍‌ର ଅଗ୍ରଗତି ଅବା କୋଳାଳ ସ୍ଥିତି ବିଷୟରେ ପ୍ରଶ୍ନ କରୁଛନ୍ତି । ଅମୁକର ପ୍ରଶ୍ନ

Digitized by srujanika@gmail.com

ଦରଖାସ୍ତ ଫରୱାର୍ଡ଼ କରାଯିବ କି ନାହିଁ, ସମ୍ପୃକ୍ତ ଶାଖାରୁ କର୍ମୀମାନେ ଋଣ ଆଦାୟ ହେଉଛି ନା ନାହିଁ—ତାଙ୍କ ଅଞ୍ଚଳର 'କାର୍ଯ୍ୟ ସନ୍ତୋଷଜନକ ନୁହେଁ—ବଗ ଅଞ୍ଚଳର ଋଣ ଆଦାୟ ମୂଲ୍ୟମୂଳ ବୈଷମ୍ୟଜନକ ଇତ୍ୟାଦି ଇତ୍ୟାଦି । କଉ ବାବା—ଏଗୁଡ଼ା ପକାଉଲେ ଅଫିସ୍ ବେଳାରେ ଦଶଥର କହିଲେ ଚଳନ୍ତା ନାହିଁ ? ତମକୁ ଦିନା ସଞ୍ଜ ସଞ୍ଜ, ଆମର ତ ରାତି ଅଧ ।

ଆଗେ ଟୁର୍ ସମୟଟକୁ ମଜାରେ କଟାଇବାକୁ ଆଗିଲା ଟିକିଏ ସୁବିଧା କରି ଯାହା ଦିନେ ଅଧେ ଘରେ ବିଶ୍ରାମ ନେଉଥିଲି ଏଣିକି ଉପରିସ୍ଥମାନେ ଫୋନ୍ କରି ମୋର ଗୃହ ପ୍ରତ୍ୟାଗ ଆଉ ପ୍ରତ୍ୟେକର ସମସ୍ତ ଜାଣି ନେଉଛନ୍ତି । ଫଳରେ ବିଶୁଦ୍ଧ ମିଛ ବଦଳେ ସମୟକୁ ବେଳେବେଳେ ବୁଝାଇବାକୁ ପଡ଼ିଲା । ବିଶେଷତଃ ପିଲାଗୁଡ଼ାଙ୍କୁ ଉପସ୍ଥିତ ଥିବା ବାପାର ଅନୁପସ୍ଥିତ ଘୋଷଣା କରିବାକୁ ନିର୍ଦ୍ଦେଶ ଦେଇଲାବେଳେ ବିବେକକୁ ବହୁତ କାଟିଲା । କାଟିଲା ତ କଅଣ କରିବ ? କମିଶନ୍ ତ ଏଇଥିପାଇଁ ଫୋନ୍ ଘରେ ବସେଇଛନ୍ତି । ଯନ୍ତ୍ର ନୁହେଁ ତ, ସି. ଆଇ. ଡ଼ି. ଇନ୍ସପେକ୍ଟରଟାଏ । ମତେ ହରଦମ୍ ଜଗି ବସିଛି ।

ଫୋନ୍ ଲାଗିବାର ପ୍ରାୟ ତିନି ମାସ ପରେ ବୋର୍ଡ଼ରେ ମ୍ୟାଟ୍ରିକ୍ ଫଳ ପ୍ରକାଶ ପାଇଲା । ସାହି ପିଲାମାନେ କଟକ ବୋର୍ଡ଼ ଅଫିସ୍ ଅବା ସ୍ଥାନୀୟ ଏକ୍ସଚେଞ୍ଜକୁ ଦଳ ଦଳ ହୋଇ ଆସି ଫୋନ୍ କଲେ । ଏ ବେଳରେ କାହାକୁ ମନା କରିବ ? ସେଦିନ ଡାକ୍ତରକୁ ଖାଇଦେବାର ଦେଢ଼ ଟାଆ ଓଜନର ଧୂଳି ବାହାରିଲା ।

ତା ପରେ ସମସ୍ତଙ୍କ ଅଜାଣତରେ ଆମ ଘରଟା ଗୋଟାଏ ପବ୍ଲିକ୍ କଲ୍ ବୁଥ୍ ହୋଇଗଲା । ପ୍ରେଷ୍ଟିଜ୍ ତ ବଢ଼ିଥାଏ । ବାହାରେ ଗଲାବେଳେ ଦୁଇ ଚାରିଟା ନମସ୍କାର ହାତଯୋଡ଼ା ଆଦି ମିଳୁଥାଏ । ସବୁ ଭଲରେ ଭଲରେ ଚାଲୁଥିଲା । ପିଲାରୁ ବୁଢ଼ାଯାଏ ଜଣେ ଧାଣ୍ଡବାର ଡ୍ରଇଂ ରୁମ୍ ସୋଫା ଉପରେ ଆରାମରେ ବସି ଡାକ୍ତର, ବଇଦ, ଥାନା, କଚେରୀ, ଦୋକାନ ବଜାର, ଷ୍ଟେସନ ଆଦିରେ ଥିବା ସେମାନଙ୍କର କାମ କରି ଯାଉଥିଲେ ।

ଥରେ ସାହିରେ ଗୋଟାଏ କୋଉ ଝିଅ ବାହା ହେଉଥିଲା । ମାଇକ୍ ଜୋରରେ କାନ ଅତଡ଼ା ପଡ଼ୁଥାଏ । ସେଇ ଝିଅଟିର କମଳ ଦେଢ଼ିକବଟ-

Digitized by srujanika@gmail.com

ଅମ ଘରୁ ବିଭିନ୍ନ ଜାଗାକୁ ଫୋନ୍ କରିଦେଲି । ଫଳରେ ଝିଅଟି ଘରକୁ ରୋଗୀ ନ ବୋହିବାକୁ ଡାକ୍ତରଖାନାରୁ ଧଳା ଆମ୍ବୁଲାନ୍ସ, ନିଆଁ ଲିଭାଇବାକୁ ନାଲିଆ ଦମ୍‌କଳ ଆଉ ଚଣ୍ଡଚୋର ମିଳାଇବାକୁ ପୋଲିସ ପେଟ୍ରୋଲ୍ କାର୍ ବିଭିନ୍ନ ସମୟରେ ଆସି ବନ୍ଧୁଘରର ବାରମ୍ବାର ରସଭଙ୍ଗ କଲେ । ସମସ୍ତେ ଚିଡ଼ିଗଲେ କିନ୍ତୁ ପୋଲିସ୍‌ବାଲା ଛାଡ଼ିଲେ ନାହିଁ । ଅନୁସନ୍ଧାନଟା ଘୁଷ୍ଟି ଟେଲିଫୋନ୍ ଏକ୍ସଚେଞ୍ଜ୍ ହୋଇ ମୋ ନମ୍ବରୀ ଫୋନ୍ ପାଖରେ ଅଟକିଗଲା । ମୋତେ ପୋଲିସ୍ ଆଗରେ ସ୍ୱୀକାର କରିବାକୁ ହେଲା ଯେ ମୋ ନମ୍ବରଟା ପବ୍ଲିକ୍ ବୁଥ୍ ପରି କାମ କରୁଛି । ଚେତାବନୀ ମିଳିଲା । ଭବିଷ୍ୟତରେ ଏହାର ପୁନରାବୃତ୍ତି ହେଲେ ପୋଲିସ୍ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ କରାଯିବ ।

ଏ ଧମକରେ ମୁଁ ଡରିଯାଇ ଫୋନ୍ ରହୁଥିବା ଟେବୁଲ୍ ସାରା ଶହେ ଚଉରାଳିଶି ଧାରା ଜାରି କରିଦେଲି । ମୋ ଅନୁପସ୍ଥିତିରେ ଫୋନ୍ ଧରିବାକୁ ମୁଁ କେବଳ ମୋ ସ୍ତ୍ରୀଙ୍କୁ ପାୱାର୍ ଡେଲିଗେଟ୍ କରିଦେଲି । ପୃଥିବୀ ରସାତଳକୁ ଗଲେ ମଧ୍ୟ ବାହାର ଲୋକଙ୍କୁ ଫୋନ୍ କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଦୃଢ଼ସ୍ୱରରେ ଘୋଷଣା କଲି । ଆଗରୁ ଇସ୍ୟୁ କରୁଥିବା ଭିସା ଆଉ ପାସପୋର୍ଟଗୁଡ଼ାକ ଅକାମୀ ହୋଇଗଲେ ବୋଲି ନିର୍ଦ୍ଦେଶ ଦେଲି ।

ଦାଣ୍ଡ କବାଟ ଏଣିକି ଚୋଡ଼େ ଗୋଡ଼େ ବନ୍ଦ କରାଗଲା । ଦିନେ ଅଧ ସିଗା ମୋପାନ୍ ଖରଚ ଅଛି କୁହାଯାଇ ଚଳାଇ ନିଆଯାଇପାରେ । ତେଣୁ ସେ ନିରାଶ ହୋଇ ଅନେକ ଆମ ଘରକୁ ଆଉ ଆସିଲେ ନାହିଁ । ସେ ଆଜିକାଲି କୋଉ ବନ୍ଧୁଘର ଯାଉଛନ୍ତି ?

ଦିନେ ସନ୍ଧ୍ୟାବେଳକୁ ଘରକୁ ଆସି ଦେଖେ ତ ଦାଣ୍ଡ କବାଟ ଦୁଇ-ଫାଳଯାକ ଖୋଲେଇ ପଡ଼ିଲା ପରି ଟେକ ଚଢ଼ିଛନ୍ତି । କାହାରି ସୋର୍ ଶବ୍ଦ ନାହିଁ । ସ୍କୁଟର୍ ରଖି ମୁଁ ଦାଣ୍ଡଘରକୁ ପଶିଗଲି । ଟେବୁଲ ଉପରୁ ଫୋନ୍‌ଟା ତାରଟାରେ ଝୁଲୁଛି । କୋଉଟା ମାଉଥ୍‌ପିସ୍ ଆଉ କୋଉଟା ଇୟର୍‌ପିସ୍ ଖୋଦ୍ ନିର୍ମାତା ମଧ୍ୟ ଏ ବେଳରେ କହିପାରିବେ ନାହିଁ । ବାକ୍ସଟା ସାରା

Digitized by srujanika@gmail.com

ଉଙ୍ଗାକାରର ଅରମା ବଣ । ଗଡ଼୍‌ରେଜ୍ ସୋଫାଗୁଡ଼ାକୁ କେହି ନିର୍ମମ ଭାବରେ ଛୁରୀ ଭୁଷି ହତ୍ୟା କରନ୍ତି । ସମସ୍ତଙ୍କର ଅନ୍ତଃଭୁକ୍ତ ବାହାରି ପଡ଼ିଛି । କାନ୍ଥରେ ଥିବା ଫଟୋଗୁଡ଼ାକ ପୃଥ୍ୱୀର ମାଧ୍ୟାକର୍ଷଣ ଶକ୍ତିର ପ୍ରାମାଣିକ ବସ୍ତୁ ହୋଇ ପଡ଼ିଛନ୍ତି । ସୁଇଚ୍ ମଙ୍ଗଳ ଆ ।ଜ୍‌ସିନା ହେଲା ଆଲୁଅ ହେଲାନାହିଁ । ଓଲଟି ପଡ଼ିଥିବା ସୋଫାଟିକୁ ଦରବିଙ୍ଗା ଟ୍ୟୁବ ଲାଇଟ୍‌ଟା ଉଙ୍କି ମାରୁଛି ଦେଖିଲି । ବନ୍ଦ ର୍‌ୟାକ୍‌ରେ ବହିର ସତ୍ତା ନାହିଁ, ପଣ ପଣ ହୋଇ ସେଗୁଡ଼ାକ ଉଙ୍ଗାକାଚକୁ ପବନରେ ଉଡ଼ ମୋଡ଼ି ଦେକାଉଛନ୍ତି । ନିର୍ଦ୍ଦିଷ୍ଟ ପ୍ରହାର ଫଳରେ ସାଇକେଲ୍‌ର ଫ୍ରେମ ଭାଙ୍ଗି ଯାଇ ଛିନ୍ନ ବିଚ୍ଛିନ୍ନ ଦୃଶ୍ୟ ସୃଷ୍ଟି କରିଛି । ଯୋଡ଼ ଭାଙ୍ଗି ଦେଇ ଯୋତା ଚପଲଗୁଡ଼ାକ ଆକାଶରେ ତାରାପରି ଘରଆଡ଼େ ବୁଣି ହୋଇ ପଡ଼ିଛନ୍ତି । ଏ ସବୁ କଲା କିଏ ?

ଘରକୁ ପଶିଲି । ଶୋଇବା ଘର ଭିତରୁ କାନ୍ଦଣା ଶୁଭୁଛି । ଅନେକ ବାଡ଼ଆ ବାଡ଼ କରି ନିଜ ସ୍ୱରର ମାଇକ୍ରୋଅନ୍‌ସନ୍ ଚେଷ୍ଟା ସ୍ତ୍ରୀଙ୍କୁ ଦେବା ପରେ ସେ କବାଟ ଖୋଲିଲେ । ମୋତେ ଶର୍ଣ୍ଣାଘାରି ଗୃହର ଓ ପିଲାମାନଙ୍କ ଉପସ୍ଥିତିରେ ମଧ୍ୟ କୁଣ୍ଡେଇ ପକାଇଲେ । ମୂର୍ତ୍ତିରେ ସ୍ପର୍ଶ ହରଣୀର ଭାବ । ଦାଣ୍ଡଘରକୁ ଅନାଇ ସେ 'ଠ' ହୋଇ ରହିଗଲେ । କଥା କଅଣ ବୋଲି ପଚାରିବାରେ ଗୃହର ଓ ପିଲାମାନେ ଏକ ସ୍ୱରରେ ଘଟଣା କହି ବସିଲେ । ମତେ ଦେଖି ସମସ୍ତଙ୍କ ପିଣ୍ଡରେ ପ୍ରାଣ ପଶିଯାଇଛି ତ ! ଖାଲି ଭାବରେ ଉଦ୍‌ବୃତ୍ତି ହେଉଛନ୍ତି ।

ତାଙ୍କୁ ଚୁପ୍ କରାଇ ଆମ ସଡ଼କକୁ ଚାଲି ଯିବାରଟା ପରେ କୁରୁକ୍ଷେତ୍ର ସଦୃଶ ଦାଣ୍ଡ ଘରକୁ ଆଣିଲି । ମେନ୍ ସୁଇଚ୍ କେହି ଅଫ୍ କରିଦେଇଥିଲେ । ତେଣୁ ଇଟାକୁ ଅନ୍ କରିବାରୁ ଘରେ ବଡ଼ ଜଳିଲା ପଙ୍ଖା ଚଳିଲା ।

ପାଖ ବଖରାରେ ବସି ମୁଁ ଘଟଣାଟି ଶୁଣିଲି । ମୋ ସ୍ତ୍ରୀ କହିଲେ ଯେ ପ୍ରାୟ ସାଢ଼େ ଗୁରିଟାରେ ପିଲାମାନେ ସ୍କୁଲରୁ ଫେରିଲେ । ଗୋଡ଼ହାତ ଧୋଇ ସେମାନେ ଖାଇ ବସିଥିଲେକି ନାହିଁ କେହି ଜଣେ ଅତିରନ୍ତି ଆ ଦାଣ୍ଡ କବାଟ ବାଡ଼େଇଲେ । ଗୃହକୁ ଦେଖି ଆସିବାକୁ ସେ ବରଗି ଦେଲେ । ଗୃହର କବାଟ ନ ଖୋଲି ଝରକାରେ କୁଆଡ଼େ ଦେଖିଲା ଦୁଇ ଗୁଣ୍ଡାଙ୍କା-

Digitized by srujanika@gmail.com

ଟୋକା ଡାକ ପକେଇଛନ୍ତି । ଯାହାର ଗୋଟାଏ ଗୁଳଘରେ ନିଆଁ ଲାଗିଯାଇଛି। ଫୋନ୍ କରି ଦମକଳ ଡକାଇବାକୁ ସେମାନେ ନେହୁରା ହେଲେ । ଗୁଳର ମାଆଙ୍କୁ ପଚାରି ଆସେ କହି ଦେଇ ଭିତରକୁ ଆସିଲି । ଏହି ସାମାନ୍ୟ ଜଳନ୍ତ ଟୋକାମାନେ ସହ୍ୟ ନକରି କବାଟ ବାଡ଼ଆ ଆଉ ଚିତ୍କାର ଏପରି କଲେ ଯେ ପ୍ରକୃତରେ ତାହା ତ୍ରୁଟିକର ହେଲା । ରାଗରେ ମୋ ସ୍ତ୍ରୀ ଯାଇ ସେଇ ଝରକାବାଟେ ଫୋନ୍ କରିବାକୁ ଅନୁମତି ମିଳିବ ନାହିଁ ବୋଲି ଘୋଷଣା କଲେ ।

ତା ପରେ ପଞ୍ଚଦଶ ମିନିଟ ଯାଇଛି କି ନାହିଁ ସାହିଆଡ଼ୁ ପ୍ରାୟ କୋଡ଼ିଏ ତିରିଶି ସରିକି ମରଦ ଲୋକେ କୁଆଡ଼େ ମୋ ଉପରେ ଚଢାଉ ପୁରୁଷଙ୍କର ଗ୍ରାଗ କରି କରି ଆମ ଦାଣ୍ଡ ଦୁଆରେ ଆସି ଠିଆ ହେଲେ । ଅବସ୍ଥା ସଙ୍ଗୀନ୍ ହେବା ଆଗରୁ ଗୁଳରଟିର ନେତୃତ୍ୱରେ ମୋ ସ୍ତ୍ରୀ ଏବଂ ଖାଇବାକୁ ଗୋଲମାଲରେ ହେଇ ମୋ ପୁଅ ଝିଅ, ଶୋଇବା ଘରେ କବାଟ କିଳି ପଶିଲେ । ଧୁମ୍ ଧାମ୍, ଭୁସ ଭାସ୍ ଶବ୍ଦ ହେଲା ସେମାନେ ଆଜି କିଛି ଜାଣିନାହାନ୍ତି । ଭଗବାନଙ୍କ ଦୟାରୁ ଲୋକେ ସେଇ ଦାଣ୍ଡଘରେ କେବଳ ଜିନ୍ ଖରାପ କରି ଫେରିଯାଇଛନ୍ତି । ଅଫିସ ଛୁଟି ବେଳ ହୋଇଥିବାରୁ ପିଲାମାନଙ୍କର ଭରସା ଥାଏ କାଳେ ମୁଁ ଅଫିସିଆ ।

ଆଜିକାଲି ଟାଙ୍ଗୁଆ କାଠ ପଟାହାଇଛି—ରଜା ନଅରର କଂସା କବାଟ ତ ନୁହେଁ କି ସେପାବର ଆନକଷ୍ଟର ଲୁହା କବାଟ ନୁହେଁ । ମାଡ଼ଘାତରେ ଛିଡ଼ି ପଡ଼ିଥିବ । ଜଗନ୍ନାଥଙ୍କ ସାହାଣ ମେଲା ହେଲା ପରି ଅସାଜାଗୁଡ଼ାକ ଭିଡ଼ାଯାଇ ଘରକୁ ପଶିଆସି ବାଆର ବଜେଇ ଦେଇଥିବେ ।

ତଥାପି ମୁଁ ଏତଦ୍ ନିମନ୍ତେ ସ୍ତ୍ରୀଙ୍କ ଉପରେ ଦୋଷାରୋପ କଲି । ଢଗରେ ଅଛି "ଘୋଡ଼ା ଚଢ଼ାଠାରୁ ସମ୍ପତ୍ତି ନାହିଁ, ଘର ପୋଡ଼ାଠାରୁ ବିପତ୍ତି ନାହିଁ ।" ମାନବିକତା ହେତୁ ସେ ବିପଦକାଳରେ ଫୋନ୍ କରିବାକୁ ଅନୁମତି ଦେବା ଉଚିତ୍ ଥିଲା ତାଙ୍କ ମତରେ । ଦେଇଥିଲେ ଏତେ କ୍ଷୟ କ୍ଷତି ହୋଇ ନ ଥାନ୍ତା । କମିଶନଙ୍କ ଫୋନ୍ ଟା ନଷ୍ଟ ହୋଇଛି ସେ ବାବଦ ଅତିକି ହଜାର ଟଙ୍କା ହାତରୁ ବାହାରିବାର ସମ୍ଭାବନା ଅଛି ବୋଲି ତାଙ୍କୁ କହିଲି ।

Digitized by srujanika@gmail.com

ଏ ଟେଲିଗ୍ରାମ ପାଇଁ ସେ ଦଶ ପାଇଥିଲେ । ତାଙ୍କର ଷଡ଼ଯନ୍ତ୍ର କେତେ ସ୍ପଷ୍ଟ, ଭୀତତ୍ରସ୍ତ ଆଖି ଦୁଇଟି ଆଜି ଅପମାନ ଗ୍ଲାନି ଭରା ଫ୍ଲୋଟ ମୂର୍ତ୍ତି ଦେଖି କେମିତି କୋଟାଏ ଦୟା ଭ୍ରବମୂର୍ତ୍ତି ମୋ ତନୁ ମନକୁ ପ୍ରଥମେ ଆଚ୍ଛନ୍ନ କରିଥିଲା ! ତେବେ ଅନେକ ଟଙ୍କାର ଜିନଷ ଯାହା ପୂରଣ କରିବାକୁ ମୁଁ ଅସମର୍ଥ— ନଷ୍ଟ ହୋଇଥିବାରୁ, ମୁଁ ତାଙ୍କୁ ଦୋଷାରୂଢ଼ା କରିବାକୁ ଦ୍ୱିଧା କଲି ନାହିଁ ।

ନାଟଘରେ ଶୋଇବାବେଳେ ତା' ଲାଙ୍ଗୁଡ଼ରେ ହାତ ମାରିଦେଲେ ସେ ଯେପରି ଚିହ୍ନାଙ୍କି ଉଠେ ସେହିପରି ମୋ ସ୍ତ୍ରୀ ଶ୍ରୀମତ୍ ଉଚ୍ଚ କଣ୍ଠରେ ମୋ ପିତାଙ୍କ ସଂଖ୍ୟା ବଚନକୁ ପ୍ରଶ୍ନକୁ କାଇଦାର ସହିତ ତୋଟିପାଖିରୁ ଟେକି-ନେଇ ମୋର ଜଥା ବଚନ ଭେଦରେ ବହୁବଚନର ଅନ୍ତର୍ଗତ ବୋଲି ଦୃଢ଼ ଘୋଷଣାରେ ସାବ୍ୟସ୍ତ କଲେ । କୋର୍ଟ ଗୃହକରେ ପୂର୍ବତନ ସ୍ୱପ୍ନର ନଜିର ଦେବାପରି ମୋ ନିଜ କଥାକୁ ଦୋହରାଇଲେ ।

ସ୍ୱାବଲ ଉପରେ ଘ୍ରିନଅ ହୋଇ ଏଇ ସ୍ତ୍ରୀ ଲୋକଟା ଅଧଘଣ୍ଟା ତଳେ କବାଟ କିଳି ଘରେ ପଶିଥିଲା । ମୋ ଉପସ୍ଥିତି ତାକୁ ଏମିତି ବୁଝମତ୍ ଦେଲାଣି ଯେ ସେ ବର୍ତ୍ତମାନ ଅନ୍ୟକୁ ଉତେଇବାକୁ ସମର୍ଥା ! କବିବର ରାଧାନାଥଙ୍କ ତୁଳସୀ ସ୍ତବକରୁ ବୃଦ୍ଧାଡ଼ି ମନେ ପଡ଼ିଗଲା—

"ଦେଖ ଦେଖ ଅଗ୍ରତେ ସରସୀ ଜଳେ
ପଡ଼ି ମସ୍ତକ ନୁର-ଅଗ୍ନି କବଳେ
ବିକଳେ ସବୁ ସବୁ ଉର୍ଦ୍ଧ୍ୱେ ଉଡ୍ଡୀନ,
ଉତ୍ସାହ ଦିଶୁ କର୍ଣ୍ଣି ଦେଲା ଗଳିତ ।"

ଭୂମିଷ୍ଠରୁ ବଚନ ତାହାରୁ ନ ଥିଲା । ଯୋଉ ବଚନ ଏତେ ଦେବେ ଫେର ବାହାରିଲା ସେ ଜପଟି ଏତେ ଝାଞ୍ଜଣ ହୋଇ ଉଠିଲା ?

ସବୁ ରୁଲୀକୁ ଯାଉ । ଥାନାକୁ ଯାଇ ଏତାଲା ଦେଇ ଆସିବା କଥା । କବାଟ ମେଲାଥିବାରୁ ମୋ ସ୍ତ୍ରୀ ମତେ ଛାଡ଼ିବାକୁ ନାରାଜ ହେଲେ । ଲେଖିତ ଏତାଲା ଖଣ୍ଡିଏ ନୃକର ହାତରେ ଥାନାକୁ ପଠାଇଦେଲି । ରାତି ସମସ୍ତଟା

Digitized by srujanika@gmail.com

ଅନୁସନ୍ଧାନ ପାଇଁ ଉପଯୁକ୍ତ ନୁହେଁ ! ବୋଲି ପୋଲିସ୍‌ବାଲା ମନେକଲେ । ଏତେ ରାତିରେ ବଢ଼େଇ ଅବା କୁଆଡ଼ୁ ପାଇବ ? ତେଣୁ ଲଣ୍ଠନ ଜାଳି ଅନୁସନ୍ଧାନରେ ବାଧା ନ ଦେବା ଭଳି ଅରାଏ ଅରାଏ ଜାଗା ସଫାକରି, ବିଛଣା ପାଡ଼ି, ଶଙ୍କର ଓ ମୁଁ ରାତିସାରା ପହରା ଦେଲୁ ।

ଅନୁସନ୍ଧାନରେ କଅଣ ମିଳିବ ? ଏମାନେ ତ ଲୋକଙ୍କୁ ଚିହ୍ନି ନାହାନ୍ତି କି ଦେଖି ନାହାନ୍ତି । ସେମାନେ କବାଟ ଭାଙ୍ଗିବା ପୂର୍ବରୁ ଏମାନେ ବାଟ ଢୁଙ୍ଗି, ଲୁଙ୍ଗୁଳି ଜ.କି, କବାଟ କଳି ଘରେ ପଶିଲେ । ତେଣୁ ଏଠାଲିରେ ସାହି ଲୋକ ବୋଲି ଉଲ୍ଲେଖ କଲେ ମଧ୍ୟ କିଛି ସୁଫଳ ମିଳିବାର ଆଶା ନ ଥିଲା । କ୍ଷୟକ୍ଷତି ନଜର ଯାହା ହେଲା ତ ହେଲା ଫୋନ୍ ଦାମ, ଦବାକୁ ପଡ଼ିଲେ ବେଢ଼ି ଉପରେ କୋରଡ଼ାମାଡ଼ ହେବ । ନିକଟ ଭବିଷ୍ୟତରେ କ୍ଷୟକ୍ଷତି ଗୁଡ଼ିକର ପୂରଣ ହେବା ଆଶା ଦିଶୁ ନ ଥାଏ ।

ରାତିରେ ନ ଶୋଇ ଭାବୁଥାଏ । ପୋଲିସ୍ ଆସିବ । ସାହିଲୋକଙ୍କୁ ଘେରା ଉଚ୍ଛନ୍ନ କରିବ । ସମସ୍ତେ ଗୋଟାପଣେ ତୁଳସୀ ପାଲଟି ଯିବେ । ମୋ ଘରଭଙ୍ଗା ସମୟରେ ସାହିଟାକୁ ନିଷ୍କ୍ରିୟ କରିଦେଇ ସକ୍ରିୟ ପୁଙ୍ଗବମାନେ ନିଶ୍ଚିନ୍ତ ଭାବରେ ସାହି ବାହାରେ ଥିବେ । ପୋଲିସ୍ ଶେଷରେ ଲେଖିବ "ଫ୍ୟାକ୍ଟ ଟ୍ରୁ, ନୋ କ୍ଲୁ" ଦୋଷୀମାନଙ୍କୁ ସମୁଚିତ ଦଣ୍ଡ ମିଳିବାର ଆଶା ନାହିଁ ।

ଗୋଟିଏ ଆଶା ଅଛି— ଫୋନ୍ ଅଭାବରେ କିଛି ଦିନ ସୁନିଦ୍ରା ହେବ ।

Digitized by srujanika@gmail.com

ପାଖରେ ଶୁଏ—କାନରେ କୁହେ

—ତା' କଥା କି ଅନ୍ୟଥା ହୁଏ ? ତା' କଥାରେ ପଡ଼ି ଅନେକ ଛକଡ଼ ବରଜୁ ଭଲିଆ ଭାଇଠାରୁ ଭିନ୍ନ ହୋଇଛନ୍ତି । ଡିହରେ ବିଭାଗ ମୁଣ୍ଡ ଟେକାରୁ କଣ୍ଟାବାଡ଼ି ଠାରୁ ନେଇ ପଥର ପାଚେରି ଯାଏ । ଅଉଲ ଜମିରୁ ଦୁଇ ତିନି ଡିସିମିଲ ଛାଡ଼ ଦେବାରେ ଯାଇଛି । ଆଉ ସ୍ତ୍ରୀ ମାନଙ୍କ ପାଇଁ, ହଣାକଟା, ମାଡ଼ ଫୌଜଦାରୀ ତ ପୁରାଣକାଳରୁ ଏ ଯାଏ ଚାଲି-ଆସୁଛି । ସୁବର୍ଣ୍ଣ ଲଙ୍କା ଦହନ ମୂଳରେ ସୀତା ଚୋରି'— ଦୁର୍ଯ୍ୟୋଧନର ଊରୁଭଙ୍ଗ, 'ଦ୍ରୌପଦୀ ବିବସନ'ର ଏକ ସୁଦୂର ମର୍ମାନ୍ତିକ ପରିଣତି ।

ଆହୁରି ଆହୁରି ପାରଙ୍ଗମା ସ୍ତ୍ରୀ ଲୋକମାନେ ଆପଣା ଆପଣା ସ୍ୱାମୀ ମାନଙ୍କୁ ହାତମୁଠାରେ ରଖି ଅନେକ ଘଟଣ ଅଘଟଣ ଘଟାଇଥାନ୍ତି । ଗାର୍ହସ୍ଥ୍ୟ ପରିବେଶ ବ୍ୟତୀତ ବାହାର ଚଳଣିରେ ମଧ ସେମାନଙ୍କ ସ୍ୱାମୀ ଦେବତାମାନେ, ସେମାନଙ୍କ ନିର୍ଦ୍ଦେଶରେ ଚଳନ୍ତି । ତେବେ ମୋର ଏଇ ଗଳ୍ପରେ ଉପରୋକ୍ତ ବିଷୟ ଗୁଡ଼ିକ ନ ଘଟି ଯାହା ପୁରାଣଟା ଓଲଟି ଯିବାକୁ ବସିଥିଲା—ଠିକକେ ରକ୍ଷା ପାଇଗଲା ।

କଥାଟା ହେଲା ଏଇଆ ଯେ, ଆମ ଛୋଟ ସହରଟିର ଏକମାତ୍ର ଦୁର୍ଗାପୂଜା କମିଟିର ପ୍ରସ୍ତୁତି ସଭାରେ ଦଳେ ସଭ୍ୟ ଗୋଟାଏ ପ୍ରସ୍ତାବ ଦେଲେ ଯେ—ପୂଜା ସମୟରେ ବିଭିନ୍ନ ପାଲା, ଦାସକାଠିଆ, ଅପେରା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯାହା ଖର୍ଚ୍ଚ କରାଯାଉଛି, ସେହି ପରିମାଣ ଅର୍ଥର କିୟଦଂଶରେ କମିଟି ତରଫରୁ ନାଟକ ମଞ୍ଚସ୍ଥ କରାଗଲେ ପୂଜାର ଆସରଟା ବେଶ୍ ଜମିବ । ହୋ ହଲ୍ଲା ଆଉ ବାଜା ମଦ୍ଦଳର ନହବତ ଭିତରେ ନାଟକଟା ସଫଳତା ଲାଭ କରିବ ।

ପୁଅ ଝିଅ ବାହା ବରଂ କରାଇ ହେବ ହେଲେ ନାଟକଟିର ଯୋଗାଡ଼ ଯନ୍ତ୍ର କରି ଠିଆ କରାଇବା କଷ୍ଟକର ବ୍ୟାପାର । ତେଣୁ ଆମେ କେଇଜଣ

Digitized by srujanika@gmail.com

ଏ ପ୍ରସ୍ତାବର ଘୋର ବିରୋଧ କଲୁ । ଯଦି ନାଆରେ ଗୋଡ଼ ଦେଲେ ଏ କୂଳ ହେବ ନାହିଁ କି ସେ କୂଳ ହେବ ନାହିଁ । ଯେତେ ପ୍ରସ୍ତୁତି ପୂଜା ପାଇଁ ପ୍ରତି ବର୍ଷ ସାବଧାନ ହୋଇ କଲେ ମଧ୍ୟ ଗୋଟାଏ ଅଧଟା ଖୋଡ଼ ରହି ଯାଉଛି । ତେଣୁ କାମ ବେଳେ ନାଟକ ପାଠକରେ ବ୍ୟସ୍ତ ରହିଲେ ପୂଜା ଭଣ୍ଡୁର ହେବ ।

ପ୍ରସ୍ତାବକ ଦଳ ଆମ ମତକୁ କାଟି ଉଡ଼ାଇ ଦେବାକୁ ଭୀମପରି ଜାଗି ଉଠି କହିଲେ ପ୍ରତିବର୍ଷ ବନ୍ଦନା ପାଲା ଗାୟକ, ନାଚ ପାର୍ଟି ପିଲାଙ୍କ ପଛରେ ଯେତେ ମାନ୍ୟବର ସଭ୍ୟମାନେ ବୁଲିବା ଦେଖାଯାଉଛି, ସେ ସଂଖ୍ୟାର ଅର୍ଦ୍ଧେକ ହୋଇଗଲେ ନାଟକଟା ହୋଇଯିବ । ପୂଜାପଛରେ ଯେଉଁମାନେ ନ ରହିଲେ ନଚଳେ, ସେମାନଙ୍କୁ ପାର୍ଟ ଦିଆଯିବ ନାହିଁ ବୋଲି ସଂଶୋଧନ ପ୍ରସ୍ତାବ ବାଢ଼ିଲେ ।

ପୂଜା କମିଟିର ବଡ଼ମୁଣ୍ଡି ଆମମାନେ ଅଳ୍ପ ଖର୍ଚ୍ଚର ଯୁକ୍ତିଟାକୁ ଗୁପିଯିବାର ଆଲୋଚନାଟା ଆଗେଇବାକୁ ଅନୁମତି ଦେଲେ । ଗତ ବର୍ଷ ଗୁଡ଼ିକର ହିସାବରୁ ଜଣାଗଲା ଯେ ଆୟର ପ୍ରାୟ ଅର୍ଦ୍ଧେକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିସର୍ଜନ ଶୋଭାଯାତ୍ରାରେ ଖର୍ଚ୍ଚ ହେଉଛି । ଆହୁରି ନିଗୁଢ଼ ହିସାବରୁ ଜଣାଗଲା ପଞ୍ଚତିରିଶ ଶତକଡ଼ା ମୋଟ ଆୟର ବନ୍ଦନା ପାଲା ଦାସକାଠିଆ ଆଉ ନାଚ ଦଳ ନେଉଛନ୍ତି । ମୋଟା ମୋଟି ଟଙ୍କା ଚଉଦଶହ ଏସବୁରେ ଯାଉଛି । ପୂଜା କମିଟିର ଆୟ, ପ୍ରତି ବର୍ଷ ହାରାହାରି ଚାରି ହଜାର ଟଙ୍କା ହୋଇଥାଏ ।

ପ୍ରସ୍ତାବକ ଦଳ ଉତ୍ଫୁଲ୍ଲ ହୋଇ କହିଲେ ପଚ୍ଛଲି ବାଟରେ ଯାହା ଖର୍ଚ୍ଚ କିଛିଯୁ ହୁଏନ୍ତୁ ଗତି ନାଟକ ସେଥିରେ ହୋଇଯିବ । କଟକରୁ ଡ୍ରେସର ଥିଏଟର ସିନ୍‌ସିନେରୀ ନେଇ ଆସିବେ । ସେମାନଙ୍କ ଖୋରାକ, ଗାଡ଼ିଭଡ଼ା ଆଉ ବଡ଼ା ସହ ଟଙ୍କା ହଜାରେ ଏଣି ଗଡ଼ିକୁ ପଡ଼ିବ । ଅଭିନେତା ମାନଙ୍କ ପାଇଁ ରିହରସାଲ ଖର୍ଚ୍ଚ ଆଦିରେ ଟଙ୍କା ଶହେ କି ପଚାଶ ଖର୍ଚ୍ଚ ହେବ । ପୂଜା ମଣ୍ଡପରୁ ତ ଇଲେକ୍ଟ୍ରିକ ଲାଇନ ନିବ ଡ୍ରାମା ପେଣ୍ଡାଲକୁ । ପୂଜା ଖର୍ଚ୍ଚରୁ ସାମିଆନା ମଧ୍ୟ ବନ୍ଦ ହେବ । ଲୋକେ ମାଗଣାରେ ଭଲ ଭଲି ନାଟକ ଦେଖିବେ । ଟିକଟ କଥାତ ନୁହେଁ ଯେ ବାହାବଳୀ

Digitized by srujanika@gmail.com

ହେବ । ଖାଲି ମାଉକାରିଆ ଦେଖଣ ତାଙ୍କ ପାଇଁ ଡୌଳ ଭଳି ପତ୍ରିକା ଦରକାର । ସେତିକ ମଧ୍ୟ ଅଭିନେତାମାନେ ଶ୍ରମଦାନ କରି ହାଇସ୍କୁଲର ବୋଝ ଆଣିବେ ମୋଟାମୋଟି ଅଟକଳ ଆଠ ଶହରେ ରହିଲା ।

ପୂଜା କମିଟିର ପୁରୋଧାମାନେ ଖର୍ଚ୍ଚ କାଟକୁ ସ୍ୱାଗତ କରନ୍ତି । ନେଇ ଛଅଶହ ଟଙ୍କାର ଚାଳକା ବଜେଟ ଆମ ପୂଜା କମିଟିର କର୍ଣ୍ଣଧାରମାନଙ୍କୁ ନାଟକ ସପକ୍ଷରେ ଆଖିବୁଜା 'ହଁ' କହି ଦେବାକୁ ପ୍ରବର୍ତ୍ତାଇଲା । ବହୁ ଲୋକର ମତ ମାନିନେବା ଆମ ଦେଶର ନିୟମ । ତେଣୁ ଆମେ କେଇଜଣ ଚୁପ୍ ରହିବାକୁ ବାଧ୍ୟ ହେଲୁଁ ।

ପରବର୍ତ୍ତୀ କଥା ଉଠିଲା କେଉଁ ବହି ଅଭିନୀତ ହେବ ? ନିଶ୍ଚୟ ତ ପୌରାଣିକ ନାଟକଟିଏ ହେବ । ଆମର ପୁରାଣଗାଥା ତ ଅସଂଖ୍ୟ । ରାମାୟଣ ଆଉ ମହାଭାରତର ପଦେ ପଦେ ଭରି ରହିଛି କାହାଣୀମାଳା— ବହୁ ବିଷୟର ବହୁ ରସବନ୍ତ ହୋଇ ଆଲୋଚନା ଭିତରକୁ ଆସି ଆଖୁଟଭଳା ଖାଇରୁ ଛେଦା ବାହାରିବା ପରି ଦଶହରାମଣ୍ଡପ ତଳକୁ ଖସି ପଡ଼ୁଥାନ୍ତି । ଶେଷରେ ବାସ୍ତବ ନଥି ମିଳିଗଲା କହିଲେ ଅଷ୍ଟମୀ, ନବମୀ, ଆଉ ଦଶହରା ଏ ବର୍ଷ ଶୁକ୍ରବାର, ଶନିବାର ଓ ରବିବାରରେ ପଡ଼ୁଥିବାରୁ ରାମାୟଣରୁ ପ୍ରସଙ୍ଗଟିଏ ସ୍ଥିର କରାଯାଇଛି । ଆଉ ମଧ୍ୟ ମହାପ୍ରଭୁ ରାମଚନ୍ଦ୍ର ଏହି ଶରତ ଋତୁରେ ଦଶଭୁଜାଙ୍କୁ ଆବାହନ କରି, ଆଶୀର୍ବାଦ ନେଇ ବିଜୟ ବାନ୍ଧିଥିଲେ । ଅନୁକୂଳତା ଠିକ୍ ଥିବାରୁ ରାବଣ ପରି ତ୍ରିଲୋକାଜୀ ଶତ୍ରୁକୁ ବିନାଶ କରି ପାରିଥିଲେ ।

ରାମାୟଣ ପୁଣି ଏକ ବିରାଟ ପୁରାଣ । ମହାତ୍ମା ବାଲ୍ମୀକି ଦସ୍ୟୁ ରତ୍ନାକରରୁ ମହର୍ଷିରେ ପରିଣତ ହୋଇ ଏହି ରାମାୟଣ ରଚନା କରିଥିଲେ । ତେଣୁ 'ଶୋଲେ' ଛବିପରି ଦସ୍ୟୁତା ମଧ୍ୟ ସେଥିରେ ଭରି ଦେଇଛନ୍ତି । ଦସ୍ୟୁତା ନୁହେଁ ତ ଏକାବେଳକେ ଲୁଣ୍ଠନାତିପଂ ! ବିରାଟ ରାମାୟଣ ପୁଣି ବହୁ ଭାଗରେ ବିଭକ୍ତ । ମହାପ୍ରଭୁ ରାମଚନ୍ଦ୍ରଙ୍କ ପୂର୍ବ ଜୀବନୀ ସେଥିରେ ବର୍ଣ୍ଣାନ ହୋଇଛି । ବାଲ୍ୟ, ଅପୋଗଣ୍ଡ, କୈଶୋର, ଯୌବନ, ଶିବଧନୁଭଙ୍ଗ, ବିବାହ, ବନବାସ, ସୀତାହରଣ, ସୀତାଉଦ୍ଧାର-ସେତୁବନ୍ଧ

Digitized by srujanika@gmail.com

ରଚନା— ରାବଣ ନିଧନ— ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ— ରାଜତ୍ୱ, ସୀତା ନିର୍ବାସନ, ଅଶ୍ୱମେଧ ଯଜ୍ଞ ସମାପନାନ୍ତେ ସରଯୂ ନଦୀରେ ପ୍ରାଣ ବିସର୍ଜନ ପର୍ଯ୍ୟନ୍ତେ ଏକ ଫୁଲ ଫିଚର । ଏହାଛଡ଼ା ଅନେକ ପାର୍ଶ୍ୱ ଚରିତ୍ର ବର୍ଣ୍ଣନା ମୁଖର ହୋଇ ଉଠିଛନ୍ତି । ରାମାୟଣର ଅସଂଖ୍ୟ କଥାବଳୀରୁ କେଉଁ ବିଷୟକ ନାଟକ ହେବ ? ଲାଗିଲା ତାହା ଉପରେ ଆଲୋଚନା, କୈଶୋର ଅବସ୍ଥାରେ ତାଡ଼କା ଅସୁରୁଣୀର ହତ୍ୟାଠାରୁ ଭରା ଯୌବନରେ ସୂର୍ପଣଖାର ନାସାଚ୍ଛେଦନ ପର୍ଯ୍ୟନ୍ତେ ବୀର, କରୁଣ, ହାସ୍ୟରସ ଭରା ବିଷୟରୁ କେଉଁଟି ଅଭିନୀତ ହେଲେ ସୁନ୍ଦର ହେବ, ତାହାର ଠକ୍ ଠିକଣା ହୋଇ ପାରିଲା ନାହିଁ । ସବୁ ବିଷୟ ଉପରେ ନାଟ୍ୟକାରମାନେ ଦୁଇ ତିନିଟା ଲେଖାଏଁ ବହି ଲେଖି ଦେଇଛନ୍ତି ।

ଏଥର ମଧ୍ୟ ସେଇ ନିଧି ମିଶ୍ର ଫଇସଲା କଲେ ଯେ ରାମାୟଣର ସାର ଅଂଶ ହେଲା ରାମ ରାବଣ ଯୁଦ୍ଧ । ରାବଣର ନିଧନ ପାଇଁ ରାମଙ୍କର ଜନ୍ମ ଆଉ ରାମାୟଣ ରଚନା । ତେଣୁ ରାବଣ ବଧ ମଞ୍ଚସ୍ଥ ହେଉ । ସମସ୍ତେ ତୁନି ପଡ଼ିଲେ । ଉତୁରି ଆସୁଥିବା ଦୁଧରେ ପାଣି ମୁନ୍ଦାଏ ପକାଇଦେଲେ ସେ ଯେପରି ଦବିଯାଏ, ସେହିପରି ଆଲୋଚକ ଦଳ ପୁଣି ଉତ୍ଥାନ ହେବା ପର୍ଯ୍ୟନ୍ତେ ଚୁପ୍ ରହିଲେ ।

ବିଷୟଟା ନିରୂପିତ ହେବାପରେ ନାଟ୍ୟକାରମାନେ ଆଲୋଚନା ଭିତରକୁ ଧସେଇ ପଶିଲେ । କିଏ କହିଲା ଭଞ୍ଜିନଗର ବୈଷ୍ଣବ ଚରଣ ମହାନ୍ତିଙ୍କ 'ସ୍ୱର୍ଣ୍ଣଲଙ୍କା' ହେବତ ଆଉ କେହି କହିଲା ରଘୁନାଥ ପଣ୍ଡାଙ୍କ 'ଲଙ୍କାପୋଡ଼ି' ଅଭିନୀତ ହେବ । ଅନେକ ଅତିରିକ୍ତ ପ୍ରସ୍ତାବ ମଧ୍ୟ ଆସିଥିଲା । ଶେଷରେ କମିଟି ମୋ ଉପରେ ଭାର ଛାଡ଼ିଦେଲେ ଉଭୟ ବହି ପଢ଼ିସାରି ସ୍ଥିରକରିଦେବା ନିମନ୍ତେ । ମୋର ଫଇସଲା ଚରମ ହେବ ବୋଲି ମଧ୍ୟ ପ୍ରସ୍ତାବ ପାସ୍ ହୋଇଗଲା ।

ହଠାତ୍‌କରି ମୁଁ ଯେମିତି ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି, ସେହିପରି ଲାଗିଲା । ବଜାରକୁ ବାହାରିଲେ ଦଳେ ପାନ, ସିଗାରେଟ ଯୋଗାଉଥିଲେ ଆଉ ଦଳେ ଚାହା ଜଳଖିଆ ଖୁଆଉଥିଲେ । ହପ୍ତାକ ବାଦ ମୁଁ ହନୁମାନ ପ୍ରଧାନ 'ଲଙ୍କାପୋଡ଼ି'କୁ ଉପେକ୍ଷା କରି ରାବଣ-ପ୍ରଧାନ

Digitized by srujanika@gmail.com

ସ୍ୱର୍ଣ୍ଣିଲଙ୍କା' ସପକ୍ଷରେ ରାଏ ଦେଲ । ଗୁଳାଲ ଟ'ର୍ଚ୍ଚ ଲେଟ୍ ଓ ରିହର୍ସଲର ପ୍ରାକ୍ ଆୟୋଜନ । ଏବେ ସମସ୍ତେ ତୁଣ୍ଡ୍ରହୋଇ ପାର୍ଟ ବଣ୍ଟାବଣ୍ଟି କଲେ ।

ପୂଜାବେଳ । କଟକରୁ ସିନ୍‌ସିନେରୀ ଡ୍ରେସର ପେଣ୍ଟର ରାତିକୁ ତିନି ଶହରୁ ଖସିଲେ ନାହିଁ । ତାହା ଉପରେ ସେମାନଙ୍କ ଯିବା ଆସିବା ଗାଡ଼ି-ଭଡ଼ା ଓ ଅନ୍ୟୁନ ଚାରି ଦିନର ଖୋରାକି ଶହେ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଗଲା । ଅଟକଳଟା ଏହିଠାରୁ ବଳିପଡିଲା । ମାଛ ମାରିବା ପାଇଁ ହାତରୁ ପନ୍ଦରେ ଟରେଇ ଖର୍ଚ୍ଚ କରିବା ପରି ପୂଜା କମିଟି ନାଟକ ସବକମିଟିକୁ ଅଗ୍ରୀମ ଟଙ୍କା ଧରାଇ ଦେଇଥିଲେ । ତେଣୁ ବେହିସାବ ହୋଇ ରିହର୍ସଲ୍‌ରେ ଦୁଇଶହ ଖର୍ଚ୍ଚ ହୋଇ ଯାଇଥାଏ । ପାନ, ସିଗାରେଟ, ଗୁହା ଆଦି ତହଖର୍ଚ୍ଚ ବଳିପଡ଼ିଥାଏ ।

ସାଢ଼େ ବାଇଶିଟା ନାଟକରେ ସଫଳ ଅସଫଳ ନିର୍ଦ୍ଦେଶନା ଦେଇଥିବା ସୂର୍ଯ୍ୟବାବୁ ଏକାଧାରରେ ଅଭିନେତା ନିର୍ଦ୍ଦେଶକ କାମ ଚଳାଇଲେ । ଆମ ସହରରେ ହରେକ ପୌରାଣିକ ନାଟକରେ କୃଷ୍ଣ ପାର୍ଟ ତାଙ୍କ ପାଇଁ ଥୁଆ । ତେଣୁ ଆମେ ଟେଲରେ ତାଙ୍କୁ 'ସାହୁମୋଦକ' ଡାକୁ । ସ୍ୱାଧ ଫିଲ୍ମର ପ୍ରାରମ୍ଭ କାଳରେ ପ୍ରେମ ଆଦିବ୍ ରାମ ଅଭିନୟ କରନ୍ତି ଆଉ ସାହୁ ମୋଦକ କୃଷ୍ଣ । ସାଢ଼େ ବାଇଶ ନାଟକର ଶ୍ରମରଟା ହେଲ—ଚଉଦଟା ଅଭିନୀତ ନାଟକ ଆଉ ସତରଟା ପାର୍ଟ ଲେଖା, ରିହର୍ସାଲ୍ ଆଦି ସ୍ତରରୁ ଖସି ଯାଇଥିବା ନାଟକ ।

ରାବଣ ପାର୍ଟ ଉପରୋକ୍ତ ସ୍ୱଭାବ ପ୍ରକାରରେ ସାଢ଼େ ପନ୍ଦରଟି ନାଟକର ସଫଳ ଅଭିନେତା ହରି ଭାଇନା ନେଲେ । ଧାଡ଼ିଆ କଣ୍ଠ, ଆକାର ପ୍ରକାର ଆଦି ସବୁଦିଗରୁ ବିଚାର କଲେ ହରି ଭାଇନା ରାବଣର ସମକକ୍ଷ । ହେଲେ ହରି ଭାଇନାଙ୍କର ମେଘନାଦ ଇନ୍ଦ୍ରଜିତ କେହି ନ ଥିଲେ ଅବା ସାହାଯ୍ୟ କରିବାକୁ କୁମ୍ଭକର୍ଣ୍ଣ ନ ଥିଲେ କିମ୍ବା ଗୋଡ଼ କାଟିବାକୁ ବିଭୀଷଣ କେହି ନଥିଲେ । ବାପା ମା'ଙ୍କର ସେ ଏକୋଇର ବାଳା ଥିଲେ ଆଉ ବର୍ତ୍ତିତ କାଳରେ ସେ ସନ୍ତାନହୀନ ।

ନବୀନ ଦାଦା ନାଟକର କଳା ନିର୍ଦ୍ଦେଶକ । କଟକରୁ ସାଜ ସରଞ୍ଜାମତ ଆସିବ । ତେବେ ରାମ ଲକ୍ଷ୍ମଣଙ୍କ ପାଇଁ ଧନୁଶର ଖାସ୍ ନବୀନ

Digitized by srujanika@gmail.com

ତାହା ପଚାଶି ଟଙ୍କା ବ୍ୟୟରେ କରାଇଥିଲେ । ରାମବାଣ ଗୁଡ଼ିକର କାର୍ଡ଼ ବୋର୍ଡ ଫଳକ ଅଗରେ ସେ 'ଗ୍ଲିସେରିନ ଆଉ ପଟାସ'ର ପ୍ଲେଟ ପୁଡ଼ିଆ ବାନ୍ଧି ରାବଣର ଚିଣ୍ଡୁ ଉଆର ସାଙ୍ଗେ ସଫଳତାରେ ନିଆଁ ଧୂଆଁ ସୃଷ୍ଟି କରିବାର ବ୍ୟବସ୍ଥା କରିଥିଲେ । ରାମଙ୍କ ତୂଣୀରରେ ସେଥିରୁ ଦୁଇଟା ଶର ଥାଏ । ଏଣେ ହରି ଭାଇନାକୁ ନିର୍ଦ୍ଦେଶ ଦିଆଯାଇ ଥାଏ ଯେ ଛାତିରେ ଧୂଆଁ ବାହାରିବା ଦେଖିଲେ ସେ ଚିତ୍ ହୋଇ ଷ୍ଟେଜରେ ଶୋଇ ପଡ଼ିବେ ।

ଯଥାରୀତି ସପ୍ତମୀ ଦିନ ରାତିରେ ହାଇସ୍କୁଲ ହଲରେ ଷ୍ଟେଜ ରିହରସାଲ୍ ହେଲା । ପୂଜା ମଣ୍ଡପରେ ସପ୍ତମୀ ପୂଜା ଢୋଲ ତାଡ଼ୁଯନ୍ତ୍ର ଆଉ ବାଜା ମନ୍ଦିରର ଉତ୍କଟ ଶବ୍ଦର ଯୋଗୁଁ ବନ୍ଦ ହୋଇଥିବା ଷ୍ଟେଜରେ ରିହରସାଲ୍ ନ ହୋଇ ଝନା ସିଂ ସିଂହାସନରେ ହାଇସ୍କୁଲର ଖାଲି ହଲରେ ହେଲା । ତେଣୁ ଅଭିନେତାମାନେ ଷ୍ଟେଜ ଓ ପ୍ରମ୍ପଟରର ଦୂର ଠିକ୍ ରଖି ପାରିଲେ ନାହିଁ ।

ଅଷ୍ଟମୀ ପୂଜାଦିନ ସମସ୍ତେ ନିଜ ନିଜ ଘରେ ଜବର ପିଠାପଣା ଖାଇ ବଜାର ହାଟରେ ଆଡ୍ଡା ମାରୁଥାନ୍ତି । ରାତିରେ ନାଟକ ହେବ । ମାଇପିମାନେ ରାତିର କାମ ସଅଳ ସଅଳ ଦିନ ଥାଉଁ ଥାଉଁ ସାରି ଦେଉଥାନ୍ତି । ପୁଣି ତାହାରି ମଧ୍ୟରେ ପ୍ରସାଧନ ।

ମୋ ଉପରେ ମଞ୍ଚ ପରିଚାଳନା ଭାର ଦିଆ ହୋଇଥାଏ । ମୁଁ ସଞ୍ଜ ଲାଗିବା ଆଗରୁ ପୂଜା ମଣ୍ଡପ ତଥା ଷ୍ଟେଜକୁ ବୁଲିଲି । ଛିଅରବାଆର ଆଉ ପେଣ୍ଟିଂ ଆରମ୍ଭ ହୋଇ ଯାଇଥାଏ । ଦେଖିଲି ହରି ଭାଇନା ଗୋଟାଏ କଣରେ ମୁହଁ ମାରି ବସିଛନ୍ତି । ତାଙ୍କରତ ବହିର ପ୍ରଥମ ଅଙ୍କର ଦ୍ୱିତୀୟ ଦୃଶ୍ୟ ଠାରୁ ଆରମ୍ଭ କରି ପଞ୍ଚମ ଅଙ୍କର ଶେଷ ଦୃଶ୍ୟ ଯାଏ ପାର୍ଟ ଅଛି । ତେଣୁ ତାଙ୍କର ଆଗ ପେଣ୍ଟିଂ ହେବା କଥା । ତାଙ୍କୁ ଯେତେ ଥର ଡାକିଲେ ମଧ୍ୟ ସେ "ହଅମ ହବା ନାହିଁ ଆଜି କଞ୍ଚଣ ଓଳାଇ ଦିବା ? ରହ, ପାର୍ଟଟା ଦେଖୁଛି; ତମେ ସବୁ ହୁଅ—ମୋ'ହବା କେତେବେଳ ?" ଏହିପରି ନାନା ଅଜ ଦେଖାଇ ବସିଥାନ୍ତି । କେତେବେଳେ କମିଟି ପାର୍ଟନା ଉପରେ

Digitized by srujanika@gmail.com

ଆଖି ରଖିଥାନ୍ତି । ମୁଁ ତାଙ୍କୁ ଅ.ହ୍.ଅ.ନଙ୍କୁ ଡାକିନେଇ ପଚାରିଲି "ହରି ଭାଇନା ! ମତଲବଟା କଅଣ ? କେହି କଅଣ ତମକୁ କିଛି କହିଲେ କି ?"

ମୁଁ ଭାବିଥିଲି ପ୍ରଜାପତିର କେହି ବଡ଼ ବଡ଼ଅ. କଅଣ କିଛି ଅଭିମାନିଆ କଥା ତାଙ୍କୁ କହିଥିବେ ଅବା । ସେ ଫୁଁଫୁଁ ହେଇ ସବୁକଥା ମତେ କହିଲେ । ସେଦିନ ରାତିରେ ଭଉଜ ବୋହୂ ନାଟକ ଦେଖିବାକୁ ଆସିବେ । ହରି ଭାଇନା ମାସେ ହେଲା ଡ୍ରାମାରେ ପାର୍ଟ ଶିଖୁଛନ୍ତି ବୋଲି ଭଉଜ ଜାଣିଥିଲେ ହେଲେ କି ପାର୍ଟ ନେଇଛନ୍ତି ଜାଣି ନ ଥିଲେ । ଆଜି ନାଟକ ହେବ ବୋଲି ହରି ଭାଇନା ସଅଳ ଖାଇନେଇ ଧୋପହରେ ଠିକଏ ଆସ୍କଟ ମାରୁଥିଲେ । ଭଉଜ ବୋହୂ ଖାଇବା ଭୂଲି ପାଦ ଠିକଏ ମଞ୍ଚାଳି ଦେଉଁ ଦେଉଁ ସେ କି ପାର୍ଟ ନେଇଛନ୍ତି ବୋଲି କୁଆଡ଼େ ପଚାରି ଦେଲେ । ଭାଇନା ରାବଣ ପାର୍ଟ ନେଇ ଥିବାର ଜାଣି ସେ ହାଉଚାଙ୍କି ମନା କରିଛନ୍ତି ସେ ପାର୍ଟରେ ବାହାରିବାକୁ । ଅନ୍ୟ ପାର୍ଟ ନେବାକୁ ବରଦ ହେଇଛନ୍ତି । ସେ ବସି ନାଟକ ଦେଖୁଥିବେ ଆଉ ହରି ଭାଇନା, ଷ୍ଟେଜରେ ତାଙ୍କ ଆଗରେ ମଦ ଶୋଇବେ, ଏ କଥା ସେ ଦେଖି ପାରିବେ ନାହିଁ । ପାର୍ଟ ବରଂ ଛାଡ଼ି ଦିଅନ୍ତୁ । ଆଜିକ ଭଉଜ ବୋହୂ ନାଟକ ଦେଖିବା ପରେ ସେ କାଲିକି ପଛକେ ରାବଣ ହେଉଥାନ୍ତୁ ।

ବିକଳ ହୋଇ ହରି ଭାଇନା ମୋ ହାତଧରି କହିଲେ "କଣ କରିବି କହିଲୁ ? ଘଣ୍ଟିମୁଣ୍ଡ ବେଳ କେମିତି ପାର୍ଟ ଛାଡ଼ିଦେବି ? କିଏ କରି ପାରିବ ? ସେ ଶାଳୀ ମାଇକିନିଆଟା ମଧ୍ୟ କିଛି ବୁଝୁ ନାହିଁ । ଗୋଟାଏ ଜିଦ୍ ଧରିଛି ।"

ସବୁ ଶୁଣି ମୋ ମୁଣ୍ଡରେ ଆଉ କିଛି ସମାଧାନର ବାଟ ପଶିଲା ନାହିଁ । ମୁଁ ତାଙ୍କ ହାତଧରି ଗ୍ରୀନ ରୁମ୍‌କୁ ଟାଣିନେଇ ବେଞ୍ଚିରେ ବସାଇ ଦେଲି । କହିଲି "ଆଉ ଲେକଚରସା କରଅ ନାହିଁ । ଭଉଜ ବୋହୂ ନାଟକ ନ ଦେଖିଲେ ନ ଦେଖନ୍ତୁ ।"

ଷ୍ଟେଜ୍ ଭିତରେ ମୁଁ କପେ ଖାଉ ଖାଉ ଭାବୁଥାଏ, କିଏ ଅବା ରାବଣ ପାର୍ଟ କରି ପାରିବ ? ନିର୍ଦ୍ଦେଶକ ପୁଷ୍ପବାବୁ ପାରିଥାନ୍ତେ । ହେଲେ

Digitized by srujanika@gmail.com

ସେତ ରାମ ପାର୍ଟକୁ ଜାବୁଡ଼ି ବସିଛନ୍ତି । ନର୍ଦ୍ଦେଶକ ସିନା ଷ୍ଟେଜ୍‌ପଛ ପରି ଥାଆନ୍ତି । ମଣିଷ ଶରୀର । କାହାର କେତେବେଳେ କଅଣ ହୋଇଯିବ କିଏ କହି ପାରିବ ? ନର୍ଦ୍ଦେଶକ ଦରକାର ପଡ଼ିଲେ ହିରୋ ରୋଲ୍‌ଠାରୁ ଚାକର ରୋଲ୍ ପର୍ଯ୍ୟନ୍ତେ ସବୁ କରି ପାରିବ ? ଛାଡ଼ । ବନ୍ଦେ ହରି ଭାଇନା ଚାରି ରୋଲ୍ କରିବ । ଭାଉଜ ବୋଧହୁଏ ରାମ ରାବଣ ଯୁଦ୍ଧ ଆଗରୁ ଘରକୁ ଉଠି ପଳେଇବେ ପଳାନ୍ତି ।

ଯଥା ସମୟରେ ନାଟକ ହେଲା । ଅଙ୍କ ପରେ ଅଙ୍କ ଅଭିନୀତ ହୋଇଗଲା । ଅବଶେଷରେ ମୋ ଜୀବନରେ ଏକ ଅବିସ୍ମରଣୀୟ ଦୃଶ୍ୟର ଆରମ୍ଭ ହେଲା । ସେ ଯାଏଁ ହରି ଭାଇନା ବଡ଼ ଚମତ୍କାର ଭାବରେ ରାବଣର ରୋଲ୍ ଫୁଟାଇ ଆସିଥିଲେ । ଏହି ଦୃଶ୍ୟରେ ରାବଣ ରାମଙ୍କ ଶରରେ ଆହତ ହୋଇ ଭୂପତିତ ହେବ ଏବଂ ଶେଷ ଦୃଶ୍ୟରେ ଲକ୍ଷ୍ମଣ ତାଙ୍କଠାରୁ ରାଜନୀତି ଶିକ୍ଷା କରିବେ । ତାପରେ ନାଟକ ଶେଷ ହେବ । ଯୁଦ୍ଧ ତ ପଞ୍ଚମ ଅଙ୍କ ଆରମ୍ଭରୁ ଚାଲିଛି । କିନ୍ତୁ ଏଇ ଦୃଶ୍ୟରେ ନବୀନ ଦାଦାଙ୍କ "ଗ୍ଲିସେରିନ୍-ପଟାସ" ଶର ଓରଫ ରାମବାଣ ପ୍ରୟୋଗ କରାଯିବ । ସେଗୁଡ଼ିକ ନାଲି କାଗଜ ଉପରେ ଜରି ଗୁଡ଼ାଇ ତିଆରି କରାଯାଇଥାଏ ।

ବନ୍ଧୁର ପାର୍ଟ ମତେ ଯେତେବେଳେ ରାମବାଣ ଛାଡ଼ିବାର ସମୟ ହେଲା ନର୍ଦ୍ଦେଶକ ତଥା ଅଭିନେତା ସୂର୍ଯ୍ୟବାବୁ ପୋଆରିଷ୍ଟ ପ୍ରଥମ ଶରଟି ଛାଡ଼ିଲେ । ପଟାସ୍ ଗ୍ଲିସେରିନ୍ ତାଙ୍କ କାମ ଦେଖାଇଲେ ମାତ୍ର ରାବଣରୂପୀ ହରି ଭାଇନା ତାଙ୍କ କାମ ଦେଖାଇଲେ ନାହିଁ । ନର୍ଦ୍ଦେଶନାର ଅବମାନନା ଦେଖି ସୂର୍ଯ୍ୟ ବାବୁ ଦ୍ୱିତୀୟ ବାଣଟି ପେଷିଲେ । ଏଥର ମଧ୍ୟ ନବୀନ ଦାଦାଙ୍କ ଜୟଜୟକାର କରି ଶରଟି ପାରୁପର୍ଯ୍ୟନ୍ତ ଧୂମ ଉଦ୍‌ଗୀରଣ କଲା ଭୂପତିତ ହେଲା ମାତ୍ର ରାବଣ ଭୂପତିତ ହେବାର ଲକ୍ଷଣ ପ୍ରକାଶ ପାଇଲା ନାହିଁ । ତୂଣୀରରେ ଆଉ ସ୍ପେଶାଲ ଶର ନାହିଁ ଯାହା ଅଛି ଚାଲୁ ଗୁଡ଼ାକ ।

ବନ୍ଧୁର ପାର୍ଟ ଆଉ ନାହିଁ । ସ୍ମାରକ ତୁନି ତୁନି ରାବଣକୁ ପଡ଼ଯା' ପଡ଼ଯା' କହିବାରେ ବ୍ୟସ୍ତ । ହରି ଭାଇନା ନିଜେ ନିଜେ ନାଟ୍ୟକାର ପାଲଟି ଯାଇ ତାଙ୍କ ଡାଇଲଗ ଓଗାଳି ପକାଇ ଘଣ୍ଟାବୁଲି ଚାଲୁ ରଖିଥାନ୍ତି ।

Digitized by srujanika@gmail.com

"ଆରେରେ ଦଶରଥ ପୁତ୍ର, କର୍କଟ ପୁତ୍ର, କଙ୍କଡ଼ା ପୁଅ ଟେଣ୍ଡା କୋଉଆ ଭଣ୍ଡ ତପସ୍ୱୀ ସାଜ ରାବଣ ନଧନକୁ ମନ ବଳାଇଛୁ ? ସେ ଆଶା ତୋର ଆଜ ବଫଳ ହେବରେ ବାବାଜୀ !"

ଆଉ କେତେ କଅଣ ଇଆଡ଼ୁ ସିଆଡ଼ୁ କହ ଖଣ୍ଡା ବୁଲାଇ ନିଶକୁ ମୋଡ଼ୁଥାନ୍ତି । ନର୍ଦ୍ଦେଶକ ତ ରାମ ବେଶରେ ଷ୍ଟେଜ ଉପରେ । ଡେନବ ବୁଦ୍ଧି କରି ଉଇଙ୍ଗସ ପାଖକୁ ଆସି ସିନ୍ଟା ପକାଇ ଦେବାକୁ ଇଙ୍ଗିତରେ କହଲେ । ଷ୍ଟେଜ ସେପଟକୁ ଥିବା ହରି ଭାଇନା ଶୁଣିପାରଲେକ କଅଣ ଷ୍ଟେଜ ଆଗ ଆଡ଼କୁ ଖଣ୍ଡା ବୁଲାଇ ବୁଲାଇ ଚାଲଟଲେ । ଆମେ ଡ୍ରପ ଟା ପକାଇବାକୁ ଚେଷ୍ଟା କଲାବେଳକୁ ହରି ଭାଇନା ସାମନା ଫୁଟ୍‌ଲାଇଟ୍ ପାଖରେ । ଅଗତ୍ୟା ସ୍କ୍ରିନ୍ ପକାଇ ଦେଇ ଆମେ କେଇଜଣ ହାତ ଗଳାଇ ସମ୍ମିଳିତ ଚେଷ୍ଟାରେ ତାଙ୍କୁ ଭିତରକୁ ଟାଣି ଆଣିଲୁ । ସମସ୍ତେ ହରି ଭାଇନାକୁ ଭୀଷଣ ରାଗରେ କୈଫିୟତ ତଲବ କଲେ । କେତେ-ଜଣ ଆତୁର ରାଗରେ ହାତ ଉଠାଇ ଦେବାକୁ ବସିଥିଲେ । ହରି ଭାଇନା ହାତରେ ଖଣ୍ଡା, ପାଖ ପଶୁଛି କଏ ? ଏହାପରି ସ୍କ୍ରିନ ପଡ଼ିଆଡ଼େ ରାମ ରାବଣ ଯୁଦ୍ଧ ନ ହୋଇ ହରି ଭାଇନା ଭର୍ସେସ ଅନ୍ୟ ସମସ୍ତେ ।

ମୁଁ ଗୋଟାଏ ବୁଦ୍ଧି କଲି । ଷ୍ଟେଜ୍ ମ୍ୟାନେଜର ହିସାବରେ ଶାନ୍ତିରକ୍ଷା କରି ହରି ଭାଇନାକୁ ବସାଇ ଚାହା କପେ ଖୁଆଇଲି । ଶେଷ ଦୃଶ୍ୟ ପୂର୍ବରୁ ଦେଖଣାହାରୀ ମାନଙ୍କୁ ଧନ୍ୟାବାଦାତ୍ମକ ଭାଷଣ ଦେବାକୁ ଆମ ସହରର ବେସରକାରୀ ଲୋକଧର୍ମୀ କର୍ମ ଅଧିକାରୀ ଅବସରପ୍ରାପ୍ତ ଶିକ୍ଷକ ନଧି ମିଶ୍ରଙ୍କୁ ପଠାଇଦେଲି । ଦେଖଣାହାରୀ ମନରେ ଏ ଗଣ୍ଡଗୋଳର ପ୍ରଭାବ କାଳେ ନ ଆସୁ । ବ୍ୟବଧାନକୁ ନଧି ମିଶ୍ରେ ଭାଷଣ ଦେଇ ସମ୍ଭାଳି ନେବେ ଏ ବିଶ୍ୱାସ ମୋର ଥିଲା ।

ସାଙ୍ଗେ ସାଙ୍ଗେ ମୋ ସହକାରୀ ଭିତରୁ ଶରତକୁ ନେଇ ମୁଁ ଅଡ଼ଟୋରିୟମକୁ ଚାଲିଲି । ବହୁ କଷ୍ଟରେ ହରି ଭାଇନାଙ୍କ ସ୍ତ୍ରୀ-ଙ୍କର ଭୌଗୋଳିକ ଅବସ୍ଥିତିକୁ ଆବିଷ୍କାର କରି କହିଲି "ଭାଉଜ ବୋଉ ! ହରି ଭାଇନାଙ୍କ ମଥାକୁ ରକ୍ତ ଚଢ଼ିଯାଇଛି । ତାଙ୍କୁ ଡାକ୍ତରଖାନା

Digitized by srujanika@gmail.com

ପଠାଇ ଦେଲଣି । ସେ କହୁଛନ୍ତି ତୁମେ ଘରକୁ ଯାଇ ତାଙ୍କର ଧୋତି ଖଣ୍ଡିଏ ନେଇ ଡାକ୍ତରଖାନା ଯିବ । ମୋର ତ ବ୍ୟସ୍ତ କଥା ଜାଣୁଛ । ଏଇ ଶରତକୁ ତମ ସାଙ୍ଗରେ ପଠାଉଛି । ଶକ୍‌ଯାନରେ ଚାଲିଯାଅ ।"

ସ୍କୁଲ ପିଲା ଶରତ ଏ ଅଜବ ମିଛର କାରଣ ବଡ଼ ବଡ଼ ଆଖିକରି ମୋତେ ପଚାରିଲା ଭଙ୍ଗୀ କଲା । ମୁଁ ତାକୁ ଆଖି ମାରିଦେଇ ବୁଝାଇଲି ଯେ ଟେରସ୍କିଟ ସବୁ କରେ । ଷଡ଼ଜ ବୋଉ ଲଣ୍ଡଭଣ୍ଡ ହୋଇ ବାହାରିଲେ ଶରତକୁ ନେଇ ।

ମୁଁ ଭିତରକୁ ଯାଇ ହରି ଭାଇନାଙ୍କୁ ଖବରଦେଲି ଯେ ଲାଇନ କ୍ଲିଅର ଏଥର ସେ ଯେପରି ଭାବରେ ମରିବାକୁ ଇଚ୍ଛା କରନ୍ତି ସେପରି ଭାବରେ ମରି ପାରନ୍ତି । ମୋ ମିଛର ସ୍ୱୀକାର ମଧ୍ୟ କରିଦେଲି ।

ହରି ଭାଇନା ମୋ କାନ୍ଧରେ ହାତ ପକାଇ କହିଲେ "ବଞ୍ଚାଇ ଦେଲୁରେ ଭାଇ । ଏଥର କିଛି ପରୁଆ ନାହିଁ ମୋର ତଳେ ପଡ଼ିବାରେ । ଧୂର୍ଯ୍ୟ ବାବୁଙ୍କୁ କହ ଆଉ ଗୋଟାଏ ଶର ମାରିବେ ।"

ନାଥ ମିଶ୍ରଙ୍କ ଭାଷଣ ପରେ ପୁଣି ଦୃଶ୍ୟାନ୍ତର ହେଲା । ଫୁଟବଲ ହକି କ୍ରିକେଟ ପ୍ରଭୃତି ଖେଳରେ ବିରତି ଅଛି । ଏଡ଼େ ବଡ଼ ପୁରାଣ ପ୍ରସିଦ୍ଧ ଯୁଦ୍ଧରେ କଅଣ ହାଫ୍ ଟାଇମ୍ ନଥିବ ? ଏହାପରେ ତୂଣୀରୁ ରାମ ବାଣରେ ରାବଣରୂପୀ ହରି ଭାଇନା ଧରାଶାୟୀ ହେଲେ ଏବଂ ଯଥାରୀତି ଲକ୍ଷ୍ମଣଙ୍କୁ ରାଜନୀତି ଶିକ୍ଷାଦେଇ ମରଣ ଲଭିଲେ ।

ନାଟକ ଶେଷରେ ହରି ଭାଇନାଙ୍କ କଥା ମୁଁ ଫେଣ୍ଟାଇ କହିବାରେ ସମସ୍ତେ ହସି ହସି ବେଦମ୍ । ଏଇ ସମୟରେ ଷଡ଼ଜ ବୋଉ ଶରତକୁ ଧରି ଦୁର୍ଗା ମନ୍ଦିରରୁ ଘର—ଘରୁ ଡାକ୍ତରଖାନା—ଡାକ୍ତରଖାନାରୁ ପୁଣି ଘର—ଘରୁ ଶେଷରେ ଦୁର୍ଗାମଣ୍ଡପରେ ଆସି ପହଞ୍ଚିଲେ ।

ହରି ଭାଇନାଙ୍କ ସମ୍ପର୍କରେ କକା ବୋଲଉ ଥିବା ବୟସ୍କ ନାଥ ମିଶ୍ରେ ଖିଙ୍କାରି ହୋଇ କହିଲେ "ଯା, ଯା, ବେଶଭୂଷା ପାଲଟି ଟିକାଇ ବୋହୂ ମାଆଙ୍କୁ ନେଇ ଘରକୁ ଯା । ଘରେ ଯାଇ ମୁହଁ ପାଉଡ଼ର ଛଡ଼ାଇବୁ । ଟୋକାଟାଏ ନେଆ ଭୂଆଙ୍କ ଲଗାଇଛି !" —●—

Digitized by srujanika@gmail.com

କଟକ ବଦଳି

ବିଭିନ୍ନ ଦେବାଦେବୀଙ୍କ ନିକଟରେ ଧୂପ, ଦୀପ, ଶ୍ରୀଫଳ ଦାନ, ମାନ୍ତଣା, ଭେଟଘାଟ କରିବା ପରେ କଳା କରିଆ, କଳାଗଞ୍ଜା ଓ କଳା-ବୋଦା ଦେବାର ମାନେ ମାନସିକ କଲାପରେ ମଧ୍ୟ ମୋର ଯେତେବେଳେ ସ୍କୁଲର କୋରାପୁଟ ମାଳ ଅଞ୍ଚଳରୁ ଆମ ଘରପାଖିଆ ଜିଲ୍ଲାକୁ ବଦଳି ନହେଲି, ଆଉ କେହି ହୋଇଥିଲେ ତ ହତୋତ୍ସାହ ହୋଇ ପଡ଼ିଥାନ୍ତା । ମାତ୍ର ମୁଁ ନିରାଶ ନ ହୋଇ ପ୍ରଭୁ ଧବଳେଶ୍ୱରଙ୍କୁ ଯେମିତି ଛଅ ହାଣ୍ଡିଆ ଧଳା କନାଟିଏ ଯାଚିଲି, ସେମିତି ପ୍ରବଳ ବାତ୍ୟା ପରି ଆମ ବିଭାଗର ଗୋଟାଏ ଲମ୍ବା ଚଉଡ଼ା ବଦଳି ଆଦେଶନାମା ମୋ ପାଖରେ ଆସି ପହଞ୍ଚିଲା । ପରୀକ୍ଷା ଫଳ ବାହାରିଥିବା କାଗଜଟା ପରୀକ୍ଷାର୍ଥୀ ଆଖିକୁ ଜାଲୁଜାଲୁଆ ଦିଶିବାପରି ବଦଳି କାଗଜଟା ମତେ ଦିଶିଲା । ସେ ଲମ୍ବା ତାଲିକାରୁ ମୋ ଚଉଡ଼ା ନାଁଟା ଖୋଜିବାକୁ ମୁଁ ଚଷମାର ସାହାଯ୍ୟ ନେଲି । ପାଖରେ ମୋର ନବମ ଶ୍ରେଣୀର ଏକମାତ୍ର ପୁତ୍ର ବସି ବଦଳି ତାଲିକାଟିକୁ ଛଅଣା ଆଖିରେ ଦେଖୁଥିଲା । କୋଉଠୁ କେଜାଣି ମୋ ନାଁ'ଟା ଦେଖି ପକାଇ "ଆରେ ନନାଙ୍କର କଟକ ବଦଳି ହୋଇଛି" ବୋଲି ଚିତ୍କାର କରି ତା' ବୋଉକୁ ଖବରଟା ପହଞ୍ଚାଇ ଦେବାକୁ ବେଗେଇ ଘରକୁ ଚାଲି ମାରିଲା । ମୁଁ ପଛରୁ ମିଛଟାରେ ତାକୁ ଜାଗାଟା ଦେଖାଇ ଦେବାକୁ ଡାକୁଥାଏ । ଅବଶେଷରେ ନିଜ ଚେଷ୍ଟାରେ ମୋ ନାଁଟାକୁ ଆବିଷ୍କାର କଲି । ସତରେ କଟକ ହେଇଛି ତ ! ଖୋଦ୍ କଟକ ସହରକୁ ! କଟକ ନଗର-ଧବଳ ଟଗର । ହେ ପ୍ରଭୁ ଧବଳେଶ୍ୱର ! ଅନାଥର ଡାକ ଏଥର କାନରେ ବାଜିଲା । ତେବେ ମୁଁ ମିଛଟାରେ ତମକୁ ଭୁଲିଯାଇ ଏଣେ ଧାଉଁଥିଲି । ଏଇ ମକର ସଂକ୍ରାନ୍ତି ଦିନ ବାନା ଚଢ଼େଇବି । ନିଶ୍ଚିନ୍ତ ଥାଅ ପ୍ରଭୁ ! ତମର ବାନା ଏଥର ପାଚିଲା ।

ଭାବାନ୍ତର ଆସିଲା । ସେ କଟକବାଲି କଉଣ ଜାଗା ଛାଡ଼ିବେ ? ଟଙ୍କା ବଦଳାଇବ ? ପୁଣି ତା'ର ସମ୍ବଲପୁରକୁ ବଦଳି ହୋଇଛି । କଟକକୁ

Digitized by srujanika@gmail.com

ଭୁବନେଶ୍ୱର ଖୋଜେ ବାଟ । ଏଠି ଏ ଅପନ୍ତର ରାଜ୍ୟକୁ ଆସିବାକୁ ପାଞ୍ଚ-ଦିନ ସମୟ ନେଉଛି । ସେ ତାହାର ଯୋଗାଡ଼ଯନ୍ତ୍ର ଆରମ୍ଭ କରି ଦେବଣି । ବାବା ଧବଳେଶ୍ୱର ! ତମେ ହିଁ ଭରସା । ଧୋବ ଫରଫର ଛଅହାତ ବାନା ଉଡ଼େଇ ଥାଆନ୍ତୁ—ନ ଉଡ଼େଇବ । ତମ ଇଚ୍ଛା ।

ଅନେକ ବେଳ ଗଡ଼ିଗଲେ ସୁଦ୍ଧା ଗୃହିଣୀ ରୋଷାଇ ଘରୁ ବାହାରିଲେ ନାହିଁ । ଅଗତ୍ୟା ମୁଁ ବଦଳି କାଗଜଟାକୁ ସଯତ୍ନରେ ଭାଙ୍ଗି, ପକେଟରେ ରଖି ତାଙ୍କ ପାଖକୁ ଗଲି । ରୋଷେଇ ସରି ନ ଥାଏ ! ସେ ଅହେତୁକ ଭାବରେ ବ୍ୟସ୍ତ ଥାଆନ୍ତି । ମତେ ଆଡ଼ ଆଖିରେ ଅନେଇ ଦେଇ କହିଲେ, "ହେଲ୍ ଖୁସି ହେଲ ତ ଏଥର ! କଅଣ ଖରାପ ହେଉଥିଲା ଏଠି ? ତଟକା ପନିପରିବା, ସରୁ ଚାଉଳ, କୁକୁଡ଼ା ଅଣ୍ଡା ସବୁ ଶସ୍ତା - ପାଇବ ମଜା ସେ କଟକ ଯାଇ ।"

ମନେ ମନେ ଭାବିଲି କଅଣ କହୁଛି ଏ ବୋକୀଟା ! କଓ, ଶସ୍ତାରେ କ ଘ-ଚାଡ଼ ମଟର ଭଡ଼ାରେ ବୋହି ଯାଉଛି । ସେ କଥା ଏ ବିଦୁଷୀଙ୍କ ମଥାରେ ପଶୁନାହିଁ । ଘର ପାଖକୁ ଲୋକ ଶହେ-ପଚିଶ ଟଙ୍କା କମ୍ ଦରମାରେ ଟିବାକୁ ଚାହୁଁଛି— କିଛି ବୁଝି ପାରୁ ନାହିଁ ଏ ସ୍ତ୍ରୀ ଲୋକଟା !

ମୋ ଘରବଦଳାରେ ଉତ୍ସାହିତା ହୋଇ ଗୃହିଣୀ କଟକର ଅସୁବିଧା ଗୁଡ଼ିକ ଖଣ୍ଡିନାଣ୍ଡି ବର୍ଣ୍ଣନା କରିବାରେ ଲାଗିଲେ । ଜନାକୀର୍ଣ୍ଣ କଟକ ସହରରେ ଯାତାୟାତର ବିପଦ, ଦରଦାମ୍‌ର ପ୍ରାଦୁର୍ଭାବ, ପାନୀୟ ତଥା ସ୍ନାନୀୟ ଜଳର ସ୍ୱଳ୍ପତା, ତଟକା ଶାଗ ସବଜିର ଦୁର୍ଲଭତା ଏବଂ ଜଳଭରୀ ନଳା-ଦୁର୍ଗନ୍ଧର ଅପକାରିତା ବିଷୟରେ ନାତି ଦୀର୍ଘ ଭାଷଣ ଦେଲେ ।

ସ୍ତ୍ରୀଙ୍କର କଟକ ସହରକୁ ଏତେ ନାପସନ୍ଦ କାହିଁକି ? ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶାର ରାଜଧାନୀ ହୋଇ ଆସିଛି ଏଇ କଟକ ସହର । ସ୍କୁଲ୍, କଲେଜ, ଡାକ୍ତରଖାନା, ଷ୍ଟାଡ଼ିୟମ ଆଦି କେତେ କେତେ ବିରାଟ ଅନୁଷ୍ଠାନ ବିଦ୍ୟମାନ । ଐତିହାସିକ ବାରବାଟୀ ଗଡ଼, ପଥର ବନ୍ଧ, ଯୋବ୍ରା ଅନିକଟ, ମହାନଦୀ, କାଠଯୋଡ଼ିର ରୋହି-ଭାକୁଡ଼ି-ପୋହଳା ମାଛ କିଛି

Digitized by srujanika@gmail.com

ହେଲେ ସ୍ୱାଙ୍କୁ ଆକର୍ଷଣ କରି ପାରୁନାହାଁ ? ଓ ହୋ ! କଟକ ଗଲେ ନକ୍ସ-ପାତର ଆଶଙ୍କା ଅଛୁନା ! ଅଗ୍ରଜ ସେ ସେଇଥି ପାଇଁ ହେଉଛନ୍ତି । ମହାନଦୀ ସେପଟେ ଆଠଗଡ଼ର ମଫସଲ ଅଞ୍ଚଳରେ ଆମ ଘର । ମୁଁ ସୁଖରେ ଥିବା ବେଳେ ସେ ଗାଁ'ରେ ରହି ଶାଶୁ ଶ୍ୱଶୁରଙ୍କ ସେବା କରୁଥିଲେ । ମୋର କୋରାପୁଟ ବଦଳି ହେବାପରେ ସେ ଅନେକ କାନ୍ଦାକଟା, ଭୁଖାଭୁକ୍ଷା, ଅନଶନ ଅର୍ଦ୍ଧ ଅନଶନ କରି, ଗାଁ'ରେ ଶାଶୁ ଶ୍ୱଶୁରଙ୍କୁ ଛାଡ଼ି ସତୀ ସୀତାଙ୍କ ପରି ସ୍ୱାମୀ ସେବା କରିବା ପାଇଁ ଏ ଦଣ୍ଡକାରଣ୍ୟକୁ ଆସିଛନ୍ତି । ତଫାତ୍ ଏତିକି ଯେ ରାମ-ସୀତା ଅନୁଜ ଲକ୍ଷ୍ମଣଙ୍କୁ ସାଙ୍ଗରେ ଆଣିଥିଲେ ଆଜି ଆମେ ଆମର ବଶିକେଶନ ମାର୍କା ଆତ୍ମଜଙ୍କୁ ସଙ୍ଗରେ ଆଣିଛୁଁ ।

ମୁଁ ଘରେ ନ ଖାଇ ସଅଳ ସଅଳ ଅଫିସ୍‌କୁ ବାହାରିଲି । ବିଶେଷ କିଛି ହେଙ୍ଗାମ ନାହିଁ । ଆଦେଶ ମୁତାବକ ହେଡ୍‌କ୍ଲର୍କଙ୍କୁ ଚାର୍ଜ ଦେଇ ସେଇ ଦିନ ଦୁଇଟା ବସ୍‌ରେ କଟକ ଯିବାପାଇଁ ଯତ୍ନବାନ୍ ହେଲି । କଟକବାଲ୍ ଏହା ଭିତରେ କଅଣ ଯେ କରିବଣି ତାହା ଦ୍ଭୁ ଧବଳେଶ୍ୱରଙ୍କୁ ଜଣା । ଖାଲି ଧବଳେଶ୍ୱର' ଧବଳେଶ୍ୱର ହେଲେ କାଳେ ଅନ୍ୟ ଦେବା-ଦେବୀମାନେ କୋପ କରିବେ, ତେଣୁ ସେମାନଙ୍କୁ ମାନସିକ କରିଥିବା ଯାଚଜ୍ଞା ଗୁଡ଼ିକ ପୂରଣ କରିବ ବୋଲି ଆଉଥରେ ମାନସିକ କରି ପକାଇଲି । ସେ ତାଲିକାକୁ ଆଉଥରେ ମନରେ ଦୋହରେଇ ନେଲି । କଟକ ଚଣ୍ଡୀ କାଳି ଠାକୁରାଣୀ, ଗଡ଼ଗଡ଼ିଆ ମହାଦେବ, ହରିହର ଘାଟ ମହାଦେବ, ଅମରେଶ୍ୱର,ପାରେଶ୍ୱର, କଦମ୍ ରସୁଲ, ବିବି ଆଲମ୍, କାଳିଆ ବୋଦା, ବିନୋଦ ବିହାରୀ, ବୁଢ଼ୀ-ଠାକୁରାଣୀ, ମେହେନ୍ଦ୍ର ପୀର—ନାଁ ସମସ୍ତେ ଠିକ୍ ଅଛନ୍ତି । ତାଲିକାରେ ଭୁଲ୍ ହୋଇ ନାହିଁ । ଜିଲ୍ଲାପାଳଙ୍କୁ ଦେଖା କରି ବଦଳି ଆଦେଶ ଦେଖାଇ ରିଲିଭ କାଗଜ ସଇ କରାଇ ସେହିଆଡ଼ ସେହିଆଡ଼୍ ବସ୍ ଧରିବି । ପିଅନକୁ କହିଦେଲି ଜାଗ୍ରତରେ ରହିବା ପାଇଁ ।

ଗୁଡ଼ାଏ ଦେବା-ଦେବୀଙ୍କୁ ମୁଁ ହାତରେ ରଖି ଥିବାରୁ ଭାଗ୍ୟଧରୁଏ ମୋତେ କଟକରେ ବିଶେଷ ହଇରାଣ ହେବାକୁ ପଡ଼ିଲା ନାହିଁ । ହଇରାଣ ଯେ ନ ହୋଇଛନ୍ତି ତାହା ନୁହେଁ । ପହଞ୍ଚିଲେ ପହଞ୍ଚିଲେ ଘେର ପୋଲିସି ଖୋଜ ଲଗିଲି । ସେ କଟକ ବାବୁଟି ଘରେ ନ ଥାନ୍ତି, ଅଫିସିକୁ ଆସନ୍ତି

Digitized by srujanika@gmail.com

ନାହିଁ, ଭୁବନେଶ୍ୱରରେ ବଡ଼ ଅଫିସିରେ ଖୋଜିଲେ ମଧ୍ୟ ଦେଖା ମିଳେ ନାହିଁ । ସେ ପୃଥିବୀରେ ଅଛନ୍ତି ଅବା ନାହାନ୍ତି ସେ ବିଷୟରେ ମୋର ଥରେ ଅଧେ ସନ୍ଦେହ ଉପୁଜିଥିଲା । ମାତ୍ର ମୋ ଡାକରେ ଘରେ ତାଙ୍କ ସ୍ତ୍ରୀ ଯୋଡ଼ ସଜଫୁଲିଆ ବେଶରେ, କପାଳରେ ସୁଉଚ୍ଚ ଆକାରର ସିନ୍ଦୂର ମାରି ମୋତେ ସ୍ୱାମୀଙ୍କ ଅନୁପସ୍ଥିତିରେ ବାର୍ତ୍ତା ଦ୍ୱିତୀୟଥର ଶୁଣାନ୍ତି, ସେ ରୂପ ଦେଖି, ମୋର ପୂର୍ବୋକ୍ତ ସନ୍ଦେହ ସବୁଥର ମଉଳି ଯାଉଥିଲା ।

ଯାହାହେଉ ମୋ ଠାକୁରାଣୀ ପଲ୍ଲକଯାକ ଉପରିସ୍ଥ ହାକିମଙ୍କୁ ଟେଭ ଖୁଆଇ ରଖିଲେ । ସେ ବାବୁଟି ଯେତେ ଉହାଳବକଳ ହେଲେ କାକୁତି ମିନତି କଲେ, ଗୋଡ଼ହାତ ଧରିଲେ ସବୁ ଫସର ଫାଟିଗଲା । ଓଲଟି ଉପର ହାକିମଙ୍କ ପାଖରୁ ସସ୍‌ପେଣ୍ଡ୍ ହେବାର ଧମକ ପାଇ, ବାପର ସୁପୁତ୍ର ପରି ମତେ ମାନେ, ମାନେ, ଗୃହ ଦେଇ ଦେଇ ସରକାରୀ ଚାକିରିଆଙ୍କର ବ୍ରହ୍ମାସ୍ତ୍ର ଡାକ୍ତରୀ ଛୁଟି ନେଇ ଘରେ ବସିଲେ ।

ମୋର ମାଉସୀ ପୁଅ ଭାଇ କଟକରେ ବେପାର କରନ୍ତି । ଖାଞ୍ଜଟା କୋଠା କଟକ ଭଡ଼ାରେ ଲଗାଇଥାନ୍ତି । ମୁଁ କୋରାପୁଟରୁ ଆସି ତାଙ୍କ ଘରେ ଓହ୍ଲାଇଥାଏ । ମୋର ଏଇ ବଦଳି ମଉକା ନେଇ ସେ ତାଙ୍କର ଗୋଟାଏ ଖଟଡ଼ା ଭଡ଼ାଟିଆଙ୍କ ସଙ୍ଗରେ ଲାଗି ଲାଗି ଉଠାଇ ଦେଲେ । ମୋଠାରୁ ଭଡ଼ା ତ ନେବେ ନାହିଁ । ତଥାପି ସ୍ୱାମୀଙ୍କର ଦେହାନ୍ତ ହେଉ ପଛକେ, ସପତ୍ନୀର ବୈଧବ୍ୟ କାମ୍ୟ— ଏହା ମତ ସେ ଧରିଲେ । ଯେ ଘରଟା ତୁଳସୀପୁର ଆଡ଼େ 'ସହରଠୁ ଟିକେ ଦୂରରେ' । ହେଉ ପଛକେ, ମାଗଣାରେ ତ ରହିବାକୁ ମିଳିବ । ମାଗଣାକୁ ଲୋକେ ବିଷ ପିଇଯାଉଛନ୍ତି, ମୁଁ ଅବା ବାଟ କେଇ କଦମ୍‌କୁ ଡରିବି ? ପୁଣି କଟକ ସହରରେ ଭଡ଼ା ଘରର ଯାହା ଅବସ୍ଥା, ସେଥିରେ ମହାମୂର୍ଖ ହେଲେ ମଧ୍ୟ ଏ ମଉକା ନ ଛାଡ଼େ ।

କଟକ ଆକାଶ ନିର୍ମଳ ହେବାପରେ ମୁଁ ଛୁଟିନେଇ ମୋ ପରିବାର ଆଣିବାକୁ କୋରାପୁଟ ଚଳି । ବ୍ରାହ୍ମଣୀ ଆମର ଅନାଗତ-ବିଧାତା ଗୋଷ୍ଠୀ ଭୁକ୍ତା । ମୋ ଅନୁପସ୍ଥିତିରେ ପିଅନର ଅଫିସ୍‌ରେ ଆଉ କୌଣସି କାମ ନାହିଁ, ତାହା ସେ ଜାଣନ୍ତି । ତେଣୁ ତା ଦାବି କଟକ ଆସିବାର ସମସ୍ତ ପ୍ରାଥମିକ

Digitized by srujanika@gmail.com

ଆୟୋଜନ କରାଇ ରଖିଥିଲେ । ମୁଁ ଟ୍ରକ୍ ଗୋଟାଏ ଭଡ଼ାକରି କଟକ ଆଣିଲି ବାଟରେ ଲାଗୁଥାଏ ସତେ ଅବା ମୁଁ ପୁଷ୍ପକ ବିମାନରେ ବସି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରୁଛି ।

କଟକ ଆମ ଟ୍ରକ୍ ଆସି ରାତି ଅଧକୁ ଧରିଲା । ଆଗରୁ ଭାଇଙ୍କୁ ଚିଠି ଦେଇଥିଲି । ତୁଳସୀପୁର ଘରେ ସେ ଦୋକାନ ଘରର ଦୁଇଟାକୁ ଲଣ୍ଠନ ଦେଇ ଶୋଇବାକୁ ବରଗିଥିଲେ । ସେ ସବାଖିଆ ପୁବ ଭଡ଼ାବାଲାଟା ରାଗରେ ଯିବାବେଳେ ଇଲେକ୍ଟ୍ରିକ୍ ଲାଇନ୍ ଗୁଡ଼ାକ ଛିଡ଼ା ଓଟରା କରି ନଷ୍ଟ କରି ଦେଇଥାଏ । ତାକୁ ସଜାଡ଼ିବା ସମୟସାପେକ୍ଷ । ଭାଇ ମଧ୍ୟ ମୋତେ ଚଢ଼ିବାକୁ ଦେଉଥିବା ଘୋଡ଼ାକୁ ଆଉ ଦାନା ଖୁଆଇବାକୁ ଉଚିତ ମନେ କଲେ ନାହିଁ । ମୁଁ ମୋ ଚେଷ୍ଟାରେ ଗୋଟାଏ ଇଲେକ୍ଟ୍ରିକ୍ ଲାଇନ୍ ମ୍ୟାନ୍‌କୁ ଠାବ କଲି । ପ୍ରଥମେ ସେ ମୋତେ ଆଇନ୍ ପଢ଼ାଇଲା ଯେ ଘର ଭିତରେ କାମ ସେ କରିବ ନାହିଁ । କୋରାପୁଟିଆ ଫାଇନ ଅରୁଆ ଚାଉଳରୁ ଅନ୍ଦାଜ ପାଞ୍ଚ କେଜି ତାକୁ ଫାଇନ୍ ଦେବାପରି ଦେବାରୁ ସେ ଅବଳୀଳାକ୍ରମେ ଲାଇନ୍ ମରାମତି କାମରେ ଜଏନ୍ କରିଦେଲା ।

କଟକ ବସାରେ ଭଲ ରକମ ଥଇଥାନ ହେବା ପରେ ଆମେ ତିନି ପ୍ରାଣୀ ଗାଁ ଆଡ଼େ କଟକ ବଦଳିର ଶୁଭ ସମ୍ବାଦଟି ଘରଘରେ ପ୍ରଚାର କରିବାକୁ ଗଲୁ । ନନା ବୋଉ ଯେତେ ଖୁସି ହେଲେ, ତଦପେକ୍ଷା ଗ୍ରାମବାସୀମାନେ ଅଧିକ ଆନନ୍ଦିତ ହେବାର ଜଣାପଡ଼ିଲା । ଏ ଅହେତୁକ ଆନନ୍ଦାତିଶଯ୍ୟର କାରଣ ମୁଁ ସେତେବେଳେ ବୁଝିପାରି ନଥିଲି ।

ବୁଝିଲି, ଯେତେବେଳେ କଟକ ବଦଳିର ପ୍ରଥମ ମାସ ପୂରଣ କରି ଦ୍ୱିତୀୟ ମାସରେ ପଦାର୍ପଣ କଲି, ଅନୁରୋଧର ଚିଠିମାନ ଆସି ପହଞ୍ଚିଲା । ସେ ଚିଠିସବୁ କେତେବେଳେ ଶେରଶାହା ଘୋଡ଼ାସବାର (ଅର୍ଥାତ୍ ସାଇକେଲ) ଡାକରେ ଆସିଲା ତ ଆଉ କେତେବେଳେ ଡାଲ୍‌ହାଉସୀ କାଇଦାରେ ଡାକଘର ମାଧ୍ୟମରେ ଆସିଲା । ସେଗୁଡ଼ାକରେ, କାହା ପିଲା ପାଇଁ ଚାକିରୀ କରାଇ ଦେବା, ସମ୍ପର୍କରେ ଝିଆରୀର ନଣନ୍ଦର ପିଲାପାଇଁ ନାଲି ଛତା ବେଣ୍ଟିଆ ମଶାରୀ ପଠାଇବା — ଗାଁର ମଲ୍ଲୀନାଥର ଝିଅର ମ୍ୟାଟ୍ରିକ

Digitized by srujanika@gmail.com

ଗଣିତ ଖାତା କଟକର ଏକ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକଙ୍କ ପାଖରେ ପଡ଼ିଛି; ଝିଅର ରୋଲ ନମ୍ବର ପୋଷ୍ଟକାର୍ଡ ଚିଠିରେ ଲେଖା ହୋଇ କୌଣସି ରକମରେ ନମ୍ବର ବଢ଼ାଇବାକୁ ପ୍ରଯତ୍ନ କରିବା ପାଇଁ ଶତବାର ଅନୁରୋଧ ଜଣାଇବା ସହ ସାନ ମଉସୀ ଶାଶୁଙ୍କ ସହ ବଡ଼ ଝିଅ ପାଇଁ ପାତ୍ର ଅନୁସନ୍ଧାନ କରିବା, ଆତ୍ମୀୟଙ୍କ ରୋଗର ଆନୁସଙ୍ଗିକ ଲକ୍ଷଣ ଗୁଡ଼ିକର ସବିଶେଷ ବିବରଣୀ ସହ ବଡ଼ ଡାକ୍ତର ପରାମର୍ଶ ପାଇଁ ଚାହିଦା ଆଦିରେ ଭରପୂର ଥାଏ ।

ମୋର ଦୈନନ୍ଦିନ କାର୍ଯ୍ୟ ନିର୍ଘଣ୍ଟରେ ଏହି ଜନସେବା ମୂଳକ କାର୍ଯ୍ୟଗୁଡ଼ିକ ଆପେ ଆପେ ଯୋଡ଼ି ହୋଇଗଲା । ସେଥିରେ ଯେ କେବଳ ସମୟ, ଶ୍ରମ ଓ ଅର୍ଥବ୍ୟୟ ହେଉଥିଲା ତାହା ନୁହେଁ, ସେକେଣ୍ଡାରୀ ବୋର୍ଡ ଅଫିସ୍‌ରେ ଗାଁ ପିଲାଙ୍କ ଫଳାଫଳ ତଦାରଖ କରୁ କରୁ ସେଇ ଯେ ମୁଁ ଆଉ ମୋର ସାଇକେଲଟିର ବିଚ୍ଛେଦ ଘଟିଲା, ତାହାର ମିଳନ ପ୍ରୂର୍ତ୍ତିମାକୁ ଏ ଯାବତ୍ ଭେଟି ନାହିଁ । ଯାନ-ହରଣ ହେଲା ପରେ ମୋର ଜନସେବା କାର୍ଯ୍ୟ ଟିକଏ କାହିଁକି ବେଶ୍ ଭାବରେ ଧିମେଇ ଗଲା ।

ପତ୍ର ଦ୍ୱାରା ଅନୁରୋଧ ବିଫଳ ହେବାରେ ଅନୁରୋଧକାରୀଗଣ ଏଥର କେବେ ଏକା ଏକା ଅବା କେବେ ସଦଳବଳେ ଆସି ମୋ କଟକ ବସାରେ ହାଜର ହେଲେ । ନରି ମାମୁଁ ଛ ମାସରେ କୋଡ଼ିଏ ଦିନ ଜଜ୍ କୋର୍ଟ ଓ ହାଇକୋର୍ଟରେ କଟାଇବାବାଲା । ପତ୍ରିଲେ ପତ୍ରିଲେ ସେ ଆମ ବସାକୁ ପ୍ରକୃତ-ଡାକଘର ଉତ୍ତର ଦେବାକୁ ଆସୁଥିଲେ । କ୍ରମେ କ୍ରମେ ସାମୟିକ ରହଣି ଘାଟି ବନାଇ ଦେଲେ । ତାଙ୍କ କଚେରୀ କାମ ନ ସରୁଣୁ ଗାଡ଼ି, ମଟର, ରେଳ ସବୁ କଟକ ଛାଡ଼ି ପଳାଇ ଯାଉଥିଲେ ।

ନଟ ଅଜାଙ୍କର ନାତି ଦୁଇଟା ବୃତ ହେବେ । କଟକରୁ ସଉଦା କରିବା ପାଇଁ ଆସି ଆମ ବସାରେ ପାଞ୍ଚଦିନ ରହିଲେ । ଏତେ ଦିନ ଧରି କଣ ସଉଦା ସେ କରୁଥିଲେ କେଜାଣି, ତେବେ ମୋ ମତରେ ସେ ଚେଷ୍ଟା କରିଥିଲେ କଇ କେତୋଟି ଦିନରେ କଟକ ସହରକୁ ଟାଣି ନେଇ ଆମ ଗାଁରେ ଥୋଇ ଦେଇଥାନ୍ତେ । ନଟଅଜା ଆମର ସମ୍ପର୍କୀୟ ନୁହଁନ୍ତି ।

Digitized by srujanika@gmail.com

ଡକାଡ଼କରେ ଅଜାଲେଖା ହୁଅନ୍ତି । ତାଙ୍କର ଏ ଦୀର୍ଘ ରହଣିରେ ଆମେ ଯାହା ଶ୍ୱାସରୁଦ୍ଧ ହେଉଥିଲୁ କିନ୍ତୁ ଶେଷ ବିଦାୟ ଦିନ ତାଙ୍କ ଅନୁରୋଧ ଶୁଣି ଦୀର୍ଘଶ୍ୱାସ ମାରିବାକୁ ପଡ଼ିଲା । ମୁଁ ଦରମା ପାଇ ନନାଙ୍କ ପାଖକୁ ଯାହା ଟଙ୍କା ପଠାଇଥାନ୍ତି, ସେଇଟା ସେ ନନାଙ୍କୁ ଗାଁ'ରେ ପଛକେ ଦେଇଦେବେ, ଏହିସାତ୍ ତାଙ୍କର ଅକୁଳାନ ହେଉଥିବା ଟଙ୍କା ଭରଣା କରିବାକୁ ପଡ଼ିବ । ଘୋର ଅନିଚ୍ଛା ସତ୍ତ୍ୱେ ମୋ ସ୍ତ୍ରୀ ତାଙ୍କ ଗୁପ୍ତ ପାଣ୍ଠିରୁ ଅନୁରୋଧ ପୂରଣ କଲେ କାରଣ ମାସ ଶେଷରେ ମୁଁ କପର୍ଦ୍ଦକଶୂନ୍ୟ ହୋଇ ବସିଥାଏ ।

ରଥଯାତ୍ରା ସୁଅରେ ଲୋକ ଆମ ବସାକୁ ଆସିଲେ । ବନ୍ଧୁବାନ୍ଧବ ଅଶିକ୍ଷିତର ଚିହ୍ନା ଅଚିହ୍ନା ପାଞ୍ଚ ଦଶଟେଣ୍ଟ ଗାଁ'ର ଲୋକଙ୍କର ଯାହାର କଟକ କାମ ପଡ଼ିଲା, ସେ ଆସି ବଖରେ ଠଙ୍କିଲା । ଦଳବଳ ଯେତେବେଳେ ଆସନ୍ତି, ଅବଶ୍ୟ ଆମ ଘରକୁ ଶୁଖିଲା ମୁଖିଲା ବାଇଗଣ କଲେ, ସାରୁ ଦ'କଲେ, ଭଜା ମୁଗଡ଼ାଲି ଅନ୍ଦାଜ ସାତ ଆଠଶହ ଗ୍ରାମ, ଚୂଡ଼ା ମୁଢ଼ି ଆନୁମାନିକ ଦୁଇଶହର ଟଙ୍କା ମୂଲ୍ୟର ଆମଦାନି ହେଲା, ପ୍ରତିବଦଳରେ ଅନ୍ୟୁନ ଦଶ ବାରଟା ପଙ୍କତି ଖର୍ଚ୍ଚା, ରିକ୍ସା ଭଡ଼ା, ସିନେମା ଟିକଟ ଆଦି ବ୍ୟୟ କରିବାକୁ ପଡ଼ିଲା । କାହାର ଔଷଧ ଇଞ୍ଜେକସନ ଖର୍ଚ୍ଚ, କାହା'ର ଫେରନ୍ତି ଗାଡ଼ିଭଡ଼ା ମୋତେ କଣ୍ଠାଗତ କରି ପକାଇଲେ ।

କଟକରେ ଥିବା ଚାରିଗୋଟି ଅନୁଷ୍ଠାନ ମୋ ଘରେ କୁଣିଆ ସଂଖ୍ୟାକୁ ବଢ଼ାଇବାରେ ସାହାଯ୍ୟ କଲେ । ସେଗୁଡ଼ିକ ହେଲେ ମାନ୍ୟବର ହାଇକୋର୍ଟ, ଜଜକୋର୍ଟ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଡାକ୍ତରଖାନା ଆଉ ଚତୁର୍ଥିରେ ସେକେଣ୍ଡାରୀ ବୋର୍ଡ଼ ଅଫିସ୍ ।

ଉପରୋକ୍ତ ସମସ୍ତ ଉପଦ୍ରବ ସହି ଯାଉଥିଲୁ । ଯେଉଁଦିନ ମୋ ସ୍ତ୍ରୀଙ୍କର ମାମୁଁ ଝିଅ ଭଉଣୀ-ଭଣେଇ ତାଙ୍କର ବିବାହିତା କ୍ୟାନ୍ସର ରୋଗଗ୍ରସ୍ତା ଝିଅଟିକୁ ସଙ୍ଗରେ ନେଇ ଆମ ବସାରେ ଝିଙ୍ଗିର ଖଡ଼୍‌ଖାଡ଼୍ କଲେ, ସେଦିନ ଆମେ ଦୁଇପ୍ରାଣୀ ପରସ୍ପରକୁ ଅନାଇ ରହିଲୁଁ । ମନା କରିବାର ଉପାୟ ନାହିଁ । ମନା କଲେ ମଧ୍ୟ ମାନିବା ଲୋକ ସେମାନେ ନଥିଲେ । କେବଳ ମାତ୍ର ଦାଣ୍ଡ କବାଟଟା ଖୋଲି ଦେବା ପରେ ଆଉ ତାଙ୍କୁ କିଛି

Digitized by srujanika@gmail.com

ବଢ଼ାଇବାକୁ ପଡ଼ି ନଥିଲା । ସୋଫା ସେଟ୍‌କୁ ତଳ ଉପର କରି ସଜାଇନେଇ ସେମାନେ ସେଇ ଦଣ୍ଡଟିରେ ତାଙ୍କର ଡେରା ପାଡ଼ି ନେଲେ ।

ବିଂଶ ଶତାବ୍ଦୀର ଏଇ ଶେଷାଂଶରେ ମଧ୍ୟ କାନସ୍‌ର ରୋଗଟି ମାନବ ସମାଜର ଏକ ଦୁଷ୍ଟବ୍ରଣ ହୋଇ ଉଠିଛି । ମନୁଷ୍ୟଙ୍କୁ ଆରପାରିକୁ ନେଇ-ଯିବାକୁ ଏକ ଦକ୍ଷ ନାଉରୀ ପାଲଟିଛି ତେଣୁ ଆମ ଘରେ ଏପରି ରୋଗୀ ରହିବା ଯେ ଅତି ବିପଜ୍ଜନକ କାମ, ଏଥିରେ ସନ୍ଦେହ ନାହିଁ ।

ରିଜର୍ଭାରତ ଡାକ୍ତରଙ୍କ ବାରିକୁ ସେମାନେ ଅପେକ୍ଷା କରିବାରୁ ଆମ ଘରେ ତାଙ୍କୁ ପୂର୍ଣ୍ଣ ଛୟାନବେ ଘଣ୍ଟା ରହିବାକୁ ହେଲା । ଅବଶେଷରେ ଡାକ୍ତରଖାନାରେ ଆଡ୍‌ମିଶନ ନେବାକୁ ସେମାନେ ଯେଉଁଦିନ ଗଲେ, ଆମେ ଦୁଇପ୍ରାଣୀ ମିଶି ବାଣ୍ଡି ଘରକୁ ଫିନାଇଲ୍‌ରେ ଧୋଇ, ଝରକା କବାଟ ଓ ଅନ୍ୟାନ୍ୟ ଆସବାବ୍‌ପତ୍ରକୁ ଡେଟଲ୍‌ରେ ପୋଛି ଶାନ୍ତି ପାଇଲୁଁ । କ୍ୟାନ୍‌ସର ସଂକ୍ରମଣର ଭୟାବହତା, ବିଶୋଧନ ନିମନ୍ତେ ଖର୍ଚ୍ଚ ହୋଇ-ଥିବା ଅଠର ଟଙ୍କାକୁ ତା'ର କଠୋର ଭିତରେ ଏପରି ରଖି ଦେଲା ଯେ, ଏ ତହଖର୍ଚ୍ଚ ଆମ ମନକୁ ଆଦୌ ସ୍ପର୍ଶ କଲାନାହିଁ ।

କଥା ସେତିକିରେ ତୁଟି ନଥିଲା । ମୃତ୍ୟୁ, ରୋଗିଣୀର ସମସ୍ତ କଷ୍ଟ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଡାକ୍ତରଖାନାର କ୍ୟାନସ୍‌ର ୱାର୍ଡ଼ର ଗୋଟିଏ ଶଯ୍ୟା ଉପରେ ହରଣ କଲାପରେ, ମୋତେ ଅନ୍ୟତମ ଶବବାହକ ହିସାବରେ ମନୋନୀତ କରାଗଲା । ମୋ ସ୍ତ୍ରୀ ମଧ୍ୟ ତାଙ୍କର ବଡ଼ ଭଉଣୀର ସାନ୍ତ୍ୱନାଦାୟିନୀ ରୂପେ ନିଯୁକ୍ତା ହେଲେ । ସବୁଠାରୁ ଅଶାନ୍ତିର କଥା ହେଲା ଯେ, ଆମେ ସ୍ୱ ସ୍ୱ ଦାୟିତ୍ୱ ପାଳନ କରିବା ପରେ ଆମ ଘରେ ସେମାନଙ୍କ ଉପସ୍ଥିତି ଯୋଗୁଁ ଆମ ମନମୁତାବକ ବିଶୋଧିତ ହୋଇ ପାରିଲୁ ନାହିଁ ।

ମୋର ରୋରୁଦ୍ୟମାନା ହେଡ଼ଶାଶୁ ଓ ସଢ଼ୁ ମହାଶୟ ଗ୍ରାମକୁ ଲେଉଟିଯିବା ପରେ ପରେ ମୁଁ ସେଇ ପ୍ରଭୁ ଧବଳେଶ୍ୱରଙ୍କୁ ମୋର କଟକରୁ ସ୍ଥାନାନ୍ତର ନିମନ୍ତେ ବାରହାତିଆ ବାନା ଗୋଟାଏ ଯାଚି ପକାଇଲି ।

Digitized by srujanika@gmail.com

ଖଣ୍ଟାପ୍ରେମ

ଜୀବନଟା ସାରା ଦଉଡ଼ ଦଉଡ଼ ଶେଷରେ ମଣିମଣ୍ଡ ଅଯୋଗ୍ୟ ହୋଇ ଭଙ୍ଗା ଚଡ଼ ମଟର ଗୁଡ଼ାକ ଯେମିତି ଗ୍ୟାରେଜରେ ପଡ଼ିଥାଆନ୍ତି ସେହିପରି ଆମ ବସନ୍ତରେ ଆମେ ପୁଞ୍ଜାଏ ପାଞ୍ଚ୍ଟା ସରକାରୀ ଚାକିରିରୁ ଅବସର ଗ୍ରହଣ କରି କୁଆଳିରୁ ଫିଙ୍ଗା ହୋଇଥିବା ବଳଦଙ୍କ ପରି ଖଟପିଠିଆ ଶୋଇ ଶୋଇ ପାକୁଳି କରୁଥିଲୁଁ । ସତରେ ଏ ବୁଢ଼ା ବୟସରେ ମଣିଷ ନିଜକୁ କେମିତି ବଳଦ ମନେ କରେ ।

ପାକୁଳି ହୋଇଲେ ସ୍ମୃତି ଚାରଣ । ନାତି ନାତୁଣୀମାନଙ୍କୁ ଗପ ଶୁଣାଇବା ଏବଂ ବନ୍ଧୁ ମହଲରେ ଅତୀତର ଅନୁଭୂତିଗୁଡ଼ାକ ବଖାଣିବାରେ ସମୟ କଟିଯାଏ ।

ଆମ ଗ୍ରୁପ୍ର ଅଗଣି ବାବୁ ରିଟାୟାର୍ଡ଼ ହାଇସ୍କୁଲ ହେଡ୍ମାଷ୍ଟର । ବାଟ ଚାଲୁଥିବା ଲୋକଙ୍କ ମଧ୍ୟରୁ ପଚାଶ୍ ଶତକଡ଼ା ତାଙ୍କର ପୂର୍ବତନ ଛାତ୍ରଛାତ୍ରୀ ବୋଲି ସେ ଦାବୀ କରନ୍ତି । ସେହିପରି ରିଟାୟାର୍ଡ଼ ପୋଲିସ୍ ଇନ୍ସପେକ୍ଟର ବେଣୁବାବୁ ପଚାଶ୍ ଶତକଡ଼ା ବାଟୋଇଙ୍କୁ ନିରେଖି ଦେଖି ଏବଂ ଆବଶ୍ୟକ ସ୍ଥଳେ ମୁହଁ ଫେରାଇ ଦେଖି, ସେଗୁଡ଼ାକ ପୂର୍ବତନ ଦାଗୀ, ଚୋର, ବଦମାସ୍, ଗୁଣ୍ଡା, ଖୁନୀ, ଟାଉଟର୍ ଅବା ମକଦ୍ଦମା ଖୋର୍ ବୋଲି ନିଶ୍ଚିତ ହୋଇ ଯାଆନ୍ତି । ଡାକ ବିଭାଗରୁ ଅବସର ନେଇଥିବା ଗଗନବାବୁଙ୍କୁ ସମସ୍ତେ ସମାନ ଦିଶନ୍ତି । ତାଙ୍କ କାଉଣ୍ଟରରେ ଓକିଲ, ମୁକ୍ତାର, ଡାକ୍ତର, ଇଞ୍ଜିନିୟର, ବ୍ୟବସାୟୀ, ଛାତ୍ର ଯେମିତି ଗଦା ହେଉଥିଲେ ସେହିପରି ଟାଉଟର୍, ପକେଟ୍ମାର୍, ଚୋର ମଧ୍ୟ ଆସି ଜୁଟୁଥିଲେ । ତେଣୁ ତାଙ୍କ ଦୃଷ୍ଟିରେ ସମସ୍ତେ ମଣିଷ । ଆଉ ରହିଲି ମୁଁ । ଜୀବନ ସାରା ଭଗ୍ବାନଙ୍କୁ ଦଣ୍ଡିବାରୁ ଜୀବନଯାମା ବିଭାଗରୁ ହାଲି ଅବସର ନେଇ ଏ ଆସରରେ ଯୋଗ ଦେଇଥାଏ ।

Digitized by srujanika@gmail.com

ଆମ ଭିତରେ ଷୋଳସିଆ ବେଣୁବାବୁ ବେଶ୍ ଦୂର ଦୃଷ୍ଟି ସମ୍ପନ୍ନ । ତାଙ୍କର ଅନିଶ୍ଚିତ ପରିବାରର ବସବାସ ନିମନ୍ତେ ସେ ଏକାଧିକ କୋଠା କରି ପକାଇଥିଲେ । ଫଳରେ ସାନପୁଅ ଭାଗରେ ପଡ଼ିଥିବା କୋଠାରେ ସ୍ତ୍ରୀ ଓ ଚାକର ଚାକରାଣୀ ନେଇ ବେଣୁବାବୁ ରହନ୍ତି । ସାନପୁଅ ସସ୍ତ୍ରୀକ ଆକାଶବାଣୀ ବିଭାଗରେ ଚାକିରି କରି ଆସ ମରି ଗୌହାଟୀଠାରେ ସମ୍ପ୍ରତି ଅବସ୍ଥାପିତ । ତେଣୁ ବେଣୁବାବୁଙ୍କ ଘରେ ଆମ କ୍ଲବଟା ବସୁଥାଏ ।

ସାରା ଦିପହରଟା ଆମେ ତାସ୍ ଅବା ପଶାପାଲିରେ କଟାଇ ଦେଉଁ । ଖେଳରେ ଆମର ପାଟିତୁଣ୍ଡ ବିଶେଷତଃ ପଶାକାଠି ଗଡ଼ିବା ବେଳେ ଆମ କୁହାଟ ଗୁଡ଼ାକ ଶ୍ରୀମତୀ ବେଣୁବାବୁଙ୍କ ଶ୍ରୁତିକଟୁ ହେଉଥିଲା ଏବଂ ତାଙ୍କର ଅସନ୍ତୁଷ୍ଟି ଖେଳ ଶେଷରେ ପରିବେଷିତ ପାଣିଆ ଚାହାରେ ପ୍ରତିଫଳିତ ହେଉଥିଲା । ବେଣୁବାବୁ ବେଶ୍ ସମ୍ପନ୍ନ ବ୍ୟକ୍ତି । ପୁଅମାନେ ବେଶ ଯୋଗ୍ୟ । ଜମିବାଡ଼ିର ପ୍ରାଚୁର୍ଯ୍ୟ ତଥା ଦୋକାନଗୁଡ଼ାକର ଭଡ଼ା ଯଥେଷ୍ଟ ଅର୍ଥଦାୟକ । ମଝିରେ ମଝିରେ ଆମ ମେଳରୁ ବେଣୁବାବୁ ଖସିଯାଇ ଘରେ "ଦେହି ପଦପଲ୍ଲବମୁଦାରଂ"ର ଡ଼ିମନ୍‌ଷ୍ଟ୍ରେସନ ଦେଖାଇ ଆମ ପାଇଁ କେବେ କେମିତି ପକୋଡ଼ି, ପାମ୍ପଡ, ମିକ୍‌ସଚର୍ ଆଦି ଯୋଗାଡ଼ କରୁଥିଲେ ।

ସେଦିନ ଫଗୁଣ ମାସର ଏକ ସନ୍ଧ୍ୟା ପର୍ଯ୍ୟନ୍ତ ଆମର ବୈଠକ ଚାଲିଥିଲା । ଖେଳ ଶେଷ ହେବା ପରେ ବେତ ଚୌକି ଗୁଡ଼ାକ ଚାକର ହାତରେ ଛାତ ଉପରକୁ ନେଇ ଆମେ ବସି ମଳୟ ପବନ ସେବନ ଛଳରେ ନିଜ ନିଜ ଜୀବନର ସବୁଠାରୁ ଦୟନୀୟ ପରିସ୍ଥିତି ବର୍ଣ୍ଣନା କରୁଥିଲୁ । ଶୁକ୍ଳପକ୍ଷ । ତେଣୁ ସନ୍ଧ୍ୟା ପ୍ରବେଶ କଲେ ମଧ୍ୟ ପୃଥିବୀକୁ ଅନ୍ଧକାରାଚ୍ଛନ୍ନ କରିବାକୁ ଅସମର୍ଥ ହୋଇ ପଡ଼ୁଥାଏ ।

ଅନୁଭୂତି ଗୁଡ଼ାକରେ ଲଜ୍ଜା, ଅପମାନ, ଗ୍ଲାନି ଆଉ ଭୟର ସମିଶ୍ରଣ ଯୋଗୁଁ ଦର୍ଦ୍ଦ ଆଉ ଦର୍ଦ୍ଦରେ କରୁଣ ରସ କ୍ଷୀଣଧାରାରେ ପ୍ରବାହିତ ହେଉଥିଲା । ଅଟଣିବାବୁ କହିଲେ ଯେ କୁଆଡେ ଗୋଟାଏ ଖଚଡ଼ା ସ୍କୁଲ ଇନ୍‌ସପେକ୍‌ଟର ତାଙ୍କୁ ଶିକ୍ଷକ ଓ ଛାତ୍ରମାନଙ୍କ ସହଣରେ ଯାହା ଇଚ୍ଛା ତାହା ଅପମାନ କରିଥିଲା । ସେ ପାକଳ ବୟସରେ ମଧ୍ୟ ଅଟଣିବାବୁ ରାତିରେ ଶୋଇ ଶୋଇ ଆତ୍ମହତ୍ୟାର ନାନା ଢଙ୍ଗ କଳ୍ପନା କରୁଥିଲେ ।

Digitized by srujanika@gmail.com

ମୋର ମନେ ପଡ଼ୁଛି । ଥରେ ଜୀବନବୀମା କାମରେ ଭୋଗରାଇ ଅଞ୍ଚଳ ବୁଲିଆସି ଜଳେଶ୍ୱରରେ ଜଣେ ବ୍ୟବସାୟୀଙ୍କ ଘରେ ରାତି ଯାପନ କରୁଥିଲି । ଦୁର୍ଭାଗ୍ୟକୁ ଡକାଏତମାନେ ସେହି ରାତିରେ ଉକ୍ତ ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ କରିଥିଲେ । ତାଙ୍କ ଘରେ ପଶି କାମ ସାରି ଫେରିଲା ବେଳକୁ ସେଥିରୁ ଦୁଇ ଜଣ ମୋ ବଖରାକୁ ପଶିଗଲେ । ଆଗରୁ ପ୍ରହାର, ନିର୍ଯ୍ୟାତନା, କ୍ରନ୍ଦନ ଓ ଚିତ୍କାରରେ ମୋର ନିଦ ଭାଙ୍ଗି ଯାଇଥିଲା । ମୋ ଘରକୁ ମୁହଁରେ କଳାକନା ବାନ୍ଧି ଦୁଇ ଜଣ ପଶିଆସିବାରେ ମୋ ପିଳେହି ପାଣି ହୋଇ କଲିଜାକୁ ବୁଡ଼ାଇ ଦେଲା । ମୁଁ ସ୍ୱେଚ୍ଛାରେ ହାତରୁ ମୁଦି ଆଉ ଘଣ୍ଟା କାଢ଼ି ଥୋଇ-ଦେଲି ଆଉ ସେମାନେ ତାଙ୍କ ଚେଷ୍ଟାରେ ମୋ ଫୋଲିଓ ବ୍ୟାଗ୍‌ରୁ ସହାସ୍ରାଧିକ ସଂଗୃହୀତ ପ୍ରିମିୟମ ଟଙ୍କା ନେଇଯାଇଥିଲେ । ସେଇ ଅଧ ଘଣ୍ଟା ମୋ ଜୀବନରେ ଯେମିତି ଚକ୍ ଚକ୍ ଛୁରୀ ତଳେ କଟିଥିଲା ଏ ସ୍ମୃତିଚାରଣ ସମୟରେ ମଧ୍ୟ ରୁମ ଟାଙ୍କୁରି ଉଠୁଥାଏ ।

କିନ୍ତୁ ସବୁଠୁ ଆଛା ହୋଇଥିଲା ବେଣୁବାବୁଙ୍କ ବୟାନ । ବିଶେଷ ସେଇଟା ନ ସରିବାରୁ ଆମ ଭିତରୁ କେତେକ ଗାଈ ବାନ୍ଧିବା, ସନ୍ଧ୍ୟା କରିବା ଆଦି କାମଗୁଡ଼ାକୁ ସେଦିନ ବାତିଲ କରି ନେଇଥିଲୁ । ଖେଳ ଆସରର ଚିତ୍କାର ନ ଥିବାରୁ କି କଅଣ, ସେଦିନ ଶ୍ରୀମତୀ ବେଣୁବାବୁଙ୍କର ଅତିଥିପରାୟଣତାର ଦକ୍ଷେଇଧାଇ ହୋଇ ଯାଇଥିଲା । କାରଣ ସେ ପକୋଡ଼ି, ଆଳୁଚପ୍, ସିମେଇ ପାଏସ୍ ଓ ଗୁହା ମାନରେ ଗୁଚ୍ଛି ଗୋଟାକ ପରେ ଗୋଟାଏ ଗୁକର ଗୁକରାଣୀଙ୍କ ହାତରେ ପଠାଉଥିଲେ । ଗୁହାଟା କିନ୍ତୁ ଯେମିତି ହୋଇଥିଲା ନା ତିନିତାରା ପାଞ୍ଚ ତାରାକୁ ଗୋଲମାରି ଯାତ-ତାରା କି ନଅତାରା ହୋଟେଲ୍‌ରେ ମଧ୍ୟ ମିଳିବ ନାହିଁ । ଆଉ ପାନ ଯୋଗାଣ ମୋ ମନରେ ରଜ ସଂକ୍ରାନ୍ତିର ଭ୍ରମ ଆଣିଦେଲା ।

ଏସବୁ ବର୍ଣ୍ଣନା ଆଉ ପିବନ ନିମିତ୍ତ ମାତ୍ର । ଶ୍ରବଣଟା ହିଁ ମୁଖ୍ୟ ହୋଇଥାଏ । ପୋଲିସ୍ ବିଭାଗରେ ବେଣୁବାବୁ ଏ.ଏସ୍.ଆଇ. ପଦବୀରେ ଯୋଗ ଦେଇଥିଲେ । ମ୍ୟାଟ୍ରିକ୍ ପରୀକ୍ଷାରେ ଫେଲ୍ ହୋଇ ପୋଲିସ ଅଫିସ୍‌ରେ ଥିବା ଜନୈକ ଆତ୍ମୀୟ ହେଡ଼୍‌କ୍ଲର୍କଙ୍କ ପ୍ରଚେଷ୍ଟାରେ ସେ ପୋଲିସ୍ ଜମାଦାର୍ ପଦବୀରେ ନିଯୁକ୍ତ ହୋଇଥିଲେ । ମ୍ୟାଟ୍ରିକ୍ ଫେଲ୍ ହେଲେ କି

Digitized by srujanika@gmail.com

ହେବ ତାଙ୍କର ହସ୍ତାକ୍ଷର ଗୁଡ଼ିକ ବାଇଚଣ ମଞ୍ଜି ପରି ଚୋଟା । ଦଶ ପନ୍ଦରଶ କାଗଜ ଭିତରେ ବାରି ହୋଇପଡ଼ିବ । ତେଣୁ କାଗଜ ପତ୍ର କାମ ଗୁଡ଼ାକ ତାଙ୍କ ଉପରେ ଲଦା ହୋଇଗଲା ।

ବରଷେ ଶୁକଣି ହୋଇ ନ ଥାଏ ଆସିଲା ଅନଗୁଳରେ ଟ୍ରେନିଂ ନେବା ପାଇଁ ଆଦେଶ । ସେହି ଟ୍ରେନିଂ କାଳ ମଧ୍ୟରେ ତାଙ୍କର ଶୁଭକର୍ମ ବିବାହଟା ମଧ୍ୟ ହୋଇଗଲା । ଶ୍ୱଶୁର ଘର ଉତ୍ତର ବାଲେଶ୍ୱରରେ ।

ଟ୍ରେନିଂ ସମାପ୍ତି ପରେ ବାଲେଶ୍ୱର ଜିଲ୍ଲାରେ ମୁକରିର୍ ହେଲେ । ତାଙ୍କର ମୁକ୍ତାନନ୍ଦୀ ହସ୍ତାକ୍ଷର ପାଇଁ ଯେଉଁ ଥାନାକୁ ଗଲେ ସେଠାରେ ସେ ଷ୍ଟେସନ ଡାଏରି ଲେଖିବା ପାଇଁ ଓ ଅନ୍ୟାନ୍ୟ କାଗଜପତ୍ର କାମ କରିବା ପାଇଁ ଆଦିଷ୍ଟ ହେଲେ । କେହି କେହି ବଡ଼ବାବୁ ଇନ୍‌କ୍ୱାରିରେ ଗଲେ କେବେ କମିତ ତାଙ୍କୁ ସଙ୍ଗରେ ନେଉଥିଲେ । ସାଧାରଣତଃ ସେ ଥାନାରେ ଚବିଶ ଘଣ୍ଟା ଉପସ୍ଥିତ ରହୁଥିଲେ ।

ସେଇ ବେଳର କଥା । ଟୁଆଁ ଟୁଇଁ ଜୀବନ । ସକାଳୁ ଘରେ ଗାଧୁଆ ପାଧୁଆ କରି ବେଳ ଆଠଟା ସରିକି ଥାନାକୁ ବାହାରି ପଡ଼ନ୍ତି । ବଜାର ହାଟ ଗୋଟାଏ ସିପାହୀ ହାତରେ କରାଇ ଅଫିସ୍ କାମରେ ଲାଗନ୍ତି । ତେବେ ନଅଟା ଦଶଟା ବେଳେ ସାମାନ୍ୟ ପରିବର୍ତ୍ତନ ପାଇଁ ବଜାରକୁ ଯାଇ ଗୁହା କପେ ଖାଇ ପାନ ଗୁଡ଼ିଏ ଯଜାଡ଼ି ଏବଂ ସେହି ସମୟ ମଧ୍ୟରେ ଦୈନିକ ଖବର କାଗଜ ପଢ଼ି ନଅନ୍ତି । ମୂଳ ଉଦ୍ଦେଶ୍ୟ ତାହା ନୁହେଁ । ଟୋକା ବୟସ । ସେଇ ବେଳଟାରେ ଗାର୍ଲ ସ୍କୁଲ ପିଲମାନେ ହାତରେ ବହି ଜାକି ସ୍କୁଲ ଯାଆନ୍ତି । ବେଣ୍ଟୁବାବୁ ତାଙ୍କର ଝକ୍‌ଝକ୍ ପୋଲିସ୍ ପୋଷାକରେ ଦେଖିବା ଓ ଦେଖାଇହେବା ଉଭୟ କର୍ମ ଅଞ୍ଜାମ କରନ୍ତି ।

ଗୋଟାଏ ହିନ୍ଦୀ ଫିଲ୍ମ ଗୀତ ଅଛି "ଆଙ୍ଖ୍ ମିଲ୍‌ତେ ଅଗର୍ ଦେଖିୟେ ଇକ୍ ଦମ୍ ପ୍ୟାର୍ ହୋ ଯାଏଗା ।" ହୋଇଗଲା ମଧ୍ୟ । ବେଣ୍ଟୁବାବୁ ଦେଖିଲେ ଗୋଟାଏ ଝିଅ ତାଙ୍କୁ ଏକ ଆଖିଆ କରି

Digitized by srujanika@gmail.com

ଖୋଜ ଦେଖୁଛୁ । ଥରେ ଅଧେ ତାଙ୍କୁ ଅନାଇ ଅନାଇ ଝୁଙ୍କି ପଡ଼ୁଲଣି । ଯଥାସମୟରେ ବେଣୁବାବୁ ତାହାର ପିଛା କରି ତା ଘରର ଚୌହଦୀ ଦେଖି ଆସିଲେ । ମୌକା ମଧ୍ୟ ଜାଣିଲେ । ଝିଅଟା ଘର ଫେରନ୍ତି ବାଟର ଶେଷାଂଶ ଏକାକୀ ହୋଇଯାଏ ।

ବହୁତ ଭାବନାକୁ ଭାଷା ଦେଇ ଚିଠି ଲେଖି, ଦବାକୁ ଯାଇ, ନ ଦେଇ ଫେରି ପୁଣି ଚେଷ୍ଟାରୁ ସେ ବିରତ ହେଲେ ନାହିଁ । ଅବଶେଷରେ ଦିନେ ଚିଠିଟା ଗଳାଇ ଦେଇ ଆଗକୁ ମାଡ଼ି ଚାଲିଲେ । ଝିଅଟା ଚିଠି ଗୋଟାଇଲା କି ନାହିଁ ମୁହଁ ବୁଲାଇ ଦେଖିବାକୁ ସାହସ କଲେ ନାହିଁ । କିଛି ବାଟରୁ ସାଇକେଲ ବୁଲାଇ ଦେଖିଲେ ରାସ୍ତାରେ ଚିଠିଟା ନାହିଁ। ନେଇଛି ନିଶ୍ଚୟ । ବଡ଼ ଆନନ୍ଦ ଲାଗିଲା । ଏତେବେଳକୁ ନିଶ୍ଚିତ ଦେଖି ପଢ଼ୁଥିବ । ତେଣୁ ପଢ଼ୁ ଉଲୁସି ଉଠୁଥିବ । ହେଲେ ଆଶଙ୍କା ହେଲା ଯେ ଯଦି ଝିଅଟା ବାହାର ବାପ ମାଙ୍କୁ ସବୁକଥା ଜଣାଇ ଦେବ । ଉତ୍ତର ପାଇବା ଆଶାରେ ସେ ତାଙ୍କର ପୂର୍ଣ୍ଣ ପରିଚୟ ହାଲ୍ ସାକିନ୍ ସହିତେ ଚିଠିରେ ଲେଖି ଦେଇଛନ୍ତି । ମାସିକ ଦରମା ଆଉ ମହଙ୍ଗାଭତ୍ତାର ପରିମାଣ ମଧ୍ୟ ଚିଠି ବିଷୟର ଅନ୍ତର୍ଭୁକ୍ତ । ପୁଣି ଘରଟାରୁ ଜାଣିଲେ ଯେ ଝିଅଟା ଜଣେ ବଡ଼ ବ୍ୟବସାୟୀଙ୍କ ଝିଅ । ବଜାରରେ ଥିବା ସବୁଠାରୁ ବଡ଼ ଲୁଗା ଦୋକାନର ମାଲିକ । ହେଉକି ନୁହେଁ, ଦେଢ଼ ମାଇଲ୍ ଦୂରରେ ଥିବା ଏକ ଚାଉଳ କଳର ଅଂଶୀଦାର ମଧ୍ୟ । ପୁଣି ମନକୁ ସାନ୍ତ୍ୱନା ଦିଅନ୍ତି ଯେ ନାହିଁ ଝିଅଟାର ହାବଭାବ ଯାହା ଘଟଣାଟା ଏପରି ବିରୂପ ଧରିବ ନାହିଁ ।

ଝିଅଟିର ପ୍ରତିକ୍ରିୟା ଭଲ ଭାବରେ ଜାଣିବା ପାଇଁ ବେଣୁବାବୁ ପୂରା ଦୁଇଦିନ କାଳ ସ୍କୁଲ ଯିବା ଆସିବା ବେଳରେ ନିର୍ଦ୍ଦିଷ୍ଟ ଦୋକାନରେ ଗରହାଜର ହେଲେ । ତୃତୀୟ ଦିନ ସ୍କୁଲ ଫେରନ୍ତି ମୁହାଁମୁହିଁରେ ତାଙ୍କ ପୋଲଦିଆ ଆଖିକୁ ଝିଅଟା ଆଡ଼ୁ କମିତିକା ଗୋଟାଏ ଇସାରା ମିଳିବାର ଦିଶିଲା । ସେ ଅନୁଗମନ କଲେ । ନିଚ୍ଛାଟିଆ ବାଟରେ ଗୋଟାଏ ସଯତ୍ନ ସଞ୍ଚିତ ଚିଠି ସେ ଝିଅ ଖସାଇ ଦେଇଗଲା । ଚିଲପରି ଝାମ୍ପି ନେଇ ବେଣୁବାବୁ ଆଉକୁ ଯାଇ ଗୋଟାଏ ନିଚ୍ଛାଟିଆ ରାସ୍ତାରେ ପୋଲଟି ଉପରେ ବସି ଚିଠି ପଢ଼ିନେଲେ । ଝିଅଟା ଲେଖିଥିଲା ଯେ ସେ କୋଉଦିନଠାରୁ ବେଣୁବାବୁଙ୍କ

Digitized by srujanika@gmail.com

ପ୍ରେମରେ ପଡ଼ିଯାଇଛୁ । ବେଣୁବାବୁଙ୍କ ଚିଠି ତାଙ୍କୁ କୋଟିନିଧି ପାଇଲା ପରି ଲାଗିଥିଲା । ସେଇଦିନ ରାତିରେ ରଚନା ଖାତା ଭିତରେ ପୂରାଇ ଉତ୍ତର ଲେଖିଥିଲା । ବେଣୁବାବୁଙ୍କୁ ନ ଦେଖି ଡରରେ ଥର ହେଉଥିଲା । ବିଜୟ ଚିଠି ମଧ୍ୟ ସେହି ଦଶା ଭୋଗୁଥିଲା । ଉପସ୍ଥିତ ଚିଠି ଦେଇ ନ ପାରିଥିଲେ ଶ୍ରମ ନଷ୍ଟରେ ପଡ଼ୁଥାନ୍ତା । ଆଉ ମଧ୍ୟ ସେ ପ୍ରତିଜ୍ଞା କରିଥିଲା ଚିଠି ବେଣୁବାବୁଙ୍କୁ ନ ଦେଇ ପାରିବା ପର୍ଯ୍ୟନ୍ତ ସେ ପ୍ରତିଦିନ ଗୋଟାଏ ଲେଖାଏଁ ଚିଠି ଲେଖି ଜମେଇଥିବ ଇତ୍ୟାଦି-ଇତ୍ୟାଦି ।

ଏଇ ଚିଠି ଆଦାନ ପ୍ରଦାନର ଆରମ୍ଭ ସମୟରେ ଶାଶୁବୁଢ଼ୀ ଆସି ତାଙ୍କର ଅନ୍ତଃସତ୍ତ୍ୱା ସ୍ତ୍ରୀଙ୍କୁ ପ୍ରସବ କରାଇବାକୁ ଘରକୁ ନେଇଗଲେ । ଏଣିକି ଝିଅଟାର କଚ୍ଛ କଚ୍ଛ ଚିଠି ଘରେ ରଖିବାର ସୁବିଧା ହେଲା ଏବଂ ବେଧଡ଼କ ରାତି ରାତି ବସି ପୃଷ୍ଠା ପରେ ପୃଷ୍ଠା ଚିଠି ଲେଖିବାର ସୁଯୋଗ ମିଳିଲା ।

ଉଭୟଙ୍କର ଚିଠିର ଓଜନ ଏଣିକି ବଢ଼ି ବଢ଼ି ଶହେ ଗ୍ରାମ ପାଖାପାଖି ହେଲା ସବୁ ଚାଲୁଥିଲା ସୁରୁଖୁରୁରେ । ପତ୍ରର ଆଦାନ ପ୍ରଦାନ ପରୋକ୍ଷ ଭାବେ ନ ହୋଇ ପ୍ରତ୍ୟକ୍ଷ ଭାବରେ ହେଉଥିବାରୁ ପଦେ ଅଧେ କଥାବାର୍ତ୍ତା ବଳେ ବଳେ ହୋଇଯାଉଥିଲା । ଦୁଇ ତିନି ସେକେଣ୍ଡ ପାଇଁ ହେଉ ପଛକେ ସାନ୍ନିଧ୍ୟ ଆଉ ସ୍ପର୍ଶ ସୁଖ ମଧ୍ୟ ମିଳୁଥିଲା ।

ସବୁ ସାରିଦେଲା ଲୁଚା ଫେରଟା । ସେଦିନ ଝିଅଟା ପାଞ୍ଚପାଳିଆ ଚିଠିଟାଏ ଲେଖି ବହିରେ ପୂରାଇ ଘରୁ ବାହାରୁଥିଲା । ଦୁଆରବନ୍ଧ ପାଖରେ ଶାଢ଼ୀର ଫେରଟାରେ ଛନ୍ଦି ହୋଇ ଟଳି କାଟିଲା ପରି ବାରଣ୍ଡାରେ ପଡ଼ିଗଲା । ବହିଗୁଡ଼ାକ ଛିନ୍ନଛତ୍ର ହୋଇ ପଡ଼ିଲା । ଆଉ ବନ୍ଧୁକ ମୁହଁରୁ ଗୁଳି ଫିଟିଲା ପରି ଦେଢ଼ଶହ ଗ୍ରାମର ଚିଠିଟା ବହି ଭିତରୁ ଛିଟିକି ଆସି ଅଗଣାରେ ପଡ଼ିଲା । ଜନନୀ ତାହାର ଅଗଣାରେ ବସି ଦନ୍ତ ମୋହୁଥିଲେ । ଝିଅର ହେପାଜତ କରିବାକୁ ଉଠି ଆସୁ ଆସୁ କାଗଜ ନେନ୍ଥାକ ଦୃଷ୍ଟି ଆକର୍ଷକ ହେଲା । ତାକୁ ଟୋକାଇ ପାଠାନ୍ତର ପରେ ଝିଅର ପ୍ରେମର ଗୋଲିଡ଼ା, ଅଭ୍ରଟଚ୍ଚ ଅଜ ଉତ୍ପତ୍ତି ସହିତେ ବେଣୁବାବୁଙ୍କର ପଦ୍ମ ମଧ୍ୟ ଓ୍ୱାକବହାଲ୍ ହୋଇଗଲେ । ଏତେବ୍ ଦୋଷ ପାଇଁ ଝିଅକୁ ମଧୁର ସମ୍ଭାଷଣ

Digitized by srujanika@gmail.com

ସବୁ କିଛି ଉତ୍ତମ ମଧ୍ୟମ ଦେଇ ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ତାହାର ସେଦିନ ପାଇଁ ସ୍କୁଲ୍ ଯିବା ବାତିଲ୍ କରିଦେଲେ ଏବଂ ସ୍ୱତନ୍ତ୍ର ଦୂତ ପଠାଇ ସ୍ୱାମୀଙ୍କୁ ଦୋକାନରୁ ଡକାଇ ସବୁ କଥା ଫେଡ଼ି ଦେଇ ତାଙ୍କ ଜ୍ଞାନ ନେତ୍ରକୁ ଖୋଲି କରି ପକାଇଲେ ।

ଏଣେ ବେଣୁବାବୁଙ୍କ ପ୍ରତୀକ୍ଷାରେ ଉଗ୍ର ଜବାବ୍ ଶୁଣି ତଳ ଫାଟିଯିବା ପରେ ସେ ବିରସ ମନରେ ଥାନାକୁ ଆସି ସରକାରୀ କାମରେ ନିଜକୁ ନିୟୋଜିତ କଲେ । ଭାବନା ଅସରନ୍ତି । ଶାରୀରିକ ଅସୁସ୍ଥତା ହେଲା କି ? ଅନ୍ୟ କାରଣ କିଛି ହୋଇ ପାରେ ନାହିଁ । ବାର୍ଷିକ ପରୀକ୍ଷା ମୁଣ୍ଡ ଉପରେ । ଏ ସମୟରେ ଗଧ ପିଲାଗୁଡ଼ାକ ମଧ୍ୟ ସ୍କୁଲ୍ କାମେଇ କରନ୍ତି ନାହିଁ ।

ବେଳ ଅନ୍ଦାଜ ସାଢ଼େ ଏଗାରଟା ହେବ । ହଠାତ୍ ଦେଢ଼ ଶହ ଖଣ୍ଡେ ଲୋକ ଥାନା ଆଡ଼କୁ ଆସୁଥିବାର ଦେଖାଗଲେ । ପହରା ଡ୍ୟୁଟିରେ ଥିବା ସିପାହୀ ଥାନା ବରଣ୍ଡାରୁ ହାଲ୍ ହକିକତ ବୁଝିବା ଲାଗି ଉହୁଙ୍କାଇଲେ । ତାପରେ ସେ ଥାନା ଗେଟ୍ ବନ୍ଦ କରି ବଡ଼ବାବୁଙ୍କୁ ଡାକିବାକୁ ଗଲେ । ପ୍ରାୟ ପାଞ୍ଚମିନିଟ୍ ପରେ ବଡ଼ବାବୁ ଥାନାକୁ ଆସି ହ୍ୱିସିଲ ଫୁଙ୍କି ସବୁ ସିପାହୀଙ୍କୁ ଏକାଠି କରି ଗୁଳି ବନ୍ଧୁକ ସଜ କରିବାକୁ ଆଦେଶ ଦେଇ ଜନତାଙ୍କ ଆଡ଼କୁ ଗଲେ । ବେଣୁବାବୁ କିଛି ବୁଝିପାରୁ ନଥାନ୍ତି । ବଡ଼ବାବୁଙ୍କ ସାଙ୍ଗରେ ହାବିଲ୍‌ଦାର୍ ଆଉ ଦୁଇଜଣ ସିପାହୀ ଖାଲି ହାତରେ ଯାଇଥାନ୍ତି ।

ଏତିକିବେଳେ ପହରା ସିପାହୀ ଆସି ବେଣୁବାବୁଙ୍କ କାନରେ ଫୁସ୍ ଫୁସ୍ ହୋଇ ଲୋକ ଜମିଥିବାର କାରଣ କହିଲା । ସେ ଲୁଗା ଦୋକାନୀ ଝିଅ କୁଆଡ଼େ ବେଣୁବାବୁଙ୍କ ଲେଖିଥିବା ଗୋଟି ଖଣ୍ଡିଏ ଧରାପଡ଼ିଛି ଏବଂ ମାଡ଼-ଘାତରେ ଝିଅଟା ବେଣୁବାବୁ ତାକୁ ଦେଇଥିବା ସମସ୍ତ ଗୋଟି ଦାଖଲ କରି-ଦେଇଛି । ଜନତା ବର୍ତ୍ତମାନ ସେମାନଙ୍କ ହାତରେ ବେଣୁବାବୁଙ୍କୁ ଛାଡ଼ିଦେବା ପାଇଁ ଜିଦ୍ ଧରିଛନ୍ତି ।

ବେଣୁବାବୁଙ୍କ ହାତରୁ କଲମଟା ଖସିପଡ଼ିଲା । ଏପରି ହାଟ ବଜାରରେ କଥାଟା ପଡ଼ିବ ବୋଲି ଜାଣିଥିଲେ ଏସବୁ ଧନ୍ଦାରେ ମୁଣ୍ଡ ଖେଳାଇ ନ ଥାନ୍ତେ । ଏବେ ହେବ କଅଣ ? ସେମାନଙ୍କ ଆଗକୁ ଗଲେ ମାଡ଼

Digitized by srujanika@gmail.com

ଉରଣକ ପାହୁଲାଏ ହେଉଯିବ । ବଡ଼ବାବୁ ଜାଣିଲେଣି, ଇନ୍‌ସପେକ୍‌ଟର ଆଉ ଏସ୍‌. ପି. ସାହେବ ଜାଣିବାକୁ କେତେବେଳ ? କ ଦୁର୍ବୁଦ୍ଧି ତାଙ୍କୁ ଘୋଟିଲା । ସସ୍‌ପେଣ୍ଡ୍ ହେବେ-ଚାକିରି ଯିବ । ଆଖି ତାଙ୍କର ଛଳ ଛଳ ହୋଇ ଉଠିଲା । ଲୋକଙ୍କର ଆଉ ବଡ଼ବାବୁଙ୍କ ଭିତରେ ହେଉଥିବା ବଚସାକୁ ସେ କାନ ଡେରିଲେ । ଲୋକଙ୍କର ଦାବୀ ଆଉ ବଡ଼ବାବୁଙ୍କର ଧୈର୍ଯ୍ୟ ଧରିବା ପାଇଁ ନିବେଦନ ଗୁଡ଼ା ଅସ୍ପଷ୍ଟ ହୋଇ ଶୁଭୁଥାଏ ।

ଏତିକିବେଳେ ଥାନା ପଛ ପାଖ ବାଲିମାଳ ଦେଇ ହାଓଡ଼ା-ପୁରୀ ପାସେଞ୍ଜର ଗାଡ଼ି ଝୁକୁ ଝୁକୁ ହୋଇ ଚାଲିଗଲା । ସେ ଶବ୍ଦରେ କଥାବାର୍ତ୍ତା ଗୁଡ଼ାକ ଲୁଚିଗଲା । ବେଣୁବାବୁ ଭାବୁଥାନ୍ତି ଧରା ପଡ଼ିଲା କେମିତି କଥାଟା ? କିଏ ଜାଣିଲା ? ଏତେ ଅସାବଧାନ ସିଏ ଥିଲେ ! କଅଣ ଅବା ସେ କରିବେ ? ଉଦ୍ଧାର ନିମନ୍ତେ ଦେବାଦେବୀଙ୍କୁ ଗୁଡ଼ାଏ ମାନସିକ କରି ପକାଇଲେ । ଅବିବାହିତ ସେ ହୋଇଥିଲେ ଠିକଏ ଅବା ରକ୍ଷା ମିଳିଥାନ୍ତା । ବିବାହିତ ହୋଇ ଏସବୁ ବ୍ୟାପାରରେ ଫସିବା ତାଙ୍କ ପକ୍ଷରେ ଶୋଭନୀୟ ନୁହେଁ । ଯିଏ ଶୁଣିବ ଆଗ ତାଙ୍କୁ କାଇଲ୍ କରିବ ।

ଏହି ସମୟରେ ଥାନା ଫାଟକ ଖୋଲି ଲୋକଙ୍କୁ ଆଡ଼େଇ ବଡ଼ବାବୁ ଯେଉଁ ରିକ୍‌ସାଟାକୁ ଥାନା ହତା ଭିତରକୁ ଆସିବାର ସୁବନ୍ଦୋବସ୍ତ କରିଦେଲେ ବେଣୁବାବୁ ଆଖିମଳି ଦେଖିଲେ ଯେ ସେଥିରେ ଶାଶୁ ପରିବେଷ୍ଟିତା ହୋଇ ସବଞ୍ଜା ତାଙ୍କର ସ୍ତ୍ରୀ ବସିଛନ୍ତି । ରିକ୍‌ସାଟା କ୍ୱାର୍ଟର୍ସ ଆଡ଼କୁ ଗଲା । ଜଣେ ସିପାହୀ ହାତରେ ବସା ଚାବିଟା ପଠାଇଦେବା ଛଡ଼ା ତାଙ୍କର ଅନ୍ୟ ଗତି ରହିଲା ନାହିଁ । ହାୟରେ ! ଏମାନଙ୍କୁ ଆଜ ମାନ ଆସିବାକୁ ଥିଲା । ପୁଣି ଶାଶୁ ପରି ଗୁରୁଜନଙ୍କୁ ସଙ୍ଗରେ ଆଣି ! ଦଇଟା ଧାଡ଼ି ସାନ ଶଳାଙ୍କର ପାଠ ଏମିତି ବନ୍ଦେଇ ପକାଇଲା ? ଆସିବାଟା କୋଉ ଜରୁରୀ ଥିଲା ? ଏବେ ତ ଘରର ଧନ ତଳେ ପୁଅ ଏକୋଇଶାକୁ ସୁନାଚେନ୍ ନେଇ ଯାଇଥିଲେ । ଅବଶ୍ୟ କାମର ଚାପ ଯୋଗୁଁ କେତେ-ଘଣ୍ଟା ମାତ୍ର ରହି ପୁଅକୁ ଦେଖି ଆସିଥିଲେ ।

ଥାନା ବାରଣ୍ଡାରେ ଟହଲଦାର ସିପାହୀମାନଙ୍କ ହରକ୍ତ ହମଣଃ ବଢ଼ିଲା । ଅଧିକାଂଶ ଏତେବେଳକୁ କଣ ହଇଟା ପୁଚିଆ ପୁଚି କରି ଖବର

Digitized by srujanika@gmail.com

ଆହାର ପ୍ରସ୍ତୁତ କରଥାନ୍ତେ । ଝୋକା ଜମାଦାର ବାବୁଙ୍କ ରସିକ ପଣିଆ ଯୋଗୁଁ ଏ ବୈଶ୍ୱା ବେଠି ତାଙ୍କୁ ଭଲ ଲଗୁ ନ ଥାଏ । ସେମାନଙ୍କର ଝିଟିକାଶ୍ୱ, ଖଣ୍ଡିକାଶ ଆଉ ଦରହାସର ସଂମିଶ୍ରଣରେ ଯେଉଁ ମରମ ଛୁଆଁ ପରହାସ ସୃଷ୍ଟି ହେଉଥାଏ, ସେଥିରେ ବେଣୁବାବୁ ବ୍ୟତିବ୍ୟସ୍ତ ହୋଇ ଉଠୁଥାନ୍ତି । ସାଢ଼େ ଏଗାରଟାରୁ ସାଢ଼େ ଗୋଟାଏ ହେଲଣି ତଥାପି ଲୋକେ ଭିଡ ଭାଙ୍ଗୁ ନ ଥାନ୍ତି । ଇନ୍‌ସପେକ୍ଟର ମଧ୍ୟ ଆସି ସାରଲେଣି । ସେମାନେ ଥାନାକୁ ଆସିଲେ ପୁଣି କେତେ ଜେରା କରବେ ତାଙ୍କୁ ।

ନା ଥାନାରେ ରହି ହେଉଥାଏ ନା ଲୋକଙ୍କ ଘେର ଭାଙ୍ଗି କୁଆଡେ କୁଆଡେ ପଳାଇ ହେଉଥାଏ । ବଷାରେ ଯାଇ କବାଟ ବନ୍ଦ କରି ଯାହା ଲୁଚ ଥାଆନ୍ତେ ଶାଶୁ ଆଉ ସ୍ତ୍ରୀଙ୍କ ପାଇଁ ସେ ବାଟ ମଧ୍ୟ ବନ୍ଦ । ମୁହଁ କମିତି ଯାଇ ଘରେ ଦେଖାଇବେ । କଥାଟା ଫୁଟୁ ଫୁଟୁ ହୋଇ ସେମାନଙ୍କ କାନରେ ବାଜ ଯିବଣି ଏତେବେଳକୁ ।

ଅନେକ ବୁଝାଶୁଝା ପରେ ଇନ୍‌ସପେକ୍ଟରଙ୍କର ମୌଖିକ ପ୍ରତିଶ୍ରୁତି ପରେ ଲୋକମାନେ ଘେରାଉ ବନ୍ଦ କଲେ । ଲୋକଙ୍କ ତରଫରୁ ଏସ୍.ପି: କଲେକ୍ଟରଙ୍କୁ ଦରଖାସ୍ତ ପଠାଯିବାର ସୁବନ୍ଦୋବସ୍ତ ହେଲା । ଇନ୍‌ସପେକ୍ଟର ଓ ବଡ଼ବାବୁ ଥାନାକୁ ଆସି ତାଙ୍କୁ ଡକାଇଲେ । ଆଉ ମୁହଁ ଅଛି ଯେ ସେ ସାମନା କରବେ । ଯିଏ ଯେତେ ଡ଼ାକଲେ ମଧ୍ୟ ହୁଁ ଚୁଁ ନ ହୋଇ ଟେବୁଲରେ ମୁଣ୍ଡ ମାଡ଼ି ସକଡ଼ି ଥାଆନ୍ତି ।

ବଡବାବୁ ବରକ୍ତ ହୋଇ ଏ ଘରକୁ ପଶି ଆସି ଶ୍ଳେଷାତ୍ମକ ଭାବରେ କହଲେ "ଶଠି ଦେଲାବେଳକୁ ଅଣ୍ଡିରି ପୁଅ ! ଆଉ ଏତେବେଳକୁ ମାଇଚଆଙ୍କ ପରି ସକେଇ ହେଲେ କଅଣ ହେବ ?"

ସକାଳୁ ଇନ୍‌ସପେକ୍ଟର ସ୍ୱତନ୍ତ୍ର ପତ୍ରବାହକ ହାତରେ ଗୁପ୍ତ ଚିଠିଟିଏ ଲେଖି ଏସ୍.ପି. ସାହେବଙ୍କ ପାଖକୁ ସଦର ମୁକାମକୁ ପଠାଇଲେ । ସେଇ ପତ୍ରବାହକ ହାତରେ ସଞ୍ଜ ସରକ ବେଣୁବାବୁଙ୍କର ସଦରଥାନାକୁ ଚବଶ ଘଣ୍ଟା ମଧ୍ୟରେ ବଦଲ ଆଦେଶ ଆସିଲା । ରାତି ପର୍ଯ୍ୟନ୍ତ ଥାନା ଗୃହ ପାଖରେ ପୋଲିସ୍ ପହରା ଦେଉଥାନ୍ତି । ରାତି ଅଧରେ ବଡ଼ବାବୁ ଦୁଇଜଣ ସିପାହୀ ଓ ବେଣୁବାବୁଙ୍କୁ ନେଇ ତାଙ୍କ କ୍ୱାଟରର୍ସରୁ ସ୍ତ୍ରୀ, ଶାଶୁ ଓ ପୁଅକୁ ନେଇ ଥାନା ପଛ ପାଖ ନାଳ ପାରହୋଇ ଅରମା ବଲରେ ବଜର ଦେଢ଼ ମାଇଲ୍ ଅନ୍ଧାରରେ ଝୁଣ୍ଟି କରୁଡ଼ ହୋଇ ରେଳ ଷ୍ଟେସନ ଧରଥିଲେ । ରାତି

Digitized by srujanika@gmail.com

ପାସେଞ୍ଜର ଗାଡ଼ିର ଝାପ୍‌ସା ଆଲୁଅରେ ସେ ତାଙ୍କ ସ୍ତ୍ରୀଙ୍କ ମୁହଁକୁ ସେଦିନ ପହିଲି ଥର ପାଇଁ ଦେଖିଥିଲେ । ପନ୍ଦରଦିନ ପରେ ଗୋଟାଏ ଟ୍ରକ୍‌ରେ ବଡବାବୁ ତାଙ୍କର ବିଛଣା କୁଛଣା, ଟ୍ରଙ୍କ୍ ବାକ୍‌ସ, ହାଣ୍ଡି କୁଣ୍ଡେଇ ପଠାଇ ଦେଇଥିଲେ ।

ଏ ପ୍ରଚାଣ୍ଡ ଚରିତ୍ରିକ ଉଜ୍ଜ୍ୱଳତା ତାଙ୍କୁ ଜନ୍ଦଗୀଭର୍ ପ୍ରମୋଶନ୍‌ରୁ ବଞ୍ଚିତ କରିଥାନ୍ତା । ହେଲେ ଗାଇବଣିଆ ଥାନାର ଅଗମ୍ୟ ଅଞ୍ଚଳରେ ଥରେ ସେ ଜୀବନକୁ ବାଜି ଲଗେଇ ଦେଇ ଗୋଟା ଜବର ଡକାଏତ୍ ଦଳଙ୍କୁ କାମ ଉପରୁ ଗିରଫଦାର୍ କରି ପାରିଥିବାରୁ ଗତାଗତ୍ ସବ୍‌ଇନ୍‌ସପେକ୍ଟର ଓ କାଳକ୍ରମେ ଇନ୍‌ସପେକ୍ଟର ହୋଇ ଅବସର ଗ୍ରହଣ କରିଥିଲେ ।

Digitized by srujanika@gmail.com